


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-109 ◆MONDAY ◆12 OCTOBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୦୯ ◆ସୋମବାର ◆୧୨ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






| | 125 | NS 125 | N160 S/SS | NS 160 | 220 | NS 400 |
|---|---|---|---|---|---|---|
| ଏକ୍ସ-ଶୋରୁମ୍ ମୂଲ୍ୟ | ₹95 191/- | ₹1 04 082/- | ₹1 21 988/- | ₹1 27 304/- | ₹1 42 166/- | ₹1 86 806/- |
| କ୍ୟାଶ୍ ଅଫର୍ | ₹2 500/- | ₹2 500/- | ₹3 000/- | ₹3 000/- | ₹3 000/- | ₹5 000/- |
| PF ସେଭିଙ୍ଗ + 5 ମାଗଣା ସର୍ଭିସ୍ | ₹3 500/- | ₹3 700/- | ₹4 500/- | ₹4 500/- | ₹4 700/- | ₹7 000/- |
| ମୋଟ ସଞ୍ଚୟ | ₹6 000/- | ₹6 200/- | ₹7 500/- | ₹7 500/- | ₹7 700/- | ₹12 000/- |

Flipkart amazon.in ରେ ମଧ୍ୟ ଉପଲବ୍ଧ*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଆବେଦନ କରନ୍ତୁ । 31 ଅକ୍ଟୋବର 2026 ପର୍ଯ୍ୟନ୍ତ ସଞ୍ଚୟ ପ୍ରଯୁଜ୍ୟ । ଉଲ୍ଲିଖିତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ଅଫର୍, ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (2 ଅତିରିକ୍ତ ମାଗଣା ସର୍ଭିସ୍) ର ସମଷ୍ଟି । ଫାଇନାନ୍ସରଙ୍କ ଉପରେ ନିର୍ଭର କରି ଅଲଗା ଅଲଗା ଲୋକେସନ୍‌ରେ ଶୂନ୍ୟ ପ୍ରୋସେସିଙ୍ଗ ଫୀ ଅଲଗା ହୋଇପାରେ । ଫାଇନାନ୍ସରଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ପ୍ରଯୁଜ୍ୟ ଅଫର୍ ମଡେଲ/ଅଞ୍ଚଳ ଅନୁସାରେ ଭିନ୍ନ ହୋଇପାରେ । ଉଦ୍ଧୃତ ଏକ୍ସ-ଶୋରୁମ୍ ମୂଲ୍ୟଗୁଡ଼ିକ ଯଥାଯୋଗ୍ୟ ମଡେଲଙ୍କ ବେସ୍ ଭାରିଆଣ୍ଟ'ର ଅଟେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା କରାଯାଇଛି, ପ୍ରୋଫେଶନାଲ୍ ସୁପରଭିଜନ୍ ରେ, ଏକ ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ, ସର୍ବସାଧାରଣ ବା ସର୍ବସାଧାରଣଙ୍କ ସଡ଼କ ଠାରୁ ଦୂରରେ । ଏସବୁ ଷ୍ଟଣ୍ଟକୁ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକୁ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •Dungripalli UJJWAL BAJAJ 9937679753 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela** RM BAJAJ 9078083803 • **Sundergarh** RM BAJAJ 9078083500 • **Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ** 9337200356.

## ବିଶେଷ ଟିପ୍ପଣୀ



ମୋଦୀ-ଶାହ ସରକାର ନାଗରିକଙ୍କ ମତଦାନ ଅଧିକାର ପରେ ଏବେ ଅସହମତି ପ୍ରକାଶ କରିବାର ଅଧିକାରକୁ ମଧ ଛଡ଼ାଇ ନେବାକୁ ଉଦ୍ୟମ କରୁଛନ୍ତି।

*–ଗୌରବ ଗୋଗୋଇ (ବରିଷ୍ଠ କଂଗ୍ରେସ ନେତା)*



ଦିଲ୍ଲୀରେ ପ୍ରତିବାଦ ସମୟରେ ବିରୋଧୀ ନେତା ଓ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯିବାକୁ ନେଇ ପ୍ରତିବାଦ କରୁଛି। ଦିଲ୍ଲୀରେ ରହି ସୋମବାର ପ୍ରସ୍ତାବିତ ବିରୋଧୀ ମେଣ୍ଟର ଆନ୍ଦୋଳନରେ ନିଶ୍ଚିତ ଭାବେ ଯୋଗଦେବି।

*–ମମତା ବାନାର୍ଜୀ (ଟିଏମ୍‌ସି ସୁପ୍ରିମୋ)*

## ଜେନ୍ Z

ଦିଲ୍ଲୀରେ ଥିବା ସମସ୍ତ କକ୍ରୋଚ୍ ରହିଯାଆନ୍ତୁ; ପରବର୍ତ୍ତୀ ଆହ୍ୱାନ ଖୁବ୍ ଶୀଘ୍ର ଆସୁଛି। ନେତା ଓ ପ୍ରଦର୍ଶନକାରୀମାନେ ମୁକ୍ତ ହେବା ପରେ ଆନ୍ଦୋଳନ ପୁଣି ଜୋର ଧରିବ।

–କକ୍ରୋଚ୍ ଜନତା ପାର୍ଟି @Cockroachisback

# ଅଶାନ୍ତ ମଣିପୁର; ପୁଣି ଗୋଷ୍ଠୀ ସଂଘର୍ଷରେ ୯ ମୃତ

ଇମ୍ଫାଲ,୧୧।୧୦(ଏଜେନ୍ସି): ମଣିପୁରର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ପୁଣି ହିଂସା ଦେଖାଦେଇଛି। ଶୁକ୍ରବାର ଓ ଶନିବାର ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଯୋଗୁଁ ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଘର ଜାଳିଦିଆଯାଇଛି। ରବିବାର ମଧ କାମଜୋଙ୍ଗ, ଉଖରୁଲ ଓ କାଙ୍ଗପୋକପି ଜିଲ୍ଲାରେ ଉତ୍ତେଜନା ଜାରି ରହିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ୱାଇ ଖେମଚାନ୍ଦ ସିଂହ ହିଂସାକୁ ନିନ୍ଦା କରିବା ସହ ସମସ୍ତ ସମ୍ପ୍ରଦାୟକୁ ଶାନ୍ତି ଓ ସଂଯମ ରକ୍ଷା କରିବାକୁ ନିବେଦନ କରିଛନ୍ତି। ଶାନ୍ତି ଫେରାଇ ଆଣିବା ଓ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାତିରେ ନାଗା ସଂଖ୍ୟାଗରିଷ୍ଠ କାମଜୋଙ୍ଗ ଜିଲ୍ଲାର କୁକି ଅଧ୍ୟୁଷିତ ଚାସାଦ ଗାଁରେ ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଅଜ୍ଞାତ ଆକ୍ରମଣକାରୀ ଗୁଳି କରି ହତ୍ୟା କରିଥିଲେ। ଏହା ପରେ କୁକି ଓ ନାଗା ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଶନିବାର କାଙ୍ଗପୋକପି ଜିଲ୍ଲାର ଟାପୋନ୍ ଓ ମାକୁଇ ଗାଁରେ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଦୁଇ ଗ୍ରାମରକ୍ଷୀଙ୍କ ସମେତ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିବା ଅଧିକାରୀମାନେ କହିଛନ୍ତି। କାମଜୋଙ୍ଗର ନିଙ୍ଗଚୌ ଗାଁରେ ଗୁଳିମାଡ଼ରେ ଆଉ ଦୁଇ ଜଣ ପ୍ରାଣ ହରାଇଛନ୍ତି। ଉଖରୁଲରେ ମଧ ଗାଡ଼ିରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚଳିତ ବର୍ଷ ଫେବ୍ରୁଆରିଠାରୁ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ହିଂସାରେ ୪୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି। ଏହା ପୂର୍ବରୁ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସାରେ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।



# ୟେମେନ ଯାଉଥିବା ଡଙ୍ଗା ବୁଡ଼ି ୧୦୯ ମୃତ, ୧୧୬ ନିଖୋଜ

ଜେନେଭା,୧୧।୧୦(ଏଜେନ୍ସି): ଜିବୁତିରୁ ପ୍ରବାସୀଙ୍କୁ ନେଇ ୟେମେନ ଯାଉଥିବା ଏକ ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ିଯାଇଛି। ଅତ୍ୟଧିକ ଯାତ୍ରୀବୋଝ କାରଣରୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ଅତି କମ୍‌ରେ ୧୦୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୫ ଜଣ ଶିଶୁ ଅଛନ୍ତି। ଅନ୍ୟ ୧୧୬ ଜଣ ନିଖୋଜ ଥିବା ଜାତିସଂଘର ଅନ୍ତର୍ଜାତୀୟ ପ୍ରବାସନ ସଂଗଠନ (ଆଇଓଏମ୍) ରବିବାର ସୂଚନା ଦେଇଛି। ଅକ୍ଟୋବର ୮ ଓ ୯ ତାରିଖ ମଧ୍ୟବର୍ତ୍ତୀ ରାତିରେ ଘଟିଥିବା ଏହି ଦୁର୍ଘଟଣା ସମୟରେ ଡଙ୍ଗାରେ ପ୍ରାୟ ୩୫୦ ଜଣ ଯାତ୍ରୀ ଥିଲେ। ଜିବୁତିର ଓବକ୍ ସହରର ଉତ୍ତର ଉପକୂଳ ନିକଟରେ ଡଙ୍ଗାଟି ବୁଡ଼ିଯାଇଥିବା ବଞ୍ଚିଯାଇଥିବା ଯାତ୍ରୀମାନେ କହିଛନ୍ତି। ୮୦ରୁ ଅଧିକ ଲୋକ ଏହି ଦୁର୍ଘଟଣାରୁ ବଞ୍ଚିଯାଇଛନ୍ତି। ସେମାନେ ସମସ୍ତେ ଇଥିଓପିଆର ନାଗରିକ। ଉଦ୍ଧାର ହୋଇଥିବା ମୃତଦେହ ମଧ୍ୟରେ ୫୨ ଜଣ ପୁରୁଷ, ୪୨ ଜଣ ମହିଳା ଓ ୧୫ ଜଣ ଶିଶୁ ଅଛନ୍ତି। ନିଖୋଜଙ୍କ ସନ୍ଧାନରେ ଜିବୁତି କର୍ତ୍ତୃପକ୍ଷ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ଓବକ୍‌ର ଏକ ପ୍ରବାସୀ କେନ୍ଦ୍ରରେ ୬୪ ଜଣ ବଞ୍ଚିଯାଇଥିବା ଯାତ୍ରୀଙ୍କୁ ଆଇଓଏମ୍ ସହାୟତା ଯୋଗାଉଛି। ଦାରିଦ୍ର୍ୟ, ଅସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଅନେକ ଲୋକ ବିପଜ୍ଜନକ ସମୁଦ୍ରପଥରେ ୟେମେନ ଦେଇ ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ସଂଗଠନ କହିଛି।

# ରିୟାଦ ବିମାନବନ୍ଦରରେ ହୁତି ଆକ୍ରମଣ: ୧୨ ମୃତ, ୩୦୯ ଆହତ

ରିୟାଦ,୧୧।୧୦ (ଏଜେନ୍ସି): ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦୯ ଜଣ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ବିମାନବନ୍ଦର ଉପରେ ଏହା ତୃତୀୟ ଆକ୍ରମଣ। ଘଟଣା ପରେ ବିମାନ ଚଳାଚଳ ବନ୍ଦ ରଖାଯିବା ସହ ବିମାନଗୁଡ଼ିକର ଗତିପଥ ବଦଳାଯାଇଛି। ସାଉଦି କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ମୃତକଙ୍କ ମଧ୍ୟରେ ସାଉଦି ଆରବର ଚାରି ଜଣ ଏବଂ ବାଂଲାଦେଶର ଦୁଇ ଜଣଙ୍କ ସମେତ ଆମେରିକା, ଜୋର୍ଡାନ, ପାଲେଷ୍ଟାଇନ, ସିରିଆ, ସୁଦାନ ଓ ଇଜିପ୍ଟର ଜଣେ ଲେଖାଏଁ ନାଗରିକ ଅଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଆକ୍ରମଣ ପାଇଁ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ନିଜକୁ ଦାୟୀ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ 'ଭୟାବହ' ବୋଲି କହିବା ସହ ହୁତି ବିଦ୍ରୋହୀଙ୍କ ବିରୋଧରେ ସାଉଦି ଆରବର ସାମରିକ ଅଭିଯାନରେ ଆମେରିକା ସାମିଲ ହେବ କି ନାହିଁ, ତାହା ବିଚାର କରାଯାଉଥିବା କହିଛନ୍ତି।



## ନିନ୍ଦା କଲା ଭାରତ

ଏହି ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି। ସାଧାରଣ ନାଗରିକ ଓ ନାଗରିକ ଭିତ୍ତିଭୂମି ଉପରେ ବାରମ୍ବାର ଆକ୍ରମଣ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ଏହା ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ଭାରତ କହିଛି। ବୈଦେଶିକ ମନ୍ତ୍ରଣାଳୟର ବିବୃତି ଅନୁଯାୟୀ, ଅକ୍ଟୋବର ୧୦ରେ ଆକ୍ରମଣ ସମେତ ବିଗତ କିଛି ଦିନ ଧରି ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ଜୀବନହାନି ଓ ସମ୍ପତ୍ତି ନଷ୍ଟ ହୋଇଛି। ଘଟଣା ପରେ ବିମାନ ଚଳାଚଳ ସାମୟିକ ଭାବେ ବନ୍ଦ ରଖାଯାଇଥିଲା। ଭାରତ ସାଉଦି ଆରବର ସାର୍ବଭୌମତ୍ୱର ସୁରକ୍ଷା ପ୍ରତି ସମର୍ଥନ ଜଣାଇବା ସହ ଏହି ଅଞ୍ଚଳରେ ଶୀଘ୍ର ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରିବ ବୋଲି ଆଶା ପ୍ରକାଶ କରିଛି।









# ଏମର୍ଜେନ୍‌ସି ଭଳି ପରିସ୍ଥିତି କରାଯାଉଛି: ସିଜେପି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ଆନ୍ଦୋଳନ ଦେଶବ୍ୟାପୀ ହେବ ବୋଲି କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତାମାନେ ଚେତାବନୀ ଦେଇଛନ୍ତି। ଅଟକରୁ ମୁକ୍ତ ହେବା ପରେ ଦିଲ୍ଲୀରେ ସୌରଭ ଦାସ ଓ ଆଶୁତୋଷ ରାଙ୍କା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସିଇସି ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ। ସେମାନେ ଅଭିଯୋଗ କରିଛନ୍ତି ଯେ ପୁଲିସ ସେମାନଙ୍କୁ ବିନା ନୋଟିସରେ ବେଆଇନ ଭାବେ ଅଟକ ରଖିଥିଲା। ସେମାନଙ୍କ ଫୋନ୍ ଜବତ କରାଯାଇଥିଲା ଏବଂ ଆଇନଜୀବୀଙ୍କ ସହ ଯୋଗାଯୋଗ କରିବାକୁ ଦିଆଯାଇ ନଥିଲା। ସେମାନେ ସରକାରଙ୍କ ଏପରି ଆଚରଣକୁ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି ସହ ତୁଳନା କରିଛନ୍ତି। ବର୍ତ୍ତମାନ ସରକାର ଦିଲ୍ଲୀରେ ଏମର୍ଜେନ୍ସି ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି। ଗୋଟିଏ ବର୍ଷ ପର୍ଯ୍ୟନ୍ତ ଶାନ୍ତି ଭଙ୍ଗ ନକରିବା ପାଇଁ ସର୍ତ୍ତ ଏବଂ ୫୦,୦୦୦ ଟଙ୍କାର ମୁଚାଲିକାରେ ସେମାନଙ୍କୁ ମୁକ୍ତ କରାଯାଇଥିଲା। ହେଲେ ସିଜେପି ନେତାମାନେ ସ୍ପଷ୍ଟ କରିଛନ୍ତି ଯେ ସେମାନେ ଏଭଳି କୌଣସି ବଣ୍ଡରେ ଦସ୍ତଖତ କରି ନାହାନ୍ତି। ନିର୍ଦ୍ଧାରିତ ସ୍ଥାନରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା କୌଣସି ଅପରାଧ ନୁହେଁ ଏବଂ ଜନସାଧାରଣଙ୍କ ଭୋଟ୍ ଦେବାର ଅଧିକାର ରକ୍ଷା ପାଇଁ ଆନ୍ଦୋଳନ ଜାରି ରହିବ। ସୂଚନାଯୋଗ୍ୟ ଯେ ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଗତକାଲି ଠାରୁ ପୁଲିସ ଅଟକ ରଖିଥିଲା। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଆଜି ସକାଳେ ଦିଲ୍ଲୀର ଜ।ଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପୁଲିସ ପକ୍ଷରୁ ସେମାନଙ୍କୁ ହାଜର କରାଯାଇଥିଲା। ଶାନ୍ତି ବଜାୟ ରଖିବା ଓ ସଦାଚରଣ ପାଇଁ ସେମାନେ ୫୦ ହଜାର ଟଙ୍କାର ମୁଚାଲିକା ଦାଖଲ କରିବା ପରେ ସେମାନଙ୍କୁ ମୁକ୍ତ କରାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୨୬ ଓ ୧୭୦ ଅନୁଯାୟୀ ପୁଲିସ ସେମାନଙ୍କୁ ପ୍ରତିଷୋଧମୂଳକ ଭାବେ ଅଟକ ରଖିଥିଲା।



## ମୋତେ ଅପହରଣ କରାଯାଇଥିଲା: ଧ୍ରୁବ ରାଠୀ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଦିଲ୍ଲୀ ପୁଲିସ ହେପାଜତରୁ ମୁକ୍ତ ହେବା ପରେ ୟୁଟ୍ୟୁବର୍ ଧ୍ରୁବ ରାଠୀ ନିଜକୁ ଅଟକ ରଖାଯାଇନଥିଲା, ବରଂ ଅପହରଣ କରାଯାଇଥିଲା ବୋଲି ଅଭିଯୋଗ କରିଛନ୍ତି। ଶନିବାର ଗୁରୁଗ୍ରାମର ସେକ୍ଟର-୫୬ସ୍ଥିତ ତାଙ୍କ ବାସଭବନରୁ ପୁଲିସ ତାଙ୍କୁ ନେଇଯାଇଥିବାବେଳେ ବିଳମ୍ବିତ ରାତିରେ ସେ ମୁକ୍ତ ହୋଇଥିଲେ। ମୁକ୍ତି ପରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାଠୀ ଲେଖିଛନ୍ତି, 'ମୋତେ ଗିରଫ କିମ୍ବା ଅଟକ ରଖାଯାଇ ନ ଥିଲା, ମୋତେ ଅପହରଣ କରାଯାଇଥିଲା।' ଘଟଣା ସମ୍ପର୍କରେ ସେ ବିସ୍ତୃତ ତଥ୍ୟ ଦେବେ ବୋଲି ମଧ କହିଛନ୍ତି। କକ୍ରୋଚ୍ ଜନତା ପାର୍ଟି (ସିଜେପି) ଅଭିଯୋଗ କରିଛି ଯେ ଶନିବାର ସକାଳ ପ୍ରାୟ ୮ଟାରେ ସାଧା ପୋଷାକରେ ଥିବା ପ୍ରାୟ ୫୦ ଜଣ ପୁଲିସ କର୍ମଚାରୀ ରାଠୀଙ୍କ ଘରେ ପହଞ୍ଚି ତାଙ୍କୁ ନେଇଯାଇଥିଲେ। ତେବେ ଏହି ଅଭିଯୋଗ ସମ୍ପର୍କରେ ପୁଲିସର ପକ୍ଷ ରିପୋର୍ଟରେ ସ୍ପଷ୍ଟ ହୋଇନାହିଁ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏହି ପ୍ରତିବାଦ ସହ ଜଡ଼ିତ ଘଟଣାରେ ରାଜନେତାଙ୍କ ସମେତ ୩ ହଜାରରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇ ପରେ ମୁକ୍ତ କରାଯାଇଥିଲା। ସିଜେପିର ତିନି ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ମଧ ପ୍ରତିଷେଧମୂଳକ ଭାବେ ଅଟକ ରଖାଯାଇଥିଲା। ପରେ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।



## ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନିରାଶ ଲାଗୁଛି: ଶିବଲ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ସୁପ୍ରିମକୋର୍ଟ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ଶିବଲଙ୍କ ଆସ୍ଥା ପୁନଃସ୍ଥାପନ କରିବାକୁ ଉଦ୍ୟମ କରାଯିବ ବୋଲି ରବିବାର କହିଛନ୍ତି ସୁପ୍ରିମକୋର୍ଟ। ନିର୍ବାଚନୀ ତାଲିକାରେ କଥିତ ଅନିୟମିତତା ସମ୍ପର୍କିତ ମାମଲାରେ ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେଉଥିବା ନେଇ ଶିବଲ ଦିନକ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲେ। ରବିବାର ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କଟକଣା ଏବଂ କଥିତ ବେଆଇନ ଅଟକକୁ ନେଇ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ, ଏହି ଅନୁଷ୍ଠାନ ଉପରେ ଶିବଲଙ୍କ ଆସ୍ଥା ଫେରାଇ ଆଣିବାକୁ ଆମେ ସଂକଳ୍ପବଦ୍ଧ। ଶିବଲଙ୍କ ଆସ୍ଥାକୁ ନ୍ୟାୟାଳୟର ଏକ ଶକ୍ତି ବୋଲି ମଧ ଖଣ୍ଡପୀଠ ଉଲ୍ଲେଖ କରିଥିଲେ। ଶନିବାର ସାମ୍ବାଦିକ ସମ୍ମିଳନୀରେ ଶିବଲ କହିଥିଲେ, ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ଅଭିଯୋଗ ନେଇ ବାରମ୍ବାର ସୁପ୍ରିମକୋର୍ଟ ଯିବାକୁ ସେ ଏବେ ଥକି ପଡ଼ିଛନ୍ତି। ଅଦାଲତକୁ ଯାଇ କିଛି ଲାଭ ହେବ କି ନାହିଁ, ତାହା ନେଇ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିବା ସେ କହିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ମଧ ସ୍ପଷ୍ଟ କରିଥିଲେ। ମୁଖ୍ୟ ବିଚାରପତିଙ୍କ ଉପରେ ଅସନ୍ତୁଷ୍ଟ କି ବୋଲି ପ୍ରଶ୍ନରେ ଶିବଲ କହିଥିଲେ, ଏହା ବ୍ୟକ୍ତିଗତ ସନ୍ତୋଷ କିମ୍ବା ଅସନ୍ତୋଷର ପ୍ରସଙ୍ଗ ନୁହେଁ। ଲୋକଙ୍କ ଅଧିକାର ପାଇଁ ଲଢ଼ିବା ଆଇନଜୀବୀଙ୍କ ଦାୟିତ୍ୱ। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଲଗାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ରୋକିବା ନେଇ ସେ ପ୍ରଶ୍ନ ଉଠାଇଥିଲେ। ଟ୍ରେନ୍ କିମ୍ବା ବିମାନରେ ଦିଲ୍ଲୀ ଆସୁଥିବା ଲୋକଙ୍କୁ ପ୍ରତିବାଦସ୍ଥଳରେ ପହଞ୍ଚିବା ପୂର୍ବରୁ ଅଟକ ରଖାଯାଉଥିବା ଅଭିଯୋଗ ମଧ କରିଥିଲେ। ଦିଲ୍ଲୀରେ ବ୍ୟାପକ ବ୍ୟାରିକେଡିଂ ଓ ସୁରକ୍ଷା ବଳ ମୁତୟନକୁ ନେଇ ମଧ ଶିବଲ ପ୍ରଶ୍ନ ଉଠାଇଥିଲେ।



# ବ୍ୟାରିକେଡ୍ ହଟୁନି, ଦିଲ୍ଲୀରେ କଡ଼ା ସୁରକ୍ଷା ବଳବତ୍ତର

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିବା ପରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିଛି। ରବିବାର ଲଗାତାର ଦ୍ୱିତୀୟ ଦିନ ପାଇଁ ରାଜଧାନୀରେ ୩୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀ ମୁତୟନ ହୋଇଛନ୍ତି। ଶନିବାର ଯନ୍ତରମନ୍ତରରେ ପ୍ରସ୍ତାବିତ ସମାବେଶ ପାଇଁ ଅନୁମତି ମିଳିନଥିବାରୁ ସେଠାକୁ ଯିବାକୁ ଉଦ୍ୟମ କରୁଥିବା ବହୁ ଆନ୍ଦୋଳନକାରୀଙ୍କୁ ପୁଲିସ ଅଟକ ରଖିଥିବା ରିପୋର୍ଟରେ କୁହାଯାଇଛି। ତେବେ ଅଟକ ବ୍ୟକ୍ତିଙ୍କ ସଠିକ୍ ସଂଖ୍ୟା ସମ୍ପର୍କରେ ଏହି ରିପୋର୍ଟରେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସୁରକ୍ଷା ପରିଚାଳନାରେ ଦିଲ୍ଲୀ ପୁଲିସକୁ ୧୨୦ରୁ ଅଧିକ କମ୍ପାନି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ସହାୟତା କରୁଛି। ନୂଆଦିଲ୍ଲୀ ଜିଲ୍ଲାକୁ ୨୦ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ବିଭିନ୍ନ ଜୋନ୍‌ରେ ବରିଷ୍ଠ ପୁଲିସ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ରାଜଧାନୀର ସୀମାନ୍ତ ଅଞ୍ଚଳ, ରେଳଷ୍ଟେସନ୍, ବସ୍ ଟର୍ମିନାଲ୍ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ବଢ଼ାଯାଇଛି। ଯାନବାହନ ଯାଞ୍ଚ ସହ ହୋଟେଲ, ଅତିଥିଶାଳା, ଲଜ୍ ଓ ଧର୍ମଶାଳାରେ ରହୁଥିବା ଲୋକଙ୍କ ପରିଚୟ ଯାଞ୍ଚ କରାଯାଉଛି। ଆନ୍ଦୋଳନ ପାଇଁ ଲୋକଙ୍କୁ ଏକାଠି କରିବାର ସମ୍ଭାବନା ଉପରେ ନଜର ରଖିବାକୁ ସାମାଜିକ ଗଣମାଧ୍ୟମର ଗତିବିଧି ମଧ ଯାଞ୍ଚ କରାଯାଉଛି। ପୁଲିସ ପକ୍ଷରୁ ଲୋକଙ୍କୁ ଶାନ୍ତି ବଜାୟ ରଖିବା ଏବଂ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଯାତ୍ରା କରିବା ପୂର୍ବରୁ ସରକାରୀ ସୂଚନା ଯାଞ୍ଚ କରିବାକୁ ମଧ ପରାମର୍ଶ ଦିଆଯାଇଛି।




# ୨୧୦୦ ସୁଦ୍ଧା ମାନବଜାତିର ଅସ୍ତିତ୍ୱ ପ୍ରତି ବିପଦ!

## ଘାତକ ସାଜିବ ପରମାଣୁ ଯୁଦ୍ଧ, ଏଆଇ, ଜୈବ ଅସ୍ତ୍ର

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ପରମାଣୁ ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଓ ଜୈବ ଅସ୍ତ୍ର ଆଗାମୀ ଦଶନ୍ଧିଗୁଡ଼ିକରେ ମାନବଜାତିର ଅସ୍ତିତ୍ୱ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ। ଚିକିତ୍ସା ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ପତ୍ରିକା 'ଦି ଲାନ୍‌ସେଟ୍'ରେ ପ୍ରକାଶିତ ଏକ ନୂତନ ରିପୋର୍ଟରେ ଏପରି ଚେତାବନୀ ଦିଆଯାଇଛି। ଏହି ବିପଦଗୁଡ଼ିକ ଯୋଗୁଁ ୨୧୦୦ ସୁଦ୍ଧା ମାନବଜାତିର ବିଲୁପ୍ତି ଘଟିବାର ଆଶଙ୍କା ଥିଲେ ମଧ ଏହାର ସମ୍ଭାବନା କମ୍ ବୋଲି ରିପୋର୍ଟରେ କୁହାଯାଇଛି। 'ଲାନ୍‌ସେଟ୍ କମିସନ୍ ଅନ୍ ୨୧ଷ୍ଟ ସେଞ୍ଚୁରି ଗ୍ଲୋବାଲ୍ ଥ୍ରେଟ୍ସ ଟୁ ହେଲ୍‌ଥ' ଶୀର୍ଷକ ଏହି ରିପୋର୍ଟରେ ଆଗାମୀ ୭୫ ବର୍ଷ ମଧ୍ୟରେ ମାନବ ସ୍ୱାସ୍ଥ୍ୟ ପ୍ରତି ୧୭ଟି ପ୍ରମୁଖ ବିପଦ ଚିହ୍ନଟ କରାଯାଇଛି। ଏଥିରେ ପରମାଣୁ ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ, ମହାମାରୀ, ଶିଶୁଙ୍କ ଅପପୁଷ୍ଟି, ମୋଟାପଣ ଓ ଆନ୍ତର୍ଜାତିକ ସହାୟତା ହ୍ରାସ ଆଦି ରହିଛି। ୩୫ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏହି କମିସନ୍ ଚେତାଇଛି ଯେ, କୃତ୍ରିମ ବୁଦ୍ଧିମତ୍ତାର ଦୁରୁପଯୋଗ କରି ଜୈବ ଅସ୍ତ୍ର ତିଆରି କରାଗଲେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପନ୍ନ ହୋଇପାରେ। ସେହିପରି ପରମାଣୁ ଯୁଦ୍ଧ ଯୋଗୁଁ ବାୟୁମଣ୍ଡଳର ଉପରିଭାଗରେ ବିପୁଳ ପରିମାଣର କଣିକା ଜମା ହୋଇ ସୂର୍ଯ୍ୟାଲୋକକୁ ଅବରୋଧ କରିପାରେ। ଏହା କୃଷି ଉତ୍ପାଦନକୁ ହ୍ରାସ କରି ବ୍ୟାପକ ଦୁର୍ଭିକ୍ଷର କାରଣ ହୋଇପାରେ। ରିପୋର୍ଟ ଅନୁଯାୟୀ, ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୮ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖାଗଲେ ୪.୪ ଡିଗ୍ରୀ ବୃଦ୍ଧି ତୁଳନାରେ ୧୮.୯ କୋଟି ସୁସ୍ଥ ଜୀବନବର୍ଷର କ୍ଷତି ରୋକାଯାଇପାରିବ। ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସହାୟତାରେ ବଡ଼ ଧରଣର ହ୍ରାସ ଘଟିଲେ ୨୧୦୦ ସୁଦ୍ଧା ୧୫୦ କୋଟି ସୁସ୍ଥ ଜୀବନବର୍ଷ ନଷ୍ଟ ହୋଇପାରେ। କମିସନ୍‌ର ସହ-ଅଧ୍ୟକ୍ଷ କ୍ରିଷ୍ଟୋଫର ମରେଙ୍କ ମତରେ, ଆଜିର ନେତାମାନଙ୍କ ନିଷ୍ପତ୍ତି ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରଭାବିତ କରିବ। ତେଣୁ ସରକାରମାନେ ବିପଦର ପୂର୍ବାନୁମାନ, ପ୍ରତିରୋଧ ଓ ମୁକାବିଲା ପାଇଁ ଏବେଠାରୁ ଯୋଜନା କରିବା ଆବଶ୍ୟକ।

# ଜେଲେନ୍‌ସ୍କିଙ୍କୁ ହଟାଇବାକୁ ପଡ଼ିବ: ଟ୍ରମ୍ପ



ୱାସିଂଟନ, ୧୧।୧୦(ଏଜେନ୍ସି): ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କୁ ଟାର୍ଗେଟ୍ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ୟୁକ୍ରେନ୍ ରୁଷୀୟ ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରୁ ବୋଲି ଦାବି କରିବା ସହ ଜେଲେନ୍‌ସ୍କିଙ୍କ ସ୍ଥାନରେ ନୂଆ ନେତୃତ୍ୱ ବାଛିବାକୁ ସେ ପରାମର୍ଶ ଦେଇଛନ୍ତି। ରୁଷ୍‌ଠାରୁ ଡିଜେଲ୍ ରପ୍ତାନି ସମ୍ପର୍କିତ ଆମେରିକାର ନିଷ୍ପତ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ତୀବ୍ର ହୋଇଛି। ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ ଟ୍ରମ୍ପ କହିଛନ୍ତି, ୟୁକ୍ରେନ ରୁଷୀୟ ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରିବା ଉଚିତ। ଏଥିସହ ଚୁକ୍ତି କରିପାରୁଥିବା ଜଣେ ନୂଆ ନେତାଙ୍କୁ ବାଛିବା ପାଇଁ ୟୁକ୍ରେନ୍‌କୁ ସେ ପରାମର୍ଶ ଦେଇଛନ୍ତି। ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଡିଜେଲ୍ ରପ୍ତାନି ସମ୍ପର୍କିତ ବ୍ୟବସ୍ଥା ଆଗକୁ ବଢ଼ାଇବାକୁ ଟ୍ରମ୍ପଙ୍କ ନିଷ୍ପତ୍ତିରେ ୟୁକ୍ରେନ ଅସନ୍ତୋଷ ପ୍ରକାଶ କରିଛି।



୧୫ ବର୍ଷ ପରେ ଏକାଠି ଆସିବେ
**ଶାହାରୁଖ୍-କରିନା**
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-109 ◆MONDAY ◆12 OCTOBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୦୯ ◆ସୋମବାର ◆୧୨ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନେପାଳରେ ଫ୍ଲାଶ୍ ଫ୍ଲଡ୍; ଭାସିଗଲା ୩୫ ଘର

■ **କାଠମାଣ୍ଡୁ,୧୧।୧୦(ଏଜେନ୍ସି):** ନେପାଳରେ ପୁଣି ଆକସ୍ମିକ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ରବିବାର ଗୋରଖା ଜିଲ୍ଲାର ତୁମନୁବ୍ରି ଗ୍ରାମାଞ୍ଚଳରେ ବୁଢ଼ୀ ଗଣ୍ଡକୀ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବାରୁ ୩୫ରୁ ଅଧିକ ଘର ଓ ସେତୁ ଭାସିଯାଇଛି। ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରି ମୃତାହତ ହେବାର ଖବର ମିଳିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଆଜି ସକାଳ ୬ଟା ୩୦ରେ ନଦୀର ଜଳସ୍ତର ୩.୬୬ ମିଟର ଥିବାବେଳେ ସକାଳ ୮ଟା ୪୦ ସୁଦ୍ଧା ଏହା ୮.୪୩ ମିଟରରେ ପହଞ୍ଚିଥିଲା। ନଦୀର ବିପଦସଙ୍କେତ



୫ ମିଟର ଥିବାରୁ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଥିଲା। ସକାଳ ୮ଟା ୩୦ରୁ ୮ଟା ୪୦ ମଧ୍ୟରେ ମାତ୍ର ୧୦ ମିନିଟ୍‌ରେ ଜଳସ୍ତର ୨ ମିଟରରୁ ଅଧିକ ବଢ଼ିଥିଲା।

କର୍ତ୍ତୃପକ୍ଷଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ, ବର୍ଷା ଏହି ବନ୍ୟାର କାରଣ ନୁହେଁ। ନଦୀର ପ୍ରବାହ କୌଣସି କାରଣରୁ ଅବରୋଧ ହୋଇ ପରେ ହଠାତ୍ ମୁକ୍ତ ହୋଇଥିବାରୁ ବନ୍ୟା ଆସିଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ପ୍ରକୃତ କାରଣ ଜାଣିବା ପାଇଁ ବୈଷୟିକ ଯାଞ୍ଚ ଚାଲିଛି। ବନ୍ୟାରେ ମାପ କେନ୍ଦ୍ର ଓ ସେତୁ ଭାସିଯାଇଥିବାରୁ ଅଧିକ ତଥ୍ୟ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ▶ପୃଷ୍ଠା-୭

## ଏଆଇ ଚଷମାରେ ହେବ ୟୁପିଆଇ ପେମେଣ୍ଟ

■ **ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ଏଣିକି ଅନ୍ଲାଇନ୍ ବା ୟୁପିଆଇ ପେମେଣ୍ଟ ପାଇଁ ଦରକାର ପଡିବନି ମୋବାଇଲ ହ୍ୟାଣ୍ଡସେଟ୍। ମୋବାଇଲ୍ ପକେଟ୍ରେ ରହିଥିବ ଏବଂ ସାମ୍ନାରେ ଥିବା କ୍ୟୁଆର କୋଡ୍ରେ ହୋଇଯିବ ପେମେଣ୍ଟ। ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ରେ ଜିଓ ଆଣିଛି ଏଭଳି ଏକ ଅତ୍ୟାଧୁନିକ ଡିଭାଇସ୍। ପ୍ରଦର୍ଶନୀରେ କମ୍ପାନୀ ଏକ 'ସ୍କାନ୍ ଆଣ୍ଡ ପେ' ଡିଭାଇସ୍ ଆଣିଛି। ଏଥିରେ କ୍ୟାମେରା ଗ୍ଲାସ୍ ବା ଚଷମା ୟୁପିଆଇ କ୍ୟୁଆର କୋଡ୍କୁ ସ୍କାନ୍



କରିବ। ଏହାପରେ ବ୍ୟବହାରକାରୀ ଭଏସ୍ କମାଣ୍ଡ ଦେବେ ଏବଂ ନିଶ୍ଚିତକରଣ ପରେ ପେମେଣ୍ଟ ସମ୍ପନ୍ନ ହେବ। ଏଥିରେ ୟୁପିଆଇ ମାଧ୍ୟମରେ ଗୋଟିଏ ଥରରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ପେମେଣ୍ଟ କରାଯାଇପାରିବ। ଏହାର ମାସିକ ପେମେଣ୍ଟ ସୀମା ୧୫,୦୦୦ ଟଙ୍କା। ଏହି ନୂଆ ଡିଭାଇସ୍ ବ୍ୟବହାର ଦ୍ୱାରା ଦୋକାନରେ ପେମେଣ୍ଟ କରିବା ସମୟରେ ମୋବାଇଲ୍ ବାହାର କରିବା, ଅନଲକ୍ କରିବା, ଆପ୍ ଖୋଲିବା ଏବଂ କ୍ୟୁଆର କୋଡ୍ ସ୍କାନ୍ କରିବା ଭଳି ▶ପୃଷ୍ଠା-୭

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଫୁଁ'

## ଜ୍ଞାନେଶ ବିରୋଧୀଙ୍କୁ ରାସ୍ତାରୁ ବଳପୂର୍ବକ ଉଠାଇନେଲା ପୁଲିସ

■ **ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି):** ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ବି ଖାତିର କରୁନାହିଁ ଦିଲ୍ଲୀ ପୁଲିସ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଆନ୍ଦୋଳନ

**୧୦୦ରୁ ଅଧିକ ଅଟକ, ମୁଖ୍ୟ ରାସ୍ତାରୁ ହଟୁନି ବାରିକେଡ୍; ଜନତା ହନ୍ତସନ୍ତ**

**ଗଣତାନ୍ତ୍ରିକ ଦେଶର ନାଗରିକଙ୍କ ସହ ଯୁଦ୍ଧ କରୁଛନ୍ତି ସରକାର: ସିଜେପି**



ଦମନ ଲାଗି ପୂର୍ବପରି କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଶତାଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖିଛି। ରେଳ ଚଳାଚଳ ସ୍ୱାଭାବିକ କରିବା ସହିତ ମେଟ୍ରୋ ଷ୍ଟେସନ ଖୋଲିବା ସତ୍ତ୍ୱେ ରାଜଧାନୀର ସାଧାରଣ ଜୀବନ ସ୍ୱାଭାବିକ ହୋଇନାହିଁ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାରିକେଡ୍ ହଟାଯାଉନାହିଁ। ସାରା ରାଜଧାନୀରେ ୩୦ ହଜାର ପୁଲିସ ମୁତୟନ ଥିବା ବେଳେ ପରିସ୍ଥିତି ଅଶାନ୍ତ ରହିଛି। ପୁଲିସ ଦମନଲୀଳାରୁ ସାଂସଦ, ସାମ୍ବାଦିକ ଏବଂ ଆଇନଜୀବୀ ମଧ୍ୟ ବର୍ତ୍ତିପାରି ନାହାନ୍ତି।

ବ୍ୟାପକ ପୁଲିସ ବ୍ୟବସ୍ଥା ଏବଂ ଦମନଲୀଳା ସତ୍ତ୍ୱେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ଆଜି ଦ୍ୱିତୀୟ ଦିନ ମଧ୍ୟ ଜାରି ରହିଛି। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଥିବା ସିଜପିକୁ ସମର୍ଥନ ଜଣାଇ ବିଭିନ୍ନ ସଂଗଠନର କର୍ମୀ ଆଜି ଯନ୍ତରମନ୍ତର ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ▶ପୃଷ୍ଠା-୭

## କାର୍ଯ୍ୟାନୁଷ୍ଠାନ ବେଆଇନ

**କେନ୍ଦ୍ର ସରକାର, ଦିଲ୍ଲୀ ପୁଲିସ ଓ ମେଟ୍ରୋ କର୍ତ୍ତୃପକ୍ଷଙ୍କୁ ଜବାବ ତଲବ**



■ **ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି):** ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେଉଥିବା ଲୋକଙ୍କୁ ବେଆଇନ ଭାବେ ଅଟକ ରଖାଯାଇପାରିବ ନାହିଁ। ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଆନ୍ଦୋଳନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ବେଆଇନ ଅଟକ ନେଇ ଆସିଥିବା ଅଭିଯୋଗର ଶୁଣାଣି କରି ସୁପ୍ରିମ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରୁ ଅନାବଶ୍ୟକ ବାରିକେଡ୍ ହଟାଇବା ସହିତ ପୁଲିସର ବଳପ୍ରୟୋଗ, ବେଆଇନ ଅଟକ ଅଭିଯୋଗ ଉପରେ ଜବାବ ମାଗିଛନ୍ତି କୋର୍ଟ।

**'ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ଅଟକ ରଖିହେବନି'**

ରବିବାର ଦିନ ସତ୍ତ୍ୱେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠ ମାମଲାର ସ୍ୱତନ୍ତ୍ର ଶୁଣାଣି କରିଥିଲେ। କୋର୍ଟ କହିଲେ ଯେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ▶ପୃଷ୍ଠା-୭

## ଇଣ୍ଡିଆ ମେଣ୍ଟର 'ସୁପ୍ରିମ' ମାର୍ଚ୍ଚ ଆଜି

■ **ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି):** ଦେଶର ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଭୂମିକାକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗ ବିରୋଧରେ ଆନ୍ଦୋଳନ ଜୋରଦାର କରିଛି ବିରୋଧୀ ଇଣ୍ଡିଆ ମେଣ୍ଟ। ଭୋଟ୍ ଚୋରି ବନ୍ଦ କରିବା, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ସ୍ଥଗିତ ରଖିବା ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡ଼ିକ ଆସନ୍ତାକାଲି ଇଣ୍ଡିଆ ଗେଟ୍‌ରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଏକ ବିଶାଳ ପ୍ରତିବାଦ ପଦଯାତ୍ରା କରିବାକୁ ଆହ୍ୱାନ ଦେଇଛନ୍ତି। ସୋମବାର ଅପରାହ୍ଣ ୪ଟା ପରେ ବିରୋଧୀ ନେତାଙ୍କ ଏକ ପ୍ରତିନିଧି ଦଳ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ।

**ବିରୋଧୀଙ୍କୁ ଭେଟିବାକୁ ମନାକଲେ ସିଜେଆଇ**

ଆସନ୍ତା କାଲିର ପଦଯାତ୍ରାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଇଣ୍ଡିଆ ମେଣ୍ଟର ବହୁ ସାଂସଦ ଓ ବରିଷ୍ଠ ନେତା ସାମିଲ ହେବେ। ଏହି ଉପଲକ୍ଷେ ରାହୁଲ ଗାନ୍ଧୀଙ୍କ 'ଡରୋ ମତ୍' ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଲେଖିଛନ୍ତି ଯେ, ଏହି ପଦଯାତ୍ରାରେ ଦେଶର ଯୁବବର୍ଗ, ସିଭିଲ ସୋସାଇଟି ଏବଂ ଗଣତନ୍ତ୍ର ତଥା ସମ୍ବିଧାନକୁ ବିଶ୍ୱାସ କରୁଥିବା ନାଗରିକମାନେ ଦଳ, ଜାତି, ଧର୍ମ, ▶ପୃଷ୍ଠା-୭

## ଓଲଟ ପାଲଟ



ଦିଲ୍ଲୀର ଯନ୍ତରମନ୍ତରଠାରେ
କକ୍ରୋଚ ଜନତା ଦଳ,
ଜ୍ଞାନେଶ କୁମାର ହଟାଇବା ପାଇଁ
ପୁଣି ହେଲେ ଏକ ମେଳ।
କେନ୍ଦ୍ର ସର୍କାରକୁ କାଳ,
ହୁହୁ ହୋଇ ମାଡି ଆସୁଛନ୍ତି
ଅବସ୍ଥାଟି ଅସମ୍ଭାଳ।
'ସୁପ୍ରିମ' କହିଲେ ମାଛି ମାରିବାକୁ
ଲଗାନା ହାତୁଡ଼ି ବଳ,
ବେହାଲ ଶାସନ କଳ ॥

*- ଯାଯାବର*

## ଜାତୀୟ ବିଜେପି ନେତାଙ୍କୁ ଓଡ଼ିଶା ଚିନ୍ତା

**ବହୁ ବିଭାଜିତ ସଂଗଠନ ସଜାଡ଼ିବେ ସହ-ମହାମନ୍ତ୍ରୀ ସୌଦାନ!**

■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶା ବିଜେପିରେ ସବୁକିଛି ଠିକ୍ ନାହିଁ। ନେତାଙ୍କ ମଧ୍ୟରେ ମନାନ୍ତର, ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ଅଭାବ; ସର୍ବୋପରି ଛାମୁଆଁ ନେତାଙ୍କ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ ଓ ଅବିଶ୍ୱାସ କାହାକୁ ଅଛପା ନାହିଁ। ସ୍ୱତନ୍ତ୍ର ସୂତ୍ରରୁ ଶୀର୍ଷ ନେତୃତ୍ୱଙ୍କ ନିକଟରେ ଦାଖଲ ୨୦ ପୃଷ୍ଠିଆ ରିପୋର୍ଟ ରାଜ୍ୟରେ ଦଳର ସ୍ଥିତି, ଦଳୀୟ ନେତାମାନଙ୍କ କାର୍ଯ୍ୟକଳାପକୁ ଏବେ ଦଳୀୟ ନେତାଙ୍କୁ ଚିନ୍ତାଗ୍ରସ୍ତ କରିଛି। ଏହି ସମୟରେ ଗତ ଦୁଇ ସପ୍ତାହ ମଧ୍ୟରେ ତିନି ଚାରିଟି ଘଟଣା ପରେ ଜାତୀୟ ନେତୃତ୍ୱ ଓଡ଼ିଶାକୁ ନେଇ ବେଶ ସମ୍ବେଦନଶୀଳ ହୋଇଥିବା ମନେ ହେଉଛି। ରାଜ୍ୟରେ ବିଜେପି ପ୍ରଭାରୀ ଓ ସହ ପ୍ରଭାରୀ ପରିବର୍ତ୍ତନ, ଅପ୍ରତ୍ୟାଶିତ ଭାବରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା, ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟ ଓ ରାଷ୍ଟ୍ରୀୟ ସହ ମହାମନ୍ତ୍ରୀ ତଥା ୪ ରାଜ୍ୟର ପ୍ରାନ୍ତୀୟ ପ୍ରଭାରୀ ସୌଦାନ ସିଂହଙ୍କ ଗସ୍ତ ଓଡ଼ିଶା ସଂଗଠନ ବହୁ ଦିଗକୁ ଇଙ୍ଗିତ କରିଛି।

**ପ୍ରଥମ ଦିନରେ ରାଜ୍ୟ ବିଜେପି ନେତୃତ୍ୱଙ୍କ ସହ ଘଣ୍ଟିକିଆ ବୈଠକ**

ତିନିଦିନିଆ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ଦଳର ଶୀର୍ଷ ନେତୃତ୍ୱଙ୍କ ସହ ବୈଠକ କରିଛନ୍ତି ରାଷ୍ଟ୍ରୀୟ ସହ ସଙ୍ଗଠନ ମହାମନ୍ତ୍ରୀ ଶ୍ରୀ ସିଂହ। ପରବର୍ତ୍ତୀ ଦୁଇଦିନରେ ମଧ୍ୟ ସେ ଦଳର ଅନ୍ୟ ନେତାମାନଙ୍କ ସହ ଭିନ୍ନଭିନ୍ନ ବୈଠକ କରିବେ ବୋଲି ସୂଚନା ମିଳିଛି। ବହୁ ବିଭାଜିତ ବିଜେପି ସଂଗଠନକୁ ସୌଦାନ କିପରି ପରଖୁଛନ୍ତି ଏବଂ ଏହାର ପ୍ରତିକାର କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ରବିବାର ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ସିଂ ବିମାନ ବନ୍ଦରରୁ ସିଧାସଳଖ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ବୈଠକ କରିଛନ୍ତି।

ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ସାଧାରଣ ସମ୍ପାଦକ ଶାରଦା ଶତପଥୀଙ୍କ ସହ ଅନ୍ୟ କେତେକ ଶୀର୍ଷ ନେତୃତ୍ୱ ଉପସ୍ଥିତ ଥିଲେ। ପ୍ରାୟ ଏକ ଘଣ୍ଟା କାଳ ଧରି ଚାଲିଥିବା ବୈଠକରେ କ'ଣ ଆଲୋଚନା ହୋଇଛି, ସେ ସମ୍ପର୍କରେ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ଦଳ ଓ ସଙ୍ଗଠନ ସହ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ▶ପୃଷ୍ଠା-୭

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୩ରେ ଲଘୁଚାପ

■ **ଭୁବନେଶ୍ୱର, ୧୧।୧୦ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ଅକ୍ଟୋବର ୧୩ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଘନୀଭୂତ ହେବାର ଆଶଙ୍କା ରହିଥିଲେ ମଧ୍ୟ ବିଶେଷ ଶକ୍ତିଶାଳୀ ହେବାର ସମ୍ଭାବନା କମ୍ ରହିଛି। ତଥାପି ଓଡ଼ିଶା ଉପରେ ପ୍ରଭାବ କ'ଣ ରହିବ ତାହା ମଧ୍ୟ ଏବେ ବି ଅସ୍ପଷ୍ଟ ରହିଛି। ଅନ୍ୟପଟେ ଏହି ଲଘୁଚାପ ୧୬-୧୮ ବେଳକୁ ଉପକୂଳ ନିକଟବର୍ତ୍ତୀ ହେବାକୁ ଥିବାରୁ ରାଜ୍ୟର କେତେ ସ୍ଥାନରେ ଏହି ସମୟରେ ବର୍ଷା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ ରାଜ୍ୟରେ ୧୬ରୁ ୧୮ ତାରିଖ ମଧ୍ୟରେ ଉପକୂଳ ଓ ସଂଲଗ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମୌସୁମୀ ଅପସାରଣ ପ୍ରକ୍ରିୟା ଓ ଉତ୍ତର-ପୂର୍ବ ମୌସୁମୀର ସକ୍ରିୟତା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ସାମୁଦ୍ରିକ ସ୍ଥିତି ଓ ବାୟୁ ମଣ୍ଡଳୀୟ ପରିସ୍ଥିତି ଅଧିକ ଅନୁକୂଳ ନ ଥିବାରୁ ଏହା ଲଘୁଚାପ କିମ୍ବା ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ମଧ୍ୟରେ ସୀମିତ ରହିପାରେ ବୋଲି ଆଶଙ୍କା କରାଯାଉଛି।

**ଓଡ଼ିଶା ଉପରେ ପ୍ରଭାବ ଏବେ ବି ଅସ୍ପଷ୍ଟ**

**୧୬ ତାରିଖରୁ ରାଜ୍ୟରେ ବର୍ଷା ସମ୍ଭାବନା**



**ଦୁଇଟି ସ୍ଥାନରେ ଫାଟିଲା ଗ୍ୟାସ୍ ସିଲିଣ୍ଡର**

## ଜଳିଗଲା ଶିଶୁକନ୍ୟା, ୧୧ ଆହତ

■ **ଧର୍ମଶାଳା/ସାଲେପୁର, ୧୧।୧୦ (ସମିସ):** ରବିବାର ଯାଜପୁର ଓ କଟକ ଜିଲ୍ଲାର ଦୁଇଟି ସ୍ଥାନରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ୧୧ ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅରାବଳ ପଞ୍ଚାୟତ ଅରାବଳ ଗ୍ରାମର ଅଭିରାମ ମଲିକଙ୍କ ପତ୍ନୀ ତିଳୋତ୍ତମା ଆଜି ସକାଳେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ୍ ପାଇପ ଫାଟି ନିଆଁ ଲାଗିଯାଇଥିଲା। ଘରେ ୪ ବର୍ଷର ଶିଶୁ କନ୍ୟା ପାପାଲି ମଲିକ ଖେଳୁଥିବା ବେଳେ ନିଆଁର ପ୍ରକୋପରେ ଆସି ସମ୍ପୂର୍ଣ୍ଣ ଜଳିଯାଇ ମୃତ୍ୟୁବରଣ କରିଛି। ଝିଅକୁ ବଞ୍ଚାଇବାକୁ ଯାଇ ବାପା ଅଭିରାମ ଓ ମା' ତିଳୋତ୍ତମା ଗୁରୁତର ଆହତ ହୋଇଥିବା ବେଳେ ବଡ଼ବାପା ଉତ୍ତମ ମଲିକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସମସ୍ତ ଆହତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



ଅଭିରାମ ଓ ପତ୍ନୀ ତିଳୋତ୍ତମାଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଡାକ୍ତର କଟକ ମେଡିକାଲକୁ ରେଫର କରିଛନ୍ତି। କଟକ ବଡ଼ ମେଡିକାଲରେ ଉଭୟଙ୍କ ଚିକିତ୍ସା ଚାଲିଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଅନେକ ଆସବାବପତ୍ର ପୋଡିଯାଇଛି। ▶ପୃଷ୍ଠା-୭

**ଛାତ୍ର ସଂସଦ ନିର୍ବାଚନ**

## ହିଂସା ଅଣାୟତ୍ତ; କଲେଜ ଅଶାନ୍ତ

■ **ଭୁବନେଶ୍ୱର, ୧୧।୧୦ (ସମିସ):** ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର କଲେଜ କ୍ୟାମ୍ପସ୍ ଏବେ ଅଶାନ୍ତ। କେଉଁଠି ବୋମାମାଡ଼ ତ ଆଉ କେଉଁଠି ପ୍ରାର୍ଥୀଙ୍କ ଉପରେ ମରଣାନ୍ତକ ଆକ୍ରମଣ। ଅନ୍ୟ କେଉଁଠି ନାମାଙ୍କନପତ୍ର ଖାରଜକୁ ନେଇ ଛାତ୍ର ଅସନ୍ତୋଷ ଉଗ୍ରରୂପ ନେଉଛି। ଏପରିକି କଲେଜ ଫାଟକ ଭାଙ୍ଗି ଅନୁପ୍ରବେଶ ଓ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଭଳି ଘଟଣା ଶିକ୍ଷାନୁଷ୍ଠାନର ଶାନ୍ତ ପରିବେଶକୁ ଅଶାନ୍ତ କରିଦେଇଛି। ହିଂସା ଓ ଉତ୍ତେଜନା ଯୋଗୁଁ ବିଭିନ୍ନ କଲେଜରେ ନିର୍ବାଚନ ବାତିଲ୍ କିମ୍ବା ସ୍ଥଗିତ ରଖାଯିବା ସହ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନକୁ ନେଇ ଉତ୍ସାହ ବଦଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ରବିବାର ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ଆର୍ଯ୍ୟନ ମହାପାତ୍ରଙ୍କ ଉପରେ ପିପିଲିର ପଦା ପଡ଼ିଆରେ ଆକ୍ରମଣ ହୋଇଛି।

- ମରଣାନ୍ତକ ଆକ୍ରମଣରେ ବିଜେବି ସଭାପତି ପ୍ରାର୍ଥୀ ଗୁରୁତର
- ପିପିଲି ପଦା ପଡ଼ିଆରେ ଛାତ୍ରଛାତ୍ରୀଙ୍କ ଭୋଜିବେଳେ ଆକ୍ରମଣ
- ବିଜେପି କର୍ମୀ ଭାଙ୍ଗିଲେ ନୟାଗଡ଼ ମହିଳା କଲେଜ ଫାଟକ
- ଯାଜପୁର, ଗଞ୍ଜାମ, ଜଗତସିଂହପୁର, ଭଦ୍ରକରେ ସ୍ଥିତି ଅଣାୟତ୍ତ
- ବିଭିନ୍ନ ଜିଲ୍ଲାରେ ଅଧିକାଂଶ କଲେଜ ସାଇନ୍ ଡାଏ ଘୋଷଣା




ସମର୍ଥକଙ୍କ ସହ ଭୋଜି କରୁଥିବାବେଳେ ପ୍ରତିପକ୍ଷ ଗୋଷ୍ଠୀର ଆକ୍ରମଣରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ପ୍ରଥମେ ପିପିଲି ହସ୍ପିଟାଲ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଇଛି। ନୟାଗଡ଼ ମହିଳା ମହାବିଦ୍ୟାଳୟରେ ଯୁବ ବିଜେପି କର୍ମୀ ଫାଟକ ଭାଙ୍ଗି ପ୍ରବେଶ ଘଟଣା ଏବେ ବି ପରିବେଶକୁ ଅଶାନ୍ତ କରି ରଖିଛି। ଏହାପରେ ନିର୍ବାଚନକୁ ବାତିଲ କରାଯାଇଥିବାବେଳେ ପ୍ରଜାମଣ୍ଡଳ ମହିଳା କଲେଜ ସମେତ ଜିଲ୍ଲାର ଅନ୍ୟ କଲେଜଗୁଡ଼ିକରେ ମଧ୍ୟ ଅଶାନ୍ତି ଦେଖାଦେଇଥିବା ଖବର ମିଳିଛି। ▶ପୃଷ୍ଠା-୭

# ଗଣେଶ ଭସାଣିରେ ଯାଇଥିବାବେଳେ ଘରୁ ଲୁଟ୍ ଘଟଣା; ୪ ଗିରଫ

ରାଉରକେଲା,୧୧।୧୦(ସମିସ):



ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଟାଙ୍ଗରପାଲି ଥାନା ପୁଲିସ ଏକ ଚୋରି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲଗୋଦାମ ଅଞ୍ଚଳର ଏମ୍‌ଡି ଅରବାଜ୍ (୨୩) ଓ ସମଶେର ଖାନ୍ ଓରଫ୍ ଲାଲୁଆ (୨୪), ଫର୍ଟିଲାଇଜର ଇ-ବ୍ଲକ ମାଉସୀ ମା' ମନ୍ଦିର ନିକଟ ନିବାସୀ ମନୋଜ କୁମାର ମୁଦୁଲି (୩୬) ଏବଂ ଛେଣ୍ଡ କଲୋନୀର ପ୍ରଫୁଲ୍ଲ ଚନ୍ଦ୍ର ସାହୁ (୫୦)। ଅଭିଯୁକ୍ତମାନଙ୍କ ଠାରୁ ଚୋରି ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଫର୍ଟିଲାଇଜର ଟାଉନସିପ୍‌ର ବି/୨୦୬ କ୍ୱାର୍ଟର୍ସରେ ରହୁଥିବା ସନ୍ତୋଷ କୁମାର ସାହୁଙ୍କ ପରିବାର ୨୩ ସେପ୍ଟେମ୍ବର ସନ୍ଧ୍ୟାରେ ଗଣେଶ ପୂଜା ଭସାଣି ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ରାତି ପ୍ରାୟ ୩ଟାରେ ଘରକୁ ଫେରି ଦେଖିଥିଲେ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘରେ ପଶି ସୁନା, ରୁପା ଅଳଙ୍କାର ସହ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଚୋରିକରି ନେଇଛି।

ଏ ନେଇ ସନ୍ତୋଷ ୨୪ ସେପ୍ଟେମ୍ବରରେ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନିରଞ୍ଜନ ସେଠୀ ତଦନ୍ତ କରି ୪ ଅଭିଯୁକ୍ତ ଅରବାଜ୍, ସମଶେର୍, ମନୋଜ ଓ ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରୁ କେତେକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ଯୋଡ଼ା କାନଫୁଲ, ମଙ୍ଗଳସୂତ୍ରର ୩ଟି ଲକେଟ୍, ୮ ଟି ସୁନା ମୁଦି, ଗୋଟିଏ ସୁନା ଚେନ୍, ଗୋଟିଏ ରୁପା ଚେନ୍, ଗୋଟିଏ ରୁପା ବ୍ରେସଲେଟ୍, ୨ଟି ରୁପା ଆଙ୍ଗୁଠି ଏବଂ ୩ ଯୋଡ଼ା ରୁପା ପାଉଁଜି ଜବତ କରାଯାଇଛି।

ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଏମ୍‌ଡି ଅରବାଜ୍‌ଙ୍କ ବିରୋଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍, ଉଦିତନଗର, ସେକ୍ଟର-୭, ସେକ୍ଟର-୧୫ ଓ ଛେଣ୍ଡ ଥାନାରେ ଚୋରି ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଏକାଧିକ ମାମଲା ରହିଛି। ସେହିପରି ସମଶେର ଖାନ୍ ଓରଫ୍ ଲାଲୁଆଙ୍କ ବିରୋଧରେ ଉଦିତନଗର ଓ ପ୍ଲାଣ୍ଟସାଇଟ୍ ଥାନାରେ ପୂର୍ବରୁ ମାମଲା ରହିଥିବାବେଳେ ମନୋଜ ବିରୋଧରେ ମଧ୍ୟ ଲହୁଣିପଡ଼ା ଥାନାରେ ମାମଲା ରହିଛି।

## ସିଭିଲ୍ ଟାଉନସିପ୍ ତାରିଣୀ ମନ୍ଦିରରେ ନବରାତ୍ର ପୂଜା



ରାଉରକେଲା,୧୧।୧୦(ସମିସ): ସ୍ଥାନୀୟ ସିଭିଲ୍ ଟାଉନସିପ୍ ସ୍ଥିତ ମା' ତାରିଣୀ ମନ୍ଦିରରେ ରବିବାରଠାରୁ ମହାଆଡ଼ମ୍ବରରେ ନବଦିନ ବ୍ୟାପୀ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ମନ୍ଦିରରେ ଉପସ୍ଥିତ ରହି ପ୍ରଭାତ ଆଳତି ଦର୍ଶନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ କଳସ ସ୍ଥାପନ ପୂଜା ସମ୍ପନ୍ନ ହୋଇଥିଲା। ପରିବାରର ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି କାମନା କରି ଶ୍ରଦ୍ଧାଳୁମାନେ ୯ ଦିନ ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଛନ୍ତି। ମା'ଙ୍କ ମନୋରମ ବେଶ ଦର୍ଶନ କରି ହଜାର ହଜାର ଭକ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଏଥିସହ ମନ୍ଦିର ପରିସରରେ ଶ୍ରୀଶ୍ରୀ ଚଣ୍ଡୀପାଠ ଅନୁଷ୍ଠିତ ହୋଇଛି। ପୂଜା ଶେଷରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ମଧ୍ୟରେ ଖିରି, ବୁଟ ଓ ସୁଜି ହାଲୁଆ ପ୍ରସାଦ ବଣ୍ଟନ କରାଯାଇଥିଲା। ନବରାତ୍ରର ପ୍ରଥମ ଦିନରେ ଆଜି ମା'ଙ୍କୁ ଶୈଳପୁତ୍ରୀ ରୂପର ପୂଜାର୍ଚ୍ଚନା କରାଯାଇଛି। ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟ ପକ୍ଷରୁ ଏହି ନଅଦିନିଆ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହେଉଛି। ମ୍ୟାନେଜିଂ ଟ୍ରଷ୍ଟି ନିର୍ମଳ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଟ୍ରଷ୍ଟି ତଥା ତହସିଲଦାର ସାଲମା ମିଞ୍ଜ, ରଘୁନାଥପାଲି ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ପ୍ରଭାତ କୁମାର ମିଶ୍ର, ରକ୍ଷିନାଥ ବିଶ୍ୱାଳ, ଦେବବ୍ରତ ବିହାରୀ, ଦିବ୍ୟସିଂହ ସାମଲ, ବିଜୟ ସାମଲ, କାଶୀନାଥ ସାହୁ, ବୁଦ୍ଧିରାମ ମହାନ୍ତି ଏବଂ ଟ୍ରଷ୍ଟି ତଥା ସେବାୟତ ପଣ୍ଡିତ ଅଖିଳ ଦାଶ ପ୍ରମୁଖ ଉପସ୍ଥିତ ରହି ପୂଜା ପରିଚାଳନା କରୁଛନ୍ତି।

## ମହିଳା ଚାଷୀଙ୍କୁ ଜୈବିକ କୃଷି ତାଲିମ

ରାଉରକେଲା,୧୧।୧୦(ସମିସ): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ପରିପାଶ୍ୱର୍ ଉନ୍ନୟନ ସଂସ୍ଥାନ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେରିଫେରୀ ଡେଭେଲପମେଣ୍ଟ) ଠାରେ "ୱେଷ୍ଟ ଟୁ ୱେଲ୍‌ଥ' (ବର୍ଜ୍ୟବସ୍ତୁରୁ ସମ୍ପଦ) ଶୀର୍ଷକ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଲାଠିକଟା, ବିଶ୍ରା, କୁଆଁରମୁଣ୍ଡା ଏବଂ ନୂଆଗାଁ ରାଜସ୍ୱ ବ୍ଲକ୍‌ର ପରିପାଶ୍ୱର୍ ଗ୍ରାମଗୁଡ଼ିକର ମହିଳା କୃଷକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମହାପ୍ରବନ୍ଧକ ପ୍ରଭାରୀ (ମାନବ ସମ୍ବଳ) ଏସ. କେ. ମେହରୋତ୍ରା ଏହି ତିନିଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ.ଆର) ବିଭବସୁ ମଲ୍ଲିକ, ଉପ-ମହାପ୍ରବନ୍ଧକ (ସି. ଏସ.ଆର) ରାଜୀବ ବାରା, ଏନ.ଆଇ.ଟି. ରାଉରକେଲାର ଆସୋସିଏଟ୍ ଡିନ୍ ପ୍ରଫେସର ଆର. ସି. ପ୍ରଧାନ ଏବଂ ସି.ଏସ.ଆର. ଓ ଏନଆଇଟିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ତରରେ ଉପଲବ୍ଧ ଜୈବ-ବିଘଟନଯୋଗ୍ୟ ବର୍ଜ୍ୟବସ୍ତୁ ଯଥା ଶୁଖିଲା ପତ୍ର, ଫସଲର ଅବଶିଷ୍ଟାଂଶ, ପନିପରିବା ବର୍ଜ୍ୟବସ୍ତୁ ଏବଂ ଗୋବରକୁ ଉପଯୋଗୀ ଓ କମ୍ ଖର୍ଚ୍ଚବହୁଳ କୃଷି ଉପକରଣରେ ରୂପାନ୍ତରିତ କରିବା ଉପରେ ଏହି ତାଲିମ ପର୍ଯ୍ୟବେଶିତ ଥିଲା। ପରିବେଶ ଅନୁକୂଳ କୃଷି ପ୍ରଣାଳୀ ଗ୍ରହଣ କରିବା ଏବଂ ରାସାୟନିକ ସାର/କୀଟନାଶକ ଉପରେ ନିର୍ଭରଶୀଳତା କମାଇବାର ସୁଫଳ ସମ୍ପର୍କରେ ମହିଳା କୃଷକମାନଙ୍କୁ ସଚେତନ କରାଯାଇଥିଲା।




## ଗୋପବନ୍ଧୁ ପାଠାଗାରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ରାଉରକେଲା,୧୧।୧୦(ସମିସ): ଦୁଇଦିନ ଧରି ଚାଲିଥିବା ଗୋପବନ୍ଧୁ ପାଠାଗାରର ତ୍ରୟୋବିଂଶ ବାର୍ଷିକ ଉତ୍ସବର ଉଦଯାପନୀ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍‌ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବେଦମନ୍ତ୍ର ଉଚ୍ଚାରଣ ସହ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଗୁରୁ ମୃତ୍ୟୁଞ୍ଜୟ ବାସାଙ୍କ ନିର୍ଦ୍ଦେଶନାରେ ଦେବନୃତ୍ୟମ୍ ଡ୍ୟାନ୍ସ ଷ୍ଟୁଡିଓର କଳାକାର ମାନେ ଓଡ଼ିଶୀ ତଥା ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିବାବେଳେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀମାନେ ସମୂହ ନୃତ୍ୟ ପରିବେଷଣ କରିଥିଲେ। ନବଘନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ, ଅନୀଲ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ ଏବଂ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସଭାର ଦ୍ୱିତୀୟ ପର୍ଯ୍ୟାୟରେ ପାଠାଗାରର ଅନ୍ୟତମ ଉପସଭାପତି ଶର୍ମିଷ୍ଠା କବି ଶତପଥୀଙ୍କ ସ୍ୱାଗତ ଅଭିଭାଷଣ ପରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶଙ୍କର ପ୍ରସାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁଙ୍କ ଜୀବନାଦର୍ଶ ଓ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପାଠାଗାର ଦ୍ୱାରା ଆୟୋଜିତ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନି କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ସହ ପାଠାଗାରର ବରିଷ୍ଠ ସଦସ୍ୟମାନେ ପ୍ରମାଣ ପତ୍ର ଏବଂ ଫଳକ ପ୍ରଦାନ କରି ପୁରସ୍କୃତ କରିଥିଲେ। ଲକ୍ଷ୍ମଣ ନାଥ ଦାସ ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ସିଂହ, ଅଶୋକ କୁମାର ଶୁକ୍ଳ, ହରିହର ନାୟକ ଏବଂ ଅନୀଲ କୁମାର ଦାଶ ପ୍ରମୁଖ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ସୂର୍ଯ୍ୟ ନାରାୟଣ ପଣ୍ଡା, ଅଜିତ ବରୱା ଏବଂ ସଞ୍ଜୀବ ଦାସ ପ୍ରମୁଖ ସହାୟତା କରିଥିବା ବେଳେ, ସହରର ବହୁ ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## • ବିବାହର ୧୫ ବର୍ଷ ପରେ ସାକାର ହେଲା ସ୍ୱପ୍ନ
## 'ମିସେସ୍ ଇଣ୍ଡିଆ' ମୁକୁଟ ପିନ୍ଧିଲେ ରାଉରକେଲାର ବୋହୂ ଜୟା ଗୁପ୍ତା



ରାଉରକେଲା,୧୧।୧୦(ସମିସ): ଇଚ୍ଛାଶକ୍ତି ଓ ନିଷ୍ଠା ଥିଲେ କୌଣସି ବୟସରେ ବି ସ୍ୱପ୍ନ ସାକାର ହୋଇପାରେ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଇସ୍ପାତ ସହର ରାଉରକେଲାର ଗର୍ବ ତଥା ବୋହୂ ଜୟା ଗୁପ୍ତା। ରାଜସ୍ଥାନର ଜୟପୁର ଠାରେ ଆୟୋଜିତ ପ୍ରତିଷ୍ଠିତ "ଭିନସ୍ ମିସ୍ ଆଣ୍ଡ ମିସେସ୍ ଇଣ୍ଡିଆ' ପ୍ରତିଯୋଗିତାରେ ସେ "ମିସେସ୍ ଇଣ୍ଡିଆ' ଟାଇଟଲ୍ ହାସଲ କରି ଗ୍ଲାମର ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କଲେଜ ସମୟରୁ ହିଁ ଗ୍ଲାମର ଦୁନିଆ ପ୍ରତି ଜୟାଙ୍କର ଏକ ଦୁର୍ବାର ଆକର୍ଷଣ ଥିଲା। ତେବେ ବିବାହ ପରେ ପାରିବାରିକ ଦାୟିତ୍ୱକୁ ପ୍ରାଥମିକତା ଦେଇ ସେ ନିଜ ସ୍ୱପ୍ନକୁ କିଛି ସମୟ ପାଇଁ ପଛରେ ପକାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଜଣେ ବନ୍ଧୁଙ୍କ ପ୍ରେରଣା ତଥା ଉତ୍ସାହ ତାଙ୍କ ମନରେ ପୁଣି ଥରେ ନୂଆ ଆଶା ସଞ୍ଚାର କରିଥିଲା। ଏହି ସୁଯୋଗକୁ ହାତଛଡ଼ା ନ କରି ସେ ପୂର୍ଣ୍ଣ ପ୍ରସ୍ତୁତି ସହ ମଞ୍ଚକୁ ଓହ୍ଲାଇଥିଲେ ଏବଂ ଶେଷରେ ବିଜୟର ମୁକୁଟ ପିନ୍ଧି ସଫଳତା ହାସଲ କରିଛନ୍ତି ଜୟା। ସ୍ୱାମୀ ମନୀଷ ସାହୁ ଏବଂ ପରିବାରର ଅକୁଣ୍ଠ ସମର୍ଥନ ତାଙ୍କର ଏହି ସଫଳତାର ମୂଳଦୁଆ ସାଜିଥିଲା। ବିବାହ କିମ୍ବା ମାତୃତ୍ୱ କେବେ ବି ଜଣେ ନାରୀର ସ୍ୱପ୍ନ ଆଗରେ ପ୍ରତିବନ୍ଧକ ସାଜିପାରିବ ନାହିଁ ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି। ଜଣେ ସ୍ନେହମୟୀ ପତ୍ନୀ, ଦୁଇ ସନ୍ତାନର ଗର୍ବିତ ମା' ଏବଂ ଏବେ "ମିସେସ୍ ଇଣ୍ଡିଆ'ର ଗୌରବମୟ ଟାଇଟଲ୍‌ଧାରୀ ଜୟାଙ୍କର ଏହି ସଫଳ ଯାତ୍ରା ସମାଜର ପ୍ରତ୍ୟେକ ନାରୀଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି।

## ବଜ୍ରପାତରେ ଜଣେ ଆହତ

ବଣାଇଁଗଡ଼,୧୧।୧୦(ସମିସ): ବଣାଇଁ ଥାନା ଅନ୍ତର୍ଗତ ଜମକେଇ ଗ୍ରାମରେ ବଜ୍ରପାତରେ ମୋତିଲାଲ ଭୋଇ (୫୫)ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଶନିବାର ଅପରାହ୍ନରେ ମୋତିଲାଲ ନିଜ ଜମିକୁ ଘାସ କାଟିବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ସାହାଣି କପ୍ ଫୁଟବଲ୍ ଚାମ୍ପିଅନସିପ୍; ଆର୍‌ଏସପି ରନର୍ସଅପ୍




ରାଉରକେଲା,୧୧।୧୦(ସମିସ): ଭୁବନେଶ୍ୱର ଠାରେ ଆୟୋଜିତ ୬୫ତମ ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ "ସାହାଣି କପ୍'ରେ ରାଉରକେଲା ଇସ୍ପାତ କାରଖାନାର ଫୁଟବଲ ଟିମ୍ ରନର୍ସଅପ୍ ହୋଇଛି। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ୍ ଏକାଡେମୀ ପଡ଼ିଆରେ ଖେଳା ଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଆରଏସପି ଦଳ କଟକ ଠାରୁ ୦-୨ ଗୋଲ୍‌ରେ ପରାସ୍ତ ହୋଇଥିଲା। ଆର୍‌ଏସ୍‌ପି ଟିମ୍‌କୁ ରନର୍ସଅପ୍ ଟ୍ରଫି ସହିତ ୫୦ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଗୌରୀ ଶଙ୍କର ସାହାଣି ଫାଉଣ୍ଡେସନ୍ ପକ୍ଷରୁ ଟିମ୍‌କୁ ଅତିରିକ୍ତ ୧୫ହଜାର ଟଙ୍କାରେ ସମ୍ମାନିତ କରାଯାଇଥିଲା। ବିଜୟୀ ଟିମ୍‌କୁ ସମ୍ବର୍ଦ୍ଧିତ କରିବାକୁ ଆର୍‌ଏସ୍‌ପିର ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମ୍ ଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମହାପ୍ରବନ୍ଧକ (ପ୍ରୋଟୋକଲ୍ ସେବା) ଜେ. ପି. ମିଶ୍ର ଟିମ୍‌କୁ ସମ୍ବର୍ଦ୍ଧିତ କରିଥିଲେ। ଆର.ଏସ.ପି. ଟିମ୍‌ର ନେତୃତ୍ୱ ମୁଖ୍ୟ କୋଚ୍ କେଶବ ଚନ୍ଦ୍ର ପ୍ରଧାନ, ମ୍ୟାନେଜର କାଳୀଚରଣ ବିରଗାଣ୍ଡିଆ ଏବଂ ଅଧିନାୟକ ଅରବିନ୍ଦ ଲାକ୍ରା ନେଇଥିଲେ। ଏହି ଅବସରରେ ଡେପୁଟି ମ୍ୟାନେଜର (ସ୍ପୋର୍ଟସ) ଆର. ଏନ୍. ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ସ୍ପୋର୍ଟସ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବୁଧୁ ସିଂହ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## • ଆନ୍ତଃଜୋନ୍ ବାଳିକା କବାଡ଼ି ପ୍ରତିଯୋଗିତା
## ରାଉରକେଲା ମ୍ୟୁନିସିପାଲ କଲେଜ ଚାମ୍ପିଅନ୍



ରାଉରକେଲା,୧୧।୧୦(ସମିସ): ମ୍ୟୁନିସିପାଲ କଲେଜ ରାଉରକେଲା ଆନୁକୂଲ୍ୟରେ ଆନ୍ତଃ ଜୋନ୍ କବାଡି ବାଳିକା ପ୍ରତିଯୋଗିତାରେ ମ୍ୟୁନିସିପାଲ କଲେଜ ରାଉରକେଲା ଚାମ୍ପିଅନ୍ ହେଇଥିବାବେଳେ ପଟିଆ ଭୁବନେଶ୍ୱରର ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଅଫ୍ ସାଇନ୍ସ ଏଣ୍ଡ ଏଜୁକେସନ ଉପବିଜେତା ହୋଇଛି। ମୁନିସ୍‌ପାଲ୍ କଲେଜ ରାଉରକେଲା ୫୦-୩୫ ବ୍ୟବଧାନରେ ବିଜୟୀ ହୋଇଥିଲେ। ମ୍ୟୁନିସିପାଲ କଲେଜ ରାଉରକେଲାର ପଦାର୍ଥ ବିଜ୍ଞାନର ରିଡର୍ ଅର୍ପିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ କ୍ୟାପଟେନ୍ ମୀନା ଦାସ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଜି ସମୁଦାୟ ୭୨ ଜଣ ଖେଳାଳି ସିଲେକ୍ସନ୍ ପାଇଁ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨୦ ଜଣ ଖେଳାଳି ଅଣ୍ଡର ୧୯ ସିଏଚ୍‌ଏସ୍‌ସି ଓଡ଼ିଶା କବାଡି ବାଳିକା ଟିମ୍ ପାଇଁ ଚୟନ କରାଯାଇଥିବା ବେଳେ ଆସନ୍ତା ନଭେମ୍ବରରେ କର୍ଣ୍ଣାଟକରେ ହେବାକୁ ଥିବା ଏସ୍‌ଜିଏଫଆଇ ଟୁର୍ଣ୍ଣାମେଣ୍ଟ ପାଇଁ ୧୨ ଜଣ ଯୋଗ ଦେବାକୁ ସ୍ଥିର କରାଯାଇଛି।

## ଆର୍‌ଏସ୍‌ପିରେ ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ପିସିଆଇ ହାରରେ ଅଭିବୃଦ୍ଧି



ରାଉରକେଲା, ୧୧।୧୦(ସମିସ): ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର "ନିଶ୍ଚୟ' କ୍ୱାଲିଟି ସର୍କଲ, ପି ସି ଆଇ କୋଇଲା ପରିବହନ ପାଇଁ ଏକ ସ୍ୱତନ୍ତ୍ର ନାଇଟ୍ରୋଜେନ୍ ଲାଇନ୍ ସଂଯୋଗ କରି ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ପଲଭରାଇଜଡ୍ କୋଲ୍ ଇଞ୍ଜେକ୍ସନ୍ (ପି.ସି.ଆଇ) ହାରକୁ ବୃଦ୍ଧି କରିପାରିଛି। ପୂର୍ବରୁ, ପି.ସି.ଆଇ ସିଷ୍ଟମ୍ ଏକ ସାଧାରଣ ହେଡର୍‌ରୁ ନାଇଟ୍ରୋଜେନ୍ ଗ୍ରହଣ କରୁଥିଲା, ଯାହା ଅନ୍ୟ ବିଭାଗଗୁଡ଼ିକୁ ମଧ୍ୟ ଯୋଗାଣ କରୁଥିଲା। ଯାହା ପରିବହନ ସ୍ଥିରତାକୁ ପ୍ରଭାବିତ କରୁଥିଲା ଏବଂ ପି.ସି.ଆଇ ହାରକୁ ସୀମିତ ରଖୁଥିଲା।

ଏହି ସମସ୍ୟାର ସମାଧାନ ପାଇଁ, ନିଶ୍ଚୟ ଟିମ୍ ପି.ସି.ଆଇ ପରିବହନ ପାଇଁ ଏକ ସ୍ୱତନ୍ତ୍ର ନାଇଟ୍ରୋଜେନ୍ ଲାଇନ୍ ସଂଯୋଗ କରିଥିଲା। ଏହି ସୁଧାର ପରେ ପିସିଆଇ ସିଷ୍ଟମ୍‌ରେ ନାଇଟ୍ରୋଜେନ୍ ଚାପ ଅଧିକ ସ୍ଥିର ହୋଇଥିଲା। ଏହା ପରିବହନ ନିର୍ଭରଯୋଗ୍ୟତାକୁ ବୃଦ୍ଧି କରିବା ସହ ପିସିଆଇ ପ୍ରବାହରେ ହେଉଥିବା ବାରମ୍ବାର ପରିବର୍ତ୍ତନକୁ କମାଇଛି ଏବଂ ପିସିଆଇ ହାରକୁ ଘଣ୍ଟାପ୍ରତି ପ୍ରାୟ ୫୯ ଟନ୍ (ଟିପିଏଚ୍)ରୁ ବୃଦ୍ଧି କରି ପ୍ରାୟ ୬୪ରୁ ୬୫ ଟନ୍ (ଟିପିଏଚ)ରେ ପହଞ୍ଚାଇବାକୁ ସକ୍ଷମ କରିଛି। "ନିଶ୍ଚୟ' କ୍ୟୁସି ଟିମ୍‌ରେ ଇଞ୍ଜିନିୟରିଂ ଆସୋସିଏଟ୍ ଧୋବେଇ ଦାସ, ମାନସ ରଞ୍ଜନ ବେହେରା, ଦ୍ୱୈପାୟନ ପାତ୍ର ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଉମାକାନ୍ତ ମହାପାତ୍ର ସାମିଲ ଥିବା ବେଳେ ଡେପୁଟି ମ୍ୟାନେଜର ସିଦ୍ଧାର୍ଥ ଶଙ୍କର ଜେନା ଏହି ଟିମ୍‌ର ନେତୃତ୍ୱ ନେଇଥିଲେ।

## ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ କନ୍ୟାଶିଶୁ ଦିବସ




କୁତ୍ରା,୧୧।୧୦(ସମିସ): ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ଟୁନମୁରା ସ୍ଥିତ ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ଼. ଅମରେଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କାଉଟ୍‌ମାଷ୍ଟର ରାମେଶ୍ୱର ଲାକ୍ରା ଏବଂ ଗାଇଡ୍ କ୍ୟାପ୍ଟେନ୍ କିରନ୍ ଏକ୍କା ଓ ସୁମିତ୍ରା ବାର୍ଲା ସହଯୋଗ କରିଥିଲେ।

### ଇସ୍ପାତ୍ ସାହିତ୍ୟ ସଂସଦର ୫୬ ତମ ବାର୍ଷିକ ଉତ୍ସବ

# ପରିବର୍ତ୍ତିତ ସମାଜକୁ ସୁଧାରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା, ୧୧।୧୦(ସମିସ):




ଇସ୍ପାତ୍ ସାହିତ୍ୟ ସଂସଦର ୫୬ତମ ଦ୍ୱିଦିବସୀୟ ବାର୍ଷିକ ଉତ୍ସବ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଉପଜିଲ୍ଲାପାଳ ରାଜେନ୍ଦ୍ର ପ୍ରକାଶ ଯୋଗ ଦେଇଥିବାବେଳେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଧ୍ୟାପକ ଡ ଅଭୟ କୁମାର ରାଉତ ଯୋଗଦେଇ 'ପରିବର୍ତ୍ତିତ ସମାଜରେ ସାହିତ୍ୟର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। କବି ମଞ୍ଜୁଳା କୁମାରୀ ରଥଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ଓ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ଉପସଭାପତି ରଶ୍ମିବାଳା ରାଉତରାୟ ବକ୍ତବ୍ୟ ରଖିଥିଲେ। ଶିବ କଳା ନିକେତନ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଉନ୍ମୋଚିତ ହୋଇଥିବା ରଶ୍ମିବାଳା ରାଉତରାୟଙ୍କ 'ଗଳ୍ପରେ ବିଜ୍ଞାନ' ପୁସ୍ତକର ସମୀକ୍ଷା ଅଧ୍ୟାପକ ଉମାକାନ୍ତ ପ୍ରଧାନ କରିଥିବା ବେଳେ ପଣ୍ଡିତ ହରିହର ବେହେରାଙ୍କ ପୁସ୍ତକ 'ଶ୍ରୀକୃଷ୍ଣ ରସାମୃତ ଓ 'ଭଜନ ସୁଧା'ର ସମୀକ୍ଷା କରିଥିଲେ କବି ବିଜୟିନୀ ଜେନା।

ଦ୍ୱିତୀୟ ପର୍ଯ୍ୟାୟରେ ଚିତ୍ତରଂଜନ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଓ ମମତା ଜେନା ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ଡାକ୍ତର ଗିତାଞ୍ଜଳୀ ପତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରଥମ ଦିନ ଡ଼ ଅଭୟ କୁମାର ରାଉତ, ଇଂ ଅଶୋକ କୁମାର ପଟ୍ଟନାୟକ, ନର୍ମଦା ନାୟକ, ସୁବ୍ରତ କୁମାର ରଥ, ଅଜୟ କୁମାର ମହାନ୍ତି,ରବୀନ୍ଦ୍ର ନାଥ ମିଶ୍ରଙ୍କୁ ସ୍ମୃତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଦ୍ୱିତୀୟଭଞ୍ଜ ସାହିତ୍ୟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। 'ବାର୍ତ୍ତମାନିକ ପରିସ୍ଥିତିରେ ଆମେ ଓ ଆମ ସାହିତ୍ୟ' ଶୀର୍ଷକ ଆଲୋଚନାରେ ପରିବର୍ତ୍ତିତ ପରିସ୍ଥିତିରେ ସାହିତ୍ୟହିଁ ସମାଜକୁ ସୁଧାରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ସୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଏବଂ ସଧାରଣ ସମ୍ପାଦକ ଶ୍ରୀ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ସ୍ତବକ ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ଉମାକାନ୍ତ ପ୍ରଧାନ, ଶ୍ରୀମତୀ ଉର୍ବଶୀ ଦାଶ ଏବଂ ରମାକାନ୍ତ ସୂତାରଙ୍କୁ ବ୍ୟାସକବି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶର୍ମିଷ୍ଠା କବି ଶତପଥି, ଡ଼ ମନୋଜ କୁମାର ପଣ୍ଡା, ଅଧ୍ୟାପକ ଅଖିଳ ବିଶ୍ୱାଳ, ଲୋପାମୁଦ୍ରା ମିଶ୍ର ଓ ବସନ୍ତ କୁମାର ନାଥଙ୍କୁ ସ୍ମୃତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠ କାର୍ଯ୍ୟକ୍ରମରେ କବି ସୁଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ରଶ୍ମିବାଳା ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ଏହି କବିତା ପାଠ କାର୍ଯ୍ୟକ୍ରମରେ ଡଲି ରାଣୀ ବ୍ରହ୍ମା, ଉର୍ବଶୀ ଦାଶ ଓ ଗୌତମ ଦାସ ସଂଯୋଜନା କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଉପେନ୍ଦ୍ର ବସ୍ତିଆ, ସବିତା ବସ୍ତିଆ, ଅଭିରାମ ପ୍ରଧାନ ଓ ଅର୍ଚ୍ଚନା ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଦଲାଲଙ୍କ ଟାର୍ଗେଟ୍‌ରେ ଆୟୁଷ୍ମାନ କାର୍ଡଧାରୀ

# ଚିକିତ୍ସା ଆଳରେ ରାଜ୍ୟ ବାହାର ମେଡିକାଲକୁ ନେଇ ଶୋଷଣ

**ନୂଆପଡ଼ା, ୧୧।୧୦ (ସମିସ)**

ନୂଆପଡ଼ା ଜିଲ୍ଲାରେ ବର୍ତ୍ତମାନ ଏକ ବଡ଼ଧରଣର ରାକେଟ୍ ଚାଲିଥିବା ଅଭିଯୋଗ ହୋଇଛି। ଏହି ରାକେଟ୍‌ର ମୁଖ୍ୟ ଟାର୍ଗେଟ୍‌ରେ ଆୟୁଷ୍ମାନ କାର୍ଡଧାରୀ ହିତାଧିକାରୀମାନେ ରହିଥିବା ଅଭିଯୋଗ ରହିଛି। ବଡ଼ ପରିମାଣର କମିଶନ ଆଶାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଗରିବ ଲୋକଙ୍କୁ ଚିକିତ୍ସା କରାଇବାର ବାହାନାରେ ଛତିଶଗଡ଼ର ବିଭିନ୍ନ ହସ୍ପିଟାଲକୁ ନିଆଯାଉଥିବା ଅଭିଯୋଗ ହୋଇଛି। ସେଠାରେ ସେମାନଙ୍କ ଆୟୁଷ୍ମାନ କାର୍ଡ ବ୍ୟବହାର କରି ବଡ଼ ଅର୍ଥରାଶିର କ୍ଲେମ୍ କରାଯାଉଥିବା ମଧ୍ୟ ଅଭିଯୋଗ ରହିଛି। ଅଭିଯୋଗ ଅନୁସାରେ, ସିନାପାଲି ଓ ବୋଡେନ ବ୍ଲକ ଅଞ୍ଚଳର ଲୋକମାନେ ଏହି ଦଲାଲମାନଙ୍କ ମୁଖ୍ୟ ଟାର୍ଗେଟ୍‌ରେ ରହିଛନ୍ତି। ଜଣେବ୍ୟକ୍ତି ପ୍ରକୃତରେ ଗୁରୁତର ରୋଗରେ ଆକ୍ରାନ୍ତ କି ନୁହେଁ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ; କେବଳ ତାଙ୍କ ପାଖରେ ଆୟୁଷ୍ମାନ କାର୍ଡ ଥିବା ଦରକାର ବୋଲି କହି ଲୋକଙ୍କୁ ରୋଗୀ ଭାବେ ରାୟପୁର, ଦୁର୍ଗ ଓ ଭିଲାଇର ବିଭିନ୍ନ ହସ୍ପିଟାଲକୁ ନିଆଯାଉଥିବା ଅଭିଯୋଗ ରହିଛି। କିଛିମାସ ପୂର୍ବରୁ ବୋଡେନ ବ୍ଲକର ନାଗପଡ଼ା ଗାଁର ୧୦ ଜଣ ବ୍ୟକ୍ତି ବୋଡେନ ଅଞ୍ଚଳର ଜଣେ ଦଲାଲଙ୍କ ସହ ଦୁର୍ଗସ୍ଥିତ ଏକ ହସ୍ପିଟାଲକୁ ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ଘରକୁ ଫେରିଥିବାବେଳେ ଜୈଲାଲ



ତାଣ୍ଡି ଏପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି। ପରିବାରର ଅଭିଯୋଗ ଅନୁସାରେ, ଜୁଲାଇ ୧୭ ତାରିଖରେ ଜୈଲାଲ ନିଜ ଘରୁ ବାହାରି ବୋଡେନ ବ୍ଲକର ସେହି ଗାଁର ବାସିନ୍ଦା ତଥା ଦଲାଲ ଭାବେ ଅଭିଯୋଗ ହେଉଥିବା ପ୍ରେମ ତାଣ୍ଡିଙ୍କ ସହ ଦୁର୍ଗ ଯାଇଥିଲେ। ଜୈଲାଲଙ୍କୁ ସେଠାରେ ଛାଡ଼ି ଘରକୁ ଫେରି ଆସିଥିଲେ। ପ୍ରେମତାଣ୍ଡି ପରିବାରକୁ ଜୈଲାଲଙ୍କର ପାଇଲ୍ସ ଅପରେସନ ହୋଇଥିବା କହିଥିବା ଅଭିଯୋଗ ରହିଛି। କିନ୍ତୁ ସେହି ଦିନଠାରୁ ଜୈଲାଲଙ୍କ କୌଣସି ପତ୍ତା ମିଳୁନାହିଁ। ଜୈଲାଲଙ୍କ ନିଖୋଜ ନେଇ ପରିବାର ସଦସ୍ୟମାନେ ବୋଡେନ ଥାନାରେ ଲିଖିତ

**ଚିକିତ୍ସା ପାଇଁ ଯାଇ ୨ ଯୁବକ ନିଖୋଜ**

ଅଭିଯୋଗ ଦେଇଥିଲେ। ଏହାକୁ ଆଧାର କରି ୩ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଜୈଲାଲ ଘରକୁ ଫେରି ନାହାନ୍ତି। ଫେରିବା ବାଟକୁ ପରିବାର ଲୋକେ ଚାହିଁ ବସିଛନ୍ତି। ଏହି ଘଟଣାକୁ ନେଇ ପରିବାର ଲୋକେ ନୂଆପଡ଼ା ଏସ୍‌ପିଙ୍କୁ ମଧ୍ୟ ଭେଟିଥିଲେ। ଜୈଲାଲଙ୍କୁ ତୁରନ୍ତ ଖୋଜି ବାହାର କରି ଘରକୁ ଫେରାଇ ଆଣିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଅନଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିବାକୁ ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ନୂଆପଡ଼ା ଭଳି ଏକ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଦଲାଲମାନେ ଛତିଶଗଡ଼ ରାଜ୍ୟର ବିଭିନ୍ନ ହସ୍ପିଟାଲକୁ ନେଇ ଚିକିତ୍ସା କରାଇବା ଆଳରେ ସମ୍ପୃକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ମିଶି ବଡଧରଣର ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ତେଣୁ ସମ୍ପୃକ୍ତ ଦଲାଲ ଓ ଚିକିତ୍ସା କେନ୍ଦ୍ରର ସବିଶେଷ ତଥ୍ୟ ସଂଗ୍ରହକରି ଆବଶ୍ୟକ ପଦକ୍ଷେପ ନେଇ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହ ଏହି ରାକେଟର ପର୍ଦ୍ଦାଫାସ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ଦୁର୍ଗାପୂଜା ପାଇଁ କଳସ ଯାତ୍ରା



**ଗୋଲାମୁଣ୍ଡା, ୧୧।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରାମରେ ଦୁର୍ଗାପୂଜା ଉପଲକ୍ଷେ ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଭକ୍ତିମୟ ପରିବେଶ ଓ ଧାର୍ମିକ ଉତ୍ସାହ ମଧ୍ୟରେ ଶତାଧିକ ମହିଳା ଏହି ଯାତ୍ରାରେ ସାମିଲ ହୋଇଥିଲେ।ପାରମ୍ପରିକ ରୀତିନୀତି ଅନୁଯାୟୀ ମହିଳାମାନେ ଗ୍ରାମ ପୋଖରୀରୁ କଳସରେ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହା ସହିତ ମା’ ଦୁର୍ଗାଙ୍କ ପୂଜାର ଶୁଭାରମ୍ଭ ହୋଇଥିଲା। କଳସ ଯାତ୍ରା ଯୋଗୁଁ ସମଗ୍ର ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ପୂଜକ ମୁରଲୀଧର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ଶ୍ରୀଯୁକ୍ତ ରାହାସ ବିହାରୀ ରାଉତ ଓ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରକଳା ରାଉତ ଦାୟିତ୍ୱ ତୁଲାଇଥିଲେ। ଆଜି କଳସ ଯାତ୍ରା ସହ ଅଧିବାସ କାର୍ଯ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜକଙ୍କ ସୂଚନା ଅନୁଯାୟୀ, ଆସନ୍ତା ୧୧ ଅକ୍ଟୋବରରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ମା’ ଦୁର୍ଗାଙ୍କ ପୂଜା ଅନବରତ ଚାଲିବ। ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ସହ ଗ୍ରାମରେ ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଗ୍ରାମବାସୀ ମା’ଙ୍କ ଆରାଧନାରେ ସାମିଲ ହୋଇଛନ୍ତି।

### ଇନ୍ଦିରା କଲେଜରେ ଛାତ୍ର ସଂସଦ ନିର୍ବାଚନ

## ସଭାପତି ଦୌଡ଼ରେ ଇନ୍ଦ୍ରାଶିଷ-ଯୋଗୀନ୍ଦ୍ର

**ଜୁନାଗଡ଼, ୧୧।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି। ସଭାପତି ପଦ ପାଇଁ ଇନ୍ଦ୍ରାଶିଷ ବେହେରା ଓ ଯୋଗୀନ୍ଦ୍ର ଦଳପତିଙ୍କ ମଧ୍ୟରେ ସିଧାସଳଖ ଟକ୍କର ହେବ। ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏଥର ଛାତ୍ର ସଂସଦ, ସାଂସ୍କୃତିକ ଓ କ୍ରୀଡ଼ା ପରିଷଦର ବିଭିନ୍ନ ପଦ ପାଇଁ ମୋଟ ୧୫ ଜଣ ନାମାଙ୍କନ କରିଥିଲେ। ଯାଞ୍ଚପରେ ୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବାବେଳେ ୧୩ ଜଣ ରଣାଙ୍ଗନରେ ରହିଛନ୍ତି। ଉପସଭାପତି ପଦ ପାଇଁ ଅଞ୍ଜଳି ନାଏକ ଓ ତପସ୍ୱିନୀ ଦୁର୍ଗା, ସାଧାରଣ ସମ୍ପାଦକ ପଦ ପାଇଁ ଗଣେଶ ସାହୁ, ଅବନୀକାନ୍ତ ଛତ୍ରପାଳ ଓ ଅମିତ ବାଗଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ହେବ। ଅନ୍ୟପକ୍ଷରେ ୫ଟି ପଦରେ ପ୍ରାର୍ଥୀମାନେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସହାୟକ ସମ୍ପାଦକ ଭାବେ ଯୋଗେଶ କୁମାର, କ୍ରୀଡ଼ା ସମ୍ପାଦକ ଭାବେ ଅଂଶୁମାନ ମଙ୍ଗରାଜ, ନାଟ୍ୟ କ୍ଲବ ଓ ସାମାଜିକ ସେବା ଗିଲ୍ଡ ପାଇଁ ସୌମ୍ୟରଞ୍ଜନ ନିଆଲ, ଭଜନ ଦଳପତି, ମନୋରଞ୍ଜନ ମିଶ୍ର ଓ ସୌରଭ ନାଏକ ନିଦ୍ୱର୍ନ୍ଦ୍ୱ ହୋଇଛନ୍ତି। ଅଧ୍ୟକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅଧିକାରୀ ଆଦିତ୍ୟ କୁମାର ଖମାରୀ ଏବଂ ସହ ଅଧିକାରୀ ଇମ୍ରାନ ଅହମଦ ଖାନ ପ୍ରକ୍ରିୟା ପରିଚାଳନା କରୁଛନ୍ତି। ପର୍ଯ୍ୟବେକ୍ଷକ ଭାବେ ପ୍ରିୟବ୍ରତ ବାଣୁଆ ଓ ସମୀର କୁମାର ସାହୁ ଅଛନ୍ତି। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ (ଆଇଏଏସ) ଜୁନାଗଡ଼ ତହସିଲଦାର ରଘୁନାଥ ମୁଣ୍ଡାରୀଙ୍କୁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ନିୟୋଜିତ କରିଛନ୍ତି।

## ଦୁର୍ଗାପୂଜା ପାଇଁ ବିଲ୍ୱବରଣ ଓ କଳସ ଯାତ୍ରା

**କଲମପୁର, ୧୧।୧୦ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁରରେ ପ୍ରଥମଥର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏଥିପାଇଁ ଶନିବାର ବିଲ୍ୱବରଣ ଓ କଳସଯାତ୍ରା ଆୟୋଜିତ ହୋଇଯାଇଛି। କଲମପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଭାବେ ସୁଶୀଲ ଜୈନ, ଉପସଭାପତି ଭାବେ ସଞ୍ଜୟ ସାହୁ, ସମ୍ପାଦକ ଭାବେ ଘନଶ୍ୟାମ ନାଏକ, ଯୁଗ୍ମ ସମ୍ପାଦକ ଭାବେ ଅଜିତ ନିମୁଲିଆ ଓ କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ସାହୁ ଦାୟିତ୍ୱ



ନିର୍ବାହ କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେରୁ ନାଏକ, ମନୋଜ ଶର୍ମା, ପ୍ରଶାନ୍ତ କଙ୍କରିଆ, ନବିନ ପଣ୍ଡା, ରାଜେଶ ଶର୍ମା, ସନାତନ ପାଣ୍ଡେ ପ୍ରମୁଖ ଉପଦେଷ୍ଟା କମିଟିରେ ଥାଇ ମାର୍ଗଦର୍ଶନ କରୁଛନ୍ତି, ପ୍ରଥମ ଦିବସର କର୍ତ୍ତା ଭାବେ ଶିକ୍ଷକ ଭବାନୀଶଙ୍କର ପଣ୍ଡା ଓ ଶିକ୍ଷୟିତ୍ରୀ ସହଧର୍ମିଣୀ ଅଞ୍ଜଳି ପଣ୍ଡା ଦାୟିତ୍ୱ ତୁଲାଉଥିବାବେଳେ ପୂଜାକାର୍ଯ୍ୟ ଦାୟିତ୍ୱରେ ମୁଖ୍ୟ ପୂଜକ ଫକୀର ମୋହନ ପାତ୍ର, ଚଣ୍ଡୀ ପାଠ ରାଜେଶ କୁମାର ପାଢ଼ୀ, ସହକାରୀ ପ୍ରଦୀପ କୁମାର ଠାକୁର, ଅକ୍ଷୟ କୁମାର ଠାକୁର, ଆର୍ତ୍ତତ୍ରାଣ ଯୋଷୀ, ପ୍ରଶାନ୍ତ କୁମାର ପଣ୍ଡା ଓ ସୁପକାର ଭାବେ ଶ୍ରୀଧର ମୁଣ୍ଡ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଅନ୍ତର୍ଜାତୀୟ ସମ୍ମିଳନୀରେ ଗବେଷଣାପତ୍ର ଉପସ୍ଥାପନ କରିବେ କଳାହାଣ୍ଡିର ଗବେଷକ

**ଭବାନୀପାଟଣା, ୧୧।୧୦ (ସମିସ):** କଳାହାଣ୍ଡିର ଯୁବ ଲେଖକ ତଥା ଗବେଷକ ସୁଧୀର କୁମାର ଧଙ୍ଗଡ଼ାମାଝୀ ‘ଭାରତସ୍ କଲଚରାଲ୍ କନେକସନ୍ସ ଏକ୍ରସ୍ ଦ ଗ୍ଲୋବ୍’ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀରେ ଗବେଷଣାପତ୍ର ଉପସ୍ଥାପନ ପାଇଁ ଆମନ୍ତ୍ରିତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର (ଆଇଜିଏନସିଏ) ପକ୍ଷରୁ ଗ୍ରେଟର ଇଣ୍ଡିଆ ସୋସାଇଟିର ଶତବାର୍ଷିକୀ ଉପଲକ୍ଷେ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଉଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ‘ଫ୍ରମ୍ ମହାନଦୀ ଟୁ ମେଲାକା: ମ୍ୟାପିଂ ଦ ମାରିଟାଇମ୍ ଟ୍ରେଡ୍ ରୁଟ୍ସ ଅଫ୍ କଳିଙ୍ଗ ସାଧବସ୍’ ଶୀର୍ଷକ ତାଙ୍କ ଗବେଷଣାପତ୍ରରେ ପ୍ରାଚୀନ କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସିଆକୁ ସଂଯୋଗ କରୁଥିବା ଐତିହାସିକ ନୌବାଣିଜ୍ୟ ପଥ ତଥା ବାଣିଜ୍ୟିକ ସାମଗ୍ରୀ ସମେତ ବିଚାର ଓ ସଂସ୍କୃତି ଆଦାନପ୍ରଦାନରେ କଳିଙ୍ଗର ସାଧବମାନଙ୍କ ଭୂମିକାକୁ ଏଥିରେ ଅନୁଶୀଳନ କରାଯାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମରେ ଜନ୍ମିତ ସୁଧୀର ଜଣେ ଗବେଷକ, ଶିକ୍ଷକ, ଲେଖକ, ସମ୍ପାଦକ, ଉଦଘୋଷକ ତଥା ସଂସ୍କୃତି କର୍ମୀ। ସମ୍ପ୍ରତି ସେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ। ଶିକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ତାଙ୍କ ଅଧ୍ୟୟନ ଓ ଗବେଷଣାର ପ୍ରମୁଖ କ୍ଷେତ୍ର। ତାଙ୍କ ଗଳ୍ପ ସଂକଳନ ‘ଝଂଗାର’ ୨୦୨୧ରେ ‘ଟାଇମପାସ୍ ବେଷ୍ଟସେଲର ଏୱାର୍ଡ’ ଲାଭ କରିଥିବାବେଳେ ୨୦୨୦ ଓ ୨୦୨୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ସଂକ୍ଷିପ୍ତ ସୂଚୀରେ ସ୍ଥାନ ପାଇଥିଲା। ଏହି ଅନ୍ତର୍ଜାତୀୟ ମଞ୍ଚରେ ସେ ଅସୁରଗଡ଼ରୁ ସାନ୍ଦୁଲ, ତେଲ ଓ ମହାନଦୀ ଦେଇ ବଙ୍ଗୋପସାଗର, ମେଲାକା ପ୍ରଣାଳୀ ଓ ଦକ୍ଷିଣ-ପୂର୍ବ ଏସିଆ ପର୍ଯ୍ୟନ୍ତ ବ୍ୟାପ୍ତ ଐତିହାସିକ ସଂଯୋଗକୁ ଉପସ୍ଥାପନ କରିବା ସହ କଳିଙ୍ଗର ସାଧବମାନଙ୍କ ଗୌରବମୟ ନୌବାଣିଜ୍ୟ ଐତିହ୍ୟକୁ ବିଶ୍ୱର ଶିକ୍ଷାବିତ୍ ଓ ଗବେଷକମାନଙ୍କ ସମ୍ମୁଖରେ ରଖିବାର ସୁଯୋଗ ପାଇବେ ବୋଲି ଶ୍ରୀ ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି।



## ତୀର୍ଥଯାତ୍ରାବେଳେ ହୃଦ୍‌ଘାତରେ ଚାଲିଗଲା ଜୀବନ

**କୋକସରା, ୧୧।୧୦(ସମିସ):** ତୀର୍ଥଯାତ୍ରାରେ ଯାଇଥିବାବେଳେ ହୃଦ୍‌ଘାତରେ ଜଣେ ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ଅଧୀନ ବଡ଼କେନ୍ଦୁଗୁଡ଼ା ଗ୍ରାମର ବିଭୂତିଭୂଷଣ ପଣ୍ଡା (୬୦)। ତାଙ୍କର ଏଭଳି ଆକାଳ ମୃତ୍ୟୁଖବର ପ୍ରଚାରିତ ହେବାପରେ ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ବିଭୂତିଭୂଷଣ ପଣ୍ଡା କିଛି ଦିନ ତଳେ ତୀର୍ଥ ଯାତ୍ରାରେ ବାହାରିଥିଲେ। ଶନିବାର ବଦ୍ରିନାଥ ଧାମ ଦର୍ଶନ ସାରି ଫେରୁଥିବା ସମୟରେ ଉତ୍ତରପ୍ରଦେଶ ମେରଠ ନିକଟରେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ନିକଟସ୍ଥ ଏକ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁହୋଇଥିବା ଡାକ୍ତର ଘୋଷଣା କରିଥିବା ଜଣାପଡ଼ିଛି। ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ପାର୍ଥିବ ଶରୀର ଗାଁକୁ ଅଣାଯାଉଥିବା ସୂଚନା ମିଳିଛି। ତାଙ୍କ ବିୟୋଗରେ ତାଙ୍କ ପୁଅ ବିକାଶ ରଞ୍ଜନ ପଣ୍ଡା ଓ ବିଶ୍ୱ ରଞ୍ଜନ ପଣ୍ଡା ସମେତ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।



## କୁଲତା ସମାଜର ଜିଲ୍ଲାସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍

**କୋମନା, ୧୧।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ବାଞ୍ଜିବାହାଲ ସ୍କୁଲ ପଡ଼ିଆରେ କୁଲତା ସମାଜର ଜିଲ୍ଲାସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ନୂଆପଡ଼ା ବିଧାୟକ ଜୟଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, କୋମନା ବ୍ଲକ ସଭାପତି ବୈଷ୍ଣବ ସାହୁ, ଅଶ୍ୱିନୀ ଭୋଇ, ଦୁର୍ଲ୍ଲଭ ବିଶ୍ୱାଳ, ସମ୍ପାଦକ ନିରଞ୍ଜନ ସାହୁ ଏବଂ ଗୌରାଙ୍ଗ ପ୍ରଧାନ, ଚନ୍ଦନ ଠାକୁର, ସଞ୍ଜୟ ପ୍ରଧାନ, କାଳିଆ ପ୍ରଧାନ, ଜୟଦେବ ପ୍ରଧାନ, ସୁବୋଧ ଭୋଇ, ରମେଶ ପାତ୍ର, ନୀଳମଣି ଭୋଇ, ରଞ୍ଜିତ ଭୋଇ, ଇନ୍ଦ୍ର ଭୋଇ, ଯୁଗଳ ମାଝୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ସଞ୍ଜୟ ସାହୁ ଓ ପ୍ରିୟା ମେହେରଙ୍କ କୀର୍ତ୍ତନ ଧାରା କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗଦେଇଥିଲେ। ସମାଜସେବୀ ବୀରେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ବିଧାୟକଙ୍କ ଦ୍ୱାରା ଦୈନିକ ହାଟ ଉଦ୍‌ଘାଟିତ



**କଲମପୁର, ୧୧।୧୦(ସମିସ):** କଲମପୁରଠାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କ ଦ୍ୱାରା ନବନିର୍ମିତ ଦୈନିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଦୈନିକ ହାଟ ନିର୍ମାଣ ହେବା ପୂର୍ବରୁ ଛୋଟ ଛୋଟ ପନି ପରିବା ବ୍ୟବସାୟୀମାନେ ରାସ୍ତା କଡ଼ରେ ସାମଗ୍ରୀ ବିକ୍ରୟ କରି ଆସୁଥିଲେ। କିନ୍ତୁ କଲମପୁରଠାରୁ ଥୁଆମୁଳ ରାମପୁର, ମୁଖିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ଏହି ଦୈନିକ ବଜାର ବସୁଥିବାରୁ ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ରହୁଥିଲା। ତେଣୁ ଏହାର ଗୁରୁତ୍ୱ ଦୃଷ୍ଟିରୁ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚମ ରାଜ୍ୟ ଅର୍ଥ କମିସନ ଯୋଜନାରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ନିର୍ମାଣ କରାଯାଇଛି। ସମିତି ଅଧ୍ୟକ୍ଷା ଜ୍ୟୋତି ନାଏକ, ଦୁର୍ଗାପୂଜା କମିଟିର ସଭାପତି ଶୁଶିଲ କୁମାର ଜୈନ, ବରିଷ୍ଠ ବିଜେପି ନେତା ବିଜୟ କୁମାର ପଣ୍ଡା, ମହେନ୍ଦ୍ର ନାଥ ସାହୁ, କମଳ ବାଗ, ଘନଶ୍ୟାମ ନାଏକ, ଚେରୁ ନାଏକ, ମୁକୁନ୍ଦ ତେଣ୍ଡକାରୀ, ଶିବାଜୀ ଚିନ୍ଦା, ସୁଶିଲ ପତି, ଜିଲ୍ଲା ପ୍ରତିନିଧି ସୁଧିର ବାଗ, ସୌରଭ ବେହେରା, ସୁଧିର ରାଉତ, ହରେକୃଷ୍ଣ ସାହୁ ପ୍ରମୁଖଙ୍କ ସମେତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ . ସୁଜିତ କୁମାର ଭୁୟାଁ, କନିଷ୍ଠଯନ୍ତ୍ରୀ ରାଜେଶ କୁମାର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ପାଟଯୋଷୀ ଦୈନିକ ବଜାରର ଉଦ୍‌ଘାଟନ କରିଥିଲେ।

## ଖଡ଼ିଆଳ କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲ

**ଖଡ଼ିଆଳ, ୧୧।୧୦(ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୨୬-୨୭ ଶିକ୍ଷାବର୍ଷର ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଇଛି। ଏଥିସହ କଲେଜକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ଘୋଷଣା କରାଯାଇଛି। ଏହି ପରିସ୍ଥିତିରେ କ୍ୟାମ୍ପସ ଓ ହଷ୍ଟେଲ ଗୁଡ଼ିକର ଚାରିପାଖରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ କୌଣସି ଅପ୍ରିତିକର ଘଟଣାକୁ ଏଡ଼ାଇବା ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ମୁତୟନ କରିବାକୁ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପକ୍ଷରୁ ଖଡ଼ିଆଳ ଏସ୍‌ଡିପିଓଙ୍କୁ ଅନୁରୋଧ କରାଯାଇଛି। କଲେଜ କାର୍ଯ୍ୟାଳୟର ଚିଠି ଅନୁଯାଇ ଛାତ୍ର ସଂସଦ ନିର୍ବାଚନ ବାତିଲ ସହ କଲେଜକୁ ‘ସାଇନ୍ ଡାଇ’ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କଲେଜ ପରିସର ଓ ହଷ୍ଟେଲ ନିକଟରେ ପୁଲିସ ମୁତୟନ କରି ଶାନ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା କରିବାକୁ ଚିଠିରେ ଅନୁରୋଧ କରାଯାଇଛି। ଏହି ଚିଠିର ନକଲ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ନୂଆପଡ଼ା ଏବଂ ନୂଆପଡ଼ା ଏସପିଙ୍କୁ ମଧ୍ୟ ପଠା ଯାଇଥିବା ଜଣା ପଡ଼ିଛି। ଏଥିସହ କଲେଜ ପରିଚାଳନା ପରିଷଦର ଏଡିଏମ୍-କମ୍-ସଭାପତିଙ୍କୁ ମଧ୍ୟ ଅବଗତ କରାଯାଇଛି। ନିର୍ବାଚନ ବାତିଲ ଓ କଲେଜ ବନ୍ଦ ଘୋଷଣା ପରିପ୍ରେକ୍ଷୀରେ କଲେଜ ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବେ ପ୍ରଶାସନ ଓ ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ ଘୋଷଣା ପରେ ଅସନ୍ତୋଷ ଦେଖାଦେଇଛି। ଏବିଭିପି, ବିଜେଡି ଓ କଂଗ୍ରେସ ତଥା ବିଭିନ୍ନ ଛାତ୍ର ସଂଘଠନ ସମର୍ଥନ କରୁଥିବା ବିଭିନ୍ନ ପଦବି ପାଇଁ ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥୀମାନେ ଏହି ଘୋଷଣାକୁ ବିରୋଧ କରିଛନ୍ତି। ମହାବିଦ୍ୟାଳୟ ପରିସରକୁ ପୁଲିସ ଛାଉଣୀରେ ରଖାଯାଇଛି।




## ଥୁଆମୂଳ ରାମପୁରରେ କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୧୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ଥୁଆମୂଳ ରାମପୁର କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅଧୀନସ୍ଥ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଜ୍ଞାନ, ସୃଜନଶୀଳତା ଓ ବୌଦ୍ଧିକ ଦକ୍ଷତାର ବିକାଶ ନିମନ୍ତେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ଓ ବିତର୍କ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ତପିମଣୀ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କାମ୍ପାଲ, ଭାରପ୍ରାପ୍ତ ସହକାରୀ ବ୍ଲକ ସମ୍ବଳ କେନ୍ଦ୍ର ସଂଯୋଜକ ସୁନାଧର ମାଝୀ, କ୍ଲଷ୍ଟରର ନୂତନ କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକ ରବି ନାଏକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ। ‘ସୁରଭି’ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଛି।



## ସିନାପାଲି ଥାନାରେ ଶାନ୍ତି କମିଟି ବୈଠକ



**ସିନାପାଲି, ୧୧।୧୦(ସମିସ):** ଆଗକୁ ଆସୁଛି ପାର୍ବଣ ଋତୁ। ସବୁଠି ଉତ୍ସାହ ଦେଖିବାକୁ ମିଳିଥିବାବେଳେ ସହର ଠାରୁ ଆରମ୍ଭ କରି ଗାଁ ଗଣ୍ଡା ଗୁଡିକରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସିନାପାଲି ଥାନା ପରିସରରେ ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସଚେତନ ନାଗରିକ ଯୋଗଦାନ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ସିନାପାଲି ସହରର ନେହରୁ ମଣ୍ଡପ ସାମୂହିକ ଦୁର୍ଗାପୂଜା କମିଟି, ଜଗନ୍ନାଥଛକ କମିଟି, ରାମପୂଜା କମିଟି, ହନୁମାନ ପୂଜା କମିଟି, ସିଙ୍ଗଝର ଦୁର୍ଗାପୂଜା କମିଟି, ଗଣ୍ଡାବାହାଲି ଦୁର୍ଗାପୂଜା କମିଟି, ଚଲନା ଦୁର୍ଗାପୂଜା କମିଟି, କୂଳିଆଡଙ୍ଗରୀ, ନିଲଜୀ, ଟିମନପୁର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସିନାପାଲି ଥାନା ସବ୍‌ଇନ୍ସପେକ୍ଟର ଗୌରୀ ଶଙ୍କର ଦାସ ସଭା ପରିଚାଳନା କରିଥିଲେ।

### ବିଜୁ ଏକ୍ସପ୍ରେସୱେ ଅବସ୍ଥା ଶୋଚନୀୟ

## ରାସ୍ତାସାରା ଖାଲ; ବଢ଼ୁଛି ଦୁର୍ଘଟଣା ଆଶଙ୍କା

**କୋକସରା, ୧୧।୧୦(ସମିସ)**

ବିଜୁ ଏକ୍ସପ୍ରେସୱେ ଏବେ ଯାତ୍ରୀଙ୍କ ପାଇଁ ମୃତ୍ୟୁର ଫାଶ ପାଲଟିଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଠାରୁ ଧର୍ମଗଡ଼ ଦେଇ ନୂଆପଡ଼ା ଜିଲ୍ଲା କୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସୱେର ବିଭିନ୍ନ ସ୍ଥାନରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ହଜାର ହଜାର ଲୋକେ ଜୀବନ ବିକଳରେ ଯାତ୍ରା କରୁଛନ୍ତି। ଏହି ରାସ୍ତାରେ ସର୍ବଦା ଦ୍ରୁତଗାମୀ ଭାରିଯାନ ସମେତ ଅସଂଖ୍ୟ ଗାଡ଼ିମୋଟର ଚଳାଚଳ କରିଥାଏ। ମାତ୍ର ଆମପାଣିରୁ ଧର୍ମଗଡ଼



ମଧ୍ୟରେ ଅନେକ ପୋଲ ନିକଟରେ ପିଚୁ ଉଠିଯିବା ସହ ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଦ୍ରୁତଗାମୀ ଗାଡ଼ିର ଚାଳକମାନେ ଏସବୁ ଗର୍ତ୍ତକୁ ଆଗୁଆ ଦେଖିନପାରି ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ କିଛିଦିନ ତଳେ ଧର୍ମଗଡ଼ ଗୋଲେଇ ଛକ ରାସ୍ତାର ଏକ ବିରାଟ ଗର୍ତ୍ତରେ ପାଣି ଜମି ରହିବାରୁ ଏକ କାର୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇ ସେଠାରେ ଫସି ରହି ଥିବା ମଧ୍ୟ ନଜିର ରହିଛି। ତଥାପି ପୂର୍ତ୍ତ ବିଭାଗ ଏହାକୁ ନେଇ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛି। ପ୍ରଶାସନର ଏଭଳି ଉଦାସୀନତା ଯୋଗୁଁ ସାଧାରଣରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ କୌଣସି ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ଆମପାଣି ଠାରୁ ଧର୍ମଗଡ଼ ପର୍ଯ୍ୟନ୍ତ ରାସ୍ତାରେ ଥିବା ଗାତଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।
-ରତନ ଟାଟା

## ଚାପରେ ଚିଠି!

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାଜଧାନୀ ଦିଲ୍ଲୀରେ ବିରୋଧୀ ରାଜନୈତିକ ଦଳ ସମେତ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ମୁମ୍ବାଇରେ ଆନ୍ଦୋଳନର ତୀବ୍ରତା ଅନୁଭୂତ ହୋଇସାରିଥିବା ବେଳେ ଉତ୍ତରପ୍ରଦେଶକୁ ବ୍ୟାପିବାର ସୂଚନା ମିଳିଛି। ଏହିକ୍ରମରେ ସମଗ୍ର ଦେଶ ଏକଜୁଟ୍ ହେଉଛନ୍ତି। ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏସ୍ଆଇଆର ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଓ ଜାଲିଆତି ଅଭିଯୋଗ ଆସିଛି, ଯାହାକୁ ଏ ପର୍ଯ୍ୟନ୍ତ ସେ ଖଣ୍ଡନ କରିପାରିନାହାନ୍ତି। ଏଥିସହିତ ତାଙ୍କର ଏକଚାଟିଆ କାରବାର ସମ୍ପର୍କରେ ଖୋଦ୍ ଆୟୋଗ ଭିତରେ ବିରୋଧାଭାସ ସୃଷ୍ଟି ହୋଇଛି। ଅପରପକ୍ଷରେ ଆଶ୍ଚର୍ଯ୍ୟଜନକ ଭାବେ ଜ୍ଞାନେଶ କୁମାରଙ୍କ ସମର୍ଥନରେ ୪୨ ଜଣ ପୂର୍ବତନ ବିଚାରପତି ଏକ ଖୋଲା ଚିଠି ଜାରି କରିଛନ୍ତି। ସେମାନଙ୍କ ଭିତରେ କେତେଜଣ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇସାରିଛନ୍ତି। ସେମାନେ ପାଲଟା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ, ନ୍ୟାୟାଳୟ ପରି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ ହେଉଛି। ପରୋକ୍ଷରେ ସେମାନେ କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି।

ସାରା ଦେଶବାସୀ ଜାଣିବାକୁ ଆଉ ବାକି ନାହିଁ ଯେ ଏବେ ଯେଉଁ ଆନ୍ଦୋଳନ ଚାଲିଛି ତାହା ନିର୍ବାଚନ ଆୟୋଗ ବିରୋଧରେ ନୁହେଁ; ନିର୍ଦ୍ଦିଷ୍ଟ ଭାବେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ। ତେଣୁ ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଆକ୍ରମଣର ପ୍ରଶ୍ନ ଉଠିଲା କେଉଁଠି? ଏ କଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ନିର୍ବାଚନ ଆୟୁକ୍ତ ଗଣତନ୍ତ୍ରର ପ୍ରହରୀ ଭାବେ 'ଗଣ'ଙ୍କ ଦ୍ୱାରା ପରୋକ୍ଷରେ ନିଯୁକ୍ତି ପାଇଛନ୍ତି। ତେଣୁ ସେ 'ଗଣ'ଙ୍କ ପ୍ରତି ଉତ୍ତରଦାୟିତ୍ୱ କିମ୍ବା ଆଇନର ଶାସନରୁ ଊର୍ଦ୍ଧ୍ୱରେ ନୁହନ୍ତି। କିନ୍ତୁ ସେ ଯଦି ନିଜ ଦାୟିତ୍ୱ ସଠିକ୍ ନିର୍ବାହ କରିପାରୁନାହାନ୍ତି ବୋଲି ହୃଦୟଙ୍ଗମ ହୁଏ ତେବେ 'ଗଣ' ସ୍ୱର ଉତ୍ତୋଳନ କରିବାର ଅଧିକାର ସମ୍ବିଧାନ ଦେଇଛି। ପ୍ରତିବାଦ/ଆନ୍ଦୋଳନ ଆଦିକୁ 'ଆକ୍ରମଣ' ସଂଜ୍ଞା ଦେବା ଠିକ୍ ନୁହେଁ। ଏ କଥା ଯେ ବିଜ୍ଞ ପୂର୍ବତନ ବିଚାରପତିମାନେ ଜାଣି ନାହାନ୍ତି ତାହା ଭାବିବା ଭୁଲ୍। ତଥାପି ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଆକ୍ରମଣ ହେଉଛି ବୋଲି ମନ୍ତବ୍ୟ ଦେବା କେତେ ସମୀଚୀନ ତାହା ବିଚାରସାପେକ୍ଷ। 'କୌଣସି ଗଣତାନ୍ତ୍ରିକ ଅନୁଷ୍ଠାନର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇସାରିବା ପରେ ମନମୁଖି କାର୍ଯ୍ୟ କରିବାର ଅଧିକାର ଅଛି' ଭଳି ଉଦ୍ଭଟ ଭାବନା ମଧ୍ୟ ପୂର୍ବତନ ବିଚାରପତିମାନଙ୍କର ମସ୍ତିଷ୍କରେ ଜନ୍ମ ନେଇଥିବ ବୋଲି ସହଜରେ ବିଶ୍ୱାସ କରି ହେଉନାହିଁ। ତଥାପି ଦୁର୍ଭାଗ୍ୟବଶତଃ ଯଦି ଏଭଳି ହୋଇଥାଏ ତେବେ ଦେଶ ପାଇଁ ତାହା ଏକ ବିଡ଼ମ୍ବନା।

ଏଠାରେ ଆଉ ଏକ ପ୍ରସଙ୍ଗ ଉଲ୍ଲେଖନୀୟ। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନ ପରିସରରୁ ପୋଡ଼ା ନୋଟ୍ ଜବତ ହେବା ଘଟଣାର ତଦନ୍ତରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେଣୁ ତାଙ୍କୁ ଦୋଷୀ କହିବାରେ ବାରଣ ନାହିଁ। କିନ୍ତୁ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ କହିବାର ଅର୍ଥ ନୁହେଁ ଯେ ଅଦାଲତକୁ ବା ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦୋଷାରୋପ କରାଯାଉଛି। ସେ ଏକ ଗଣତାନ୍ତ୍ରିକ ଅନୁଷ୍ଠାନକୁ ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କର ଆପତ୍ତିଜନକ କାର୍ଯ୍ୟକଳାପ ପାଇଁ ତାଙ୍କୁ ଆରୋପିତ କରାଯାଇପାରିବ ନାହିଁ ଏହା ମଧ୍ୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅସ୍ୱୀକୃହଣୀୟ।

ଯେଉଁ ବିଜ୍ଞ ବ୍ୟକ୍ତିମାନେ ବିଚାରପତି ଭଳି ଦାୟିତ୍ୱସମ୍ପନ୍ନ ପଦବୀରେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି ସେମାନଙ୍କ ମସ୍ତିଷ୍କରେ ଏଭଳି ବିପରୀତ ଭାବନା ଉଦ୍ରେକ ହେବା ଅସମ୍ଭବ। ତେଣୁ ସେମାନେ କାହା ଚାପରେ ଏଭଳି ଚିଠି ଜାରି କରିଥାଇପାରନ୍ତି ବୋଲି ଜନମନରେ ଏକ ଧାରଣା ସୃଷ୍ଟି ହେଉଛି। ସେ ଚାପ କାହାର ହୋଇଥିବ ତାହା ବୁଝାଇ କହିବାର ଆବଶ୍ୟକତା ମଧ୍ୟ ନାହିଁ।

## ଆମେରିକାର ଔଦ୍ଧତ୍ୟ

ଏହା ବିଶ୍ୱକୁ ଅଜଣା ନାହିଁ ଯେ ଆମେରିକାର ସୂଚନା ପ୍ରଯୁକ୍ତି ଶିଳ୍ପର ସମୃଦ୍ଧିରେ ଭାରତୀୟ ପ୍ରତିଭାମାନଙ୍କର ଅବଦାନ ଅପରିହାର୍ଯ୍ୟ। ତଥାପି ଭାରତୀୟ ପେସାଦାରମାନଙ୍କୁ ଗୋତି ଶ୍ରମିକ ସହିତ ତୁଳନା କରିବା ଏବଂ ସେମାନଙ୍କର ଆମେରିକା ରହଣି ଅନୁମତିକୁ ବାତିଲ୍ କରିବା ଆମେରିକାର ଔଦ୍ଧତ୍ୟର ପରିଚୟ। ଦକ୍ଷ, କୁଶଳୀ ଓ ଧୀଶକ୍ତି ସମ୍ପନ୍ନ ବିଦେଶୀ ପେସାଦାରମାନଙ୍କର ପ୍ରତିଭାକୁ ବିନିଯୋଗ କରିବା ପାଇଁ ଆମେରିକା 'ପରମାନେଣ୍ଟ ଲେବର ସାର୍ଟିଫିକେସନ୍ ପ୍ରୋଗ୍ରାମ(ପିଏଲ୍‌ସିପି)' ବା 'ପ୍ରୋଗ୍ରାମ୍ ଇଲେକ୍ଟ୍ରୋନିକ୍ ରିଭ୍ୟୁ ମ୍ୟାନେଜମେଣ୍ଟ(ପିଇଆରଏମ୍)' ନାମରେ ଏକ ଯୋଜନା କାର୍ଯ୍ୟକାରୀ କରିଆସୁଥିଲା। ଏହି ଯୋଜନାରେ ବହିରାଗତମାନଙ୍କୁ ସେଠାରେ ସ୍ଥାୟୀ ରହଣିର ଅନୁମତି ଦିଆଯାଉଥିଲା। କିନ୍ତୁ ସେମାନଙ୍କୁ ସମାନ କାମରେ ନିଯୋଜିତ ଆମେରିକୀୟମାନଙ୍କଠାରୁ ତୁଳନାତ୍ମକ ଭାବେ କମ୍ ପାରିଶ୍ରମିକ ବା ଦରମା ମିଳୁଥିଲା। ତଥାପି ଆମେରିକାରେ କାର୍ଯ୍ୟରତ କୋଗ୍ନିଜାଣ୍ଟ, ଇନ୍‌ଫୋସିସ୍, ଟାଟା, ୱିପ୍ରୋ, ଏଚ୍‌ସିଏଲ୍ ପରି ବୃହତ୍ ଆଇଟି କମ୍ପାନୀ ସମେତ ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍ ପରି ଆମେରିକୀୟ କମ୍ପାନୀମାନଙ୍କରେ ଭାରତୀୟମାନେ ଉପରୋକ୍ତ ଯୋଜନା ଅଧୀନରେ ସେଠାରେ ସ୍ଥାୟୀ ବସବାସ କରିବାର ସୁଯୋଗ ପାଉଥିଲେ। କିନ୍ତୁ ଭାରତୀୟ ପେସାଦାରମାନଙ୍କ ଯୋଗୁଁ ଆମେରିକୀୟ ପେସାଦାରମାନେ ଚାକିରି ହରାଉଥିବା ଅଭିଯୋଗରେ ଆମେରିକା ସରକାର ଉପରୋକ୍ତ ଯୋଜନାକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଫଳରେ ସଂଖ୍ୟାଧିକ ଏଚ୍-୧ବି ଭିସା ଓ ଗ୍ରୀନ୍ କାର୍ଡ ଆଶାୟୀ ଭାରତୀୟମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ପଦରେ ଆସୀନ ହେବା ପରେ ଆମେରିକା ଫାଷ୍ଟ(ଆମେରିକା ପ୍ରଥମ) ନୀତିରେ ଆମେରିକୀୟମାନଙ୍କୁ ପ୍ରତିଟି କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ଘୋଷଣା କରିଛନ୍ତି। ତେଣୁ ସେଠାରେ ରହୁଥିବା ପ୍ରବାସୀ ଓ ଆଶାୟୀମାନେ ପ୍ରଭାବିତ ହେବାର ଆଶଙ୍କା ଦୁଇବର୍ଷ ତଳୁ ସୃଷ୍ଟି ହୋଇସାରିଛି।

# ଛଅ ଆଉ ସାତର ଅଡୁଆ ଅଙ୍କ

ରାକେଶ କୁମାର ପାଢ଼ୀ

ଭୋଟର ତାଲିକାରେ ଭୋଟରଙ୍କ ନାମ ଯୋଗ ବିୟୋଗରେ ଫର୍ମ ୬ ଓ ଫର୍ମ ୭ର ପ୍ରମୁଖ ଭୂମିକା ରହିଛି। ସମ୍ପ୍ରତି ଫର୍ମ ୬ରେ ଆବଶ୍ୟକ ପରିବର୍ତ୍ତନ ଓ ୭ ଜରିଆରେ ସଂଖ୍ୟାଧିକ ଭୋଟରଙ୍କ ନାମ କଟିବା ଓ ଡିଜିଟାଲକରଣରେ ସ୍ୱଚ୍ଛତା ନେଇ ଯେଉଁ ଅଡୁଆ ଅଙ୍କ ସୃଷ୍ଟି ହୋଇଛି ତା'ର ଉତ୍ତରଦାୟିତ୍ୱ କାହାର? ଏହି ପ୍ରଶ୍ନ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ବେଳେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଓ ତାଙ୍କ ପଦର ସୁରକ୍ଷା ପାଇଁ ସରକାର ଓ ବିରୋଧୀ ଦଳ ଭିତରେ ବଳ କଷାକଷି ଚାଲିଛି ଏବଂ ସାରା ବିଶ୍ୱର ଦୃଷ୍ଟି ଏହା ଉପରେ ରହିଛି।

ଭୋଟର ତାଲିକାରେ ନାମ ହିଁ ଗଣତନ୍ତ୍ରରେ ଜଣେ ନାଗରିକଙ୍କ ଭୋଟ ଅଧିକାରର ପ୍ରଥମ ପ୍ରମାଣ। ତେଣୁ ଏହି ତାଲିକାରେ କିଏ ନାମ ଯୋଡ଼ିବେ, କାହାର ନାମ କଟିବ, କିଏ ନିଷ୍ପତ୍ତି ନେବେ ଏବଂ ସେହି ନିଷ୍ପତ୍ତିର ରେକର୍ଡ କାହା ପାଖରେ ରହିବ - ଏସବୁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ମୌଳିକ ପ୍ରଶ୍ନ। ବର୍ତ୍ତମାନର ସଘନ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ଦେଶବ୍ୟାପୀ ବିତର୍କ ମଧ୍ୟରେ ଫର୍ମ-୬ ଓ ଫର୍ମ-୭ ବିଶେଷ ଭାବେ ଗୁରୁତ୍ୱ ପାଇଛି। ଫର୍ମ-୬ ହେଉଛି ତାଲିକାରେ ନୂଆ ଭୋଟର ଯୋଡ଼ିବା ପାଇଁ ମୁଖ୍ୟ ଆବେଦନ ଫର୍ମ। କିନ୍ତୁ ଏସଆଇଆର ସମୟରେ ଅନଲାଇନ୍ ଫର୍ମ-୬ରେ ଏକ ଅତିରିକ୍ତ ଘୋଷଣା ଯୋଡ଼ାଯାଇଥିଲା। ନୂଆ ଭୋଟରଙ୍କୁ ନିଜର କିମ୍ବା ମାତାପିତା/ପୂର୍ବପୁରୁଷଙ୍କ ନାମ ପୂର୍ବତନ ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା। ଏହି ପରିବର୍ତ୍ତନକୁ ନେଇ ଦୁଇ ନିର୍ବାଚନ ଆୟୁକ୍ତ ଆପତ୍ତି ଉଠାଇଥିବା ବିଷୟ 'ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟରେ ଆସିଛି। ଜଣେ ଆୟୁକ୍ତ ଏହାକୁ 'ଅନୁମତିବିହୀନ ଓ ବେଆଇନ' ବୋଲି ଲିଖିତ ଆପତ୍ତି ଜଣାଇଥିବା ରିପୋର୍ଟରେ କୁହାଯାଇଛି। ପରେ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ଏହି ଅତିରିକ୍ତ ଘୋଷଣା ଏସ୍ଆଇଆର ପାଇଁ ଥିଲା ଏବଂ ଏହା ବାହାରେ ସାଧାରଣ ଆଇନଗତ ଫର୍ମ-୬ ବ୍ୟବହାର ହେବ। ତେଣୁ ପ୍ରଶ୍ନ କେବଳ ଫର୍ମ ବଦଳିଲା କି ନାହିଁ ନୁହେଁ। ପ୍ରଶ୍ନ ହେଉଛି, ଆଇନଗତ ଫର୍ମର ଡିଜିଟାଲ୍ ରୂପ ବଦଳାଇବାର ଅଧିକାର କାହାର ଏବଂ ସେହି ପରିବର୍ତ୍ତନର ପ୍ରାମାଣିକତା କିପରି ନିଶ୍ଚିତ ହେବ?

ଏବେ ଆସିବା ଫର୍ମ-୭କୁ। ଭୋଟର ତାଲିକାରୁ ନାମ ବାଦ ପାଇଁ ଏହା ଏକ ଆଇନଗତ ମାଧ୍ୟମ। ଏହି ଫର୍ମ ମାଧ୍ୟମରେ ଭୋଟର ତାଲିକାରେ ଥିବା କୌଣସି ଅଯୋଗ୍ୟ, ମୃତ, ସ୍ଥାନାନ୍ତରିତ କିମ୍ବା ଦୁଇଟି ଜାଗାରେ ଥିବା ସମାନ ନାମ ମଧ୍ୟରୁ ଗୋଟିଏ ଜାଗାକୁ ବାଦ ଦେବା ପାଇଁ ଆପତ୍ତି ଦାଖଲ କରାଯାଇପାରେ। ଏହି ବ୍ୟବସ୍ଥା ଅବୈଧ ନୁହେଁ। ବରଂ ଭୋଟର ତାଲିକାକୁ ଶୁଦ୍ଧ ରଖିବା ପାଇଁ ଏକ ଆବଶ୍ୟକତା। କିନ୍ତୁ ଫର୍ମ-୭ ଦାଖଲ ହେବା ପରେ ପ୍ରକ୍ରିୟାରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି ତାହା ମୁଖ୍ୟ ପ୍ରଶ୍ନ। ଆବେଦନ କିଏ କଲା? କାହା ବିରୋଧରେ କଲା? କେଉଁ କାରଣ ଦର୍ଶାଇଲା? କେଉଁ ପ୍ରମାଣ ଦିଆଗଲା? କିଏ କ୍ଷେତ୍ରସ୍ତରରେ ଯାଞ୍ଚ କଲା? ଭୋଟରଙ୍କୁ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଗଲା କି? ନିଜ ପକ୍ଷ ରଖିବାର ସୁଯୋଗ ମିଳିଲା କି? ନିର୍ବାଚନ ପଞ୍ଜୀକରଣ ଅଧିକାରୀ କ'ଣ ନିଷ୍ପତ୍ତି ନେଲେ? ନିଷ୍ପତ୍ତିକୁ କିଏ ତଥ୍ୟଭଣ୍ଡାରରେ ଲିପିବଦ୍ଧ କଲା? ପରେ ତାହା ବଦଳିଲା କି? ବଦଳିଥିଲେ କିଏ ବଦଳାଇଲା? ଲକ୍ଷାଧିକ ଭୋଟରଙ୍କ ମାମଲାରେ ଏସବୁ ଏକାଧିକ ପ୍ରଶ୍ନ ଏବେ ଅସମାହିତ ହୋଇ ରହିଛି। ଏ ପ୍ରତ୍ୟେକ ପ୍ରଶ୍ନର ଉତ୍ତରର ଏକ ସ୍ପଷ୍ଟ ଡିଜିଟାଲ୍ ଯାଞ୍ଚ ପ୍ରକ୍ରିୟା ଲିପିବଦ୍ଧ ରହିବା ଦରକାର।

ପ୍ରକୃତପକ୍ଷରେ ଏସବୁ ବିବାଦର ମୂଳରେ ରହିଛି ଡିଜିଟାଲ୍ ନିୟନ୍ତ୍ରଣ। 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ସେପ୍ଟେମ୍ବର ୨୩ର ଅନୁସନ୍ଧାନ ରିପୋର୍ଟ ଅନୁସାରେ, ଦୁଇ ନିର୍ବାଚନ ଆୟୁକ୍ତ ଗତ ୧୦ ମାସ ଭିତରେ ଅନ୍ତତଃ ୧୪ ଥର ଭୋଟର ତାଲିକା, ଫର୍ମ-୬, ନାମ ବାଦ/ପୁନଃସ୍ଥାପନ ଏବଂ ନିର୍ବାଚନୀ ତଥ୍ୟଭଣ୍ଡାରର ନିୟନ୍ତ୍ରଣ ପ୍ରକ୍ରିୟା ସମ୍ପର୍କରେ ଆପତ୍ତି ଉଠାଇଥିଲେ। ବିଶେଷ ଚିନ୍ତାର ବିଷୟ ଥିଲା ନିର୍ବାଚନୀ ତଥ୍ୟଭଣ୍ଡାରର କେନ୍ଦ୍ରୀକରଣ ଓ ପ୍ରବେଶାଧିକାର। ଏଠି ଏକ ମୌଳିକ ପ୍ରଶ୍ନ ହେଉଛି; ଯଦି ଆଇନ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ରହିଛି, ତେବେ ସେମାନଙ୍କର ଡିଜିଟାଲ୍ ପ୍ରବେଶାଧିକାର ମଧ୍ୟ ସେହି ଦାୟିତ୍ୱ ଅନୁରୂପ ରହିବା ଉଚିତ ନୁହେଁ କି? ଏହି ପ୍ରଶ୍ନର ଉତ୍ତର ଅସ୍ପଷ୍ଟ ରହିଲେ, ଦାୟିତ୍ୱ ଓ ନିୟନ୍ତ୍ରଣ ମଧ୍ୟରେ ଏକ ଫାଟ ସୃଷ୍ଟି ହେବାର ଆଶଙ୍କା ରହେ। ଏହାର ପ୍ରତିଫଳନ ପଶ୍ଚିମବଙ୍ଗରେ ହୋଇଛି। ଏସିଆଇଆରରେ ପଶ୍ଚିମବଙ୍ଗରେ ୨୭.୧୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨.୨୧ ଲକ୍ଷ ଜଣ ପୁନଃସାମିଲ୍ ପାଇଁ ଅପିଲ୍ କରିଥିବା ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କିନ୍ତୁ ନିର୍ବାଚନ ପୂର୍ବରୁ କେବଳ ୧, ୬୦୭ ଜଣଙ୍କ ନାମ ପୁନଃସାମିଲ୍ ହୋଇପାରିଥିଲା। ତେଣୁ ଏଠାରେ ପ୍ରଶ୍ନ କେବଳ 'କେତେ ନାମ କଟିଲା?' ନୁହେଁ; ବରଂ ପ୍ରଶ୍ନ ହେଉଛି ଏତେ ବଡ଼ ସଂଖ୍ୟାର ନାମ ବାଦ ହେବା ପରେ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ସମୟୋପଯୋଗୀ ଓ ପ୍ରଭାବଶାଳୀ ଭାବେ ନ୍ୟାୟ ପାଇବାର ସୁଯୋଗ ମିଳିଲା କି? ଆଉ ଏକ ନୂଆ ଘଟଣା ଏହି ପ୍ରଶ୍ନକୁ ଆହୁରି ଗମ୍ଭୀର କରିଛି। ପଶ୍ଚିମବଙ୍ଗର ଭୋଟର ଅପିଲ୍ ଟ୍ରିବ୍ୟୁନାଲ୍‌ରେ ଏକାଧିକ ନ୍ୟାୟିକ ଅଧିକାରୀ ନିର୍ବାଚନ ଆୟୋଗର ପୋର୍ଟାଲ୍‌ରେ ନୋଟିସ୍ ପ୍ରେରଣ, ଦଲିଲ୍ ଅପଲୋଡ୍, ଭର୍ଚୁଆଲ୍ ଶୁଣାଣି ଓ ନାମ ପୁନଃସ୍ଥାପନ ସମ୍ପର୍କିତ ସୁବିଧା ନେଇ ଆପତ୍ତି ଉଠାଇଥିବା ରିପୋର୍ଟ ହୋଇଛି। ଯଦି ଏହି ଅଭିଯୋଗଗୁଡ଼ିକ ତଥ୍ୟାନୁସନ୍ଧାନରେ ସତ୍ୟ ପ୍ରମାଣିତ ହୁଏ, ତେବେ ପ୍ରଶ୍ନଟି କେବଳ ଭୋଟର ତାଲିକାର ନୁହେଁ; ନ୍ୟାୟ ପାଇବାର ଡିଜିଟାଲ୍ ପଦ୍ଧତି ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଭାରତୀୟ ନିର୍ବାଚନ ବ୍ୟବସ୍ଥାର ଏକ ଅସାଧାରଣ ବିଶେଷତା ହେଉଛି; ଜଣେ ଭୋଟର ଥିଲେ ମଧ୍ୟ ତାଙ୍କ ପାଖରେ ପହଞ୍ଚିବା ପାଇଁ ଦୁର୍ଗମ ପାହାଡ଼, ଜଙ୍ଗଲ ଅଞ୍ଚଳକୁ ମଧ୍ୟ ପୋଲିଂ ଦଳ ପଠାଯାଏ। ଏହା ଭାରତୀୟ ଗଣତନ୍ତ୍ରର ଏକ ଗୌରବଜନକ ଦୃଶ୍ୟ। କିନ୍ତୁ ଲକ୍ଷ ଲକ୍ଷ ଭୋଟର ସେମାନଙ୍କ ଅଧିକାର ହରାଇଲେ। ଏଥିପାଇଁ ଦାୟୀ କିଏ? ଏହି ପ୍ରଶ୍ନ କୌଣସି ରାଜନୈତିକ ଦଳ ପାଇଁ ନୁହେଁ, ଏହା ନିର୍ବାଚନ ବ୍ୟବସ୍ଥାର ନିଜସ୍ୱ ବିଶ୍ୱସନୀୟତା ପାଇଁ।

କେନ୍ଦ୍ରୀୟ ତଥ୍ୟଭଣ୍ଡାର ଥିଲେ ମଧ୍ୟ ତାହାର ପ୍ରତ୍ୟେକ ପରିବର୍ତ୍ତନ ଯାଞ୍ଚଯୋଗ୍ୟ ଓ ଉତ୍ତରଦାୟିତ୍ୱ ହେବା ଦରକାର। ଭୋଟର ତାଲିକାକୁ ଶୁଦ୍ଧ କରିବା ନିଶ୍ଚିତ ଭାବେ ଆବଶ୍ୟକ। କିନ୍ତୁ ତାହାର ପ୍ରକ୍ରିୟା ମଧ୍ୟ ସମାନ ଭାବେ ଭରସାଯୋଗ୍ୟ ହେବା ଦରକାର। ତେଣୁ ପ୍ରତ୍ୟେକ ନାମ ବାଦ ପାଇଁ ଆବେଦନ, ପ୍ରମାଣ, କ୍ଷେତ୍ର ଯାଞ୍ଚ, ସୂଚନା, ଶୁଣାଣି, ନିଷ୍ପତ୍ତି, ଡିଜିଟାଲ୍ ଲିପିବଦ୍ଧକରଣ, ଅପିଲ୍ ଆଦି ପର୍ଯ୍ୟାୟକ୍ରମେ ଯାଞ୍ଚ ହେବା ଆବଶ୍ୟକ। ବ୍ୟବସ୍ଥା ଏପରି ହେବା ଆବଶ୍ୟକ, ଯେଉଁଥିରେ ପ୍ରତ୍ୟେକ ନିର୍ବାଚନୀ ଅଧିକାରୀ ନିଜ ଅଧିକାର କ୍ଷେତ୍ରରେ ସମ୍ପୂର୍ଣ୍ଣ ତଥ୍ୟ ଦେଖିପାରିବେ; କୌଣସି ପରିବର୍ତ୍ତନ ହେଲେ କିଏ, କେବେ ଓ କାହିଁକି କଲେ; ତାହାର ସ୍ଥାୟୀ ଡିଜିଟାଲ୍ ରେକର୍ଡ ରହିବ ଏବଂ ଭୋଟରଙ୍କ ପାଇଁ ସହଜ ଅଭିଯୋଗ ବ୍ୟବସ୍ଥା ରହିବ। ଏହାସହିତ ନିର୍ବାଚନୀ ତଥ୍ୟଭଣ୍ଡାର ଓ ଏହାର ସୁରକ୍ଷା ବ୍ୟବସ୍ଥାର ସ୍ୱାଧୀନ ପ୍ରଯୁକ୍ତିଗତ ଯାଞ୍ଚ ମଧ୍ୟ ଆବଶ୍ୟକ।

ନିର୍ବାଚନ ଆୟୋଗ ଏବେ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ଶିକ୍ଷାସଂସ୍ଥାର ବିଶେଷଜ୍ଞଙ୍କ ମାଧ୍ୟମରେ ଇସିଆଇନେଟ୍‌ର ସମୀକ୍ଷା ପାଇଁ ପଦକ୍ଷେପ ନେଇଥିବା ଖବର ମିଳିଛି। ଭାରତୀୟ ଭୋଟର ତାଲିକାର ପ୍ରତ୍ୟେକ ଯୋଗ-ବିୟୋଗର ଏକ ସ୍ପଷ୍ଟ, ଯାଞ୍ଚଯୋଗ୍ୟ ଓ ଉତ୍ତରଦାୟୀ ରେକର୍ଡ ଅଛି କି, ଯାହାକୁ ଭୋଟର ଠାରୁ ଆରମ୍ଭ କରି ସ୍ଥାନୀୟ ନିର୍ବାଚନ ଅଧିକାରୀ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଆବଶ୍ୟକ ବେଳେ ଯାଞ୍ଚ କରିପାରିବେ? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ହିଁ ନିର୍ବାଚନୀ ବ୍ୟବସ୍ଥାର ପ୍ରକୃତ ପାରଦର୍ଶିତାର ପରୀକ୍ଷା। ଏଥିରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସେ ଯେକେହି ବି ହୁଅନ୍ତୁ ଅବା ଯେତେବଡ଼ ପଦରେ ଭୂଷିତ ହୁଅନ୍ତୁ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନର ବ୍ୟବସ୍ଥା ରହିବା ଦରକାର। ଆଇନ୍‌ର ଊର୍ଦ୍ଧ୍ୱରେ କିଏ ରହିବା ଅନୁଚିତ। କଥାରେ ଅଛି କ୍ଷମତା ଦୁର୍ନୀତିକୁ ପ୍ରଶ୍ରୟ ଦିଏ, ନିରଙ୍କୁଶ କ୍ଷମତା ଅସୀମ ଦୁର୍ନୀତି ପାଇଁ ପ୍ରଶ୍ରୟ ସୃଷ୍ଟି କରେ। ତେଣୁ ଏକ ସୁସ୍ଥ ଓ ବିଶ୍ୱସ୍ତ ଗଣତନ୍ତ୍ର ପାଇଁ ଯେକୌଣସି ସାମ୍ବିଧାନିକ ପଦର ଉତ୍ତରଦାୟିତ୍ୱ ଅପରିହାର୍ଯ୍ୟ।

ଜୟପୁର, ମୋ: ୯୪୩୯୫୧୦୦୯୧

# ସଂଘର୍ଷରୁ ଶାନ୍ତି ନୋବେଲ୍ ଯାତ୍ରା

ଡ. ପ୍ରଦୀପ କୁମାର ନାୟକ



ଭାରତୀୟ ବଂଶୋଦ୍ଭବ ତାମିଲ ସମ୍ପ୍ରଦାୟ ତଥା ଦକ୍ଷିଣ ଆଫ୍ରିକୀୟ ଖ୍ୟାତନାମା ମାନବୀୟ ଅଧିକାର କର୍ମୀ, ମହିଳା ନେତ୍ରୀ, ଆଇନଜୀବୀ, ଜାତିସଂଘର ପୂର୍ବତନ ହାଇକମିଶନର ଓ ବର୍ତ୍ତମାନ ଆନ୍ତର୍ଜାତିକ ବିଚାରାଳୟର ମହିଳା ବିଚାରପତି ନଭାନେତମ ନଭି ପିଲେ ୨୦୨୬ ମସିହା ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟା ବିବେଚିତ ହୋଇଛନ୍ତି।

୧୯୪୧ ମସିହା ସେପ୍ଟେମ୍ବର ୨୩ ତାରିଖରେ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରର କ୍ଲାରେଉଡଠାରେ ଜନ୍ମ ଗ୍ରହଣ କରିଥିବା ନଭି ପିଲେଙ୍କର ଜେଜେବାପାଙ୍କୁ ଜଣେ ଚୁକ୍ତିବଦ୍ଧ ମଜୁରିଆ ବା ଦାଦନ ଶ୍ରମିକ ରୂପେ ଆଖୁ କ୍ଷେତରେ କାମ କରିବା ପାଇଁ ବ୍ରିଟିଶ ସରକାର ଦକ୍ଷିଣ ଆଫ୍ରିକାକୁ ନେଇଥିଲେ। ଏହିପରି ହଜାର ହଜାର ଶ୍ରମିକ ଦୂରଦୂରାନ୍ତରେ ଥିବା ବ୍ରିଟିଶ ଉପନିବେଶଗୁଡ଼ିକରେ ମୂଲ ଲାଗିବା ପାଇଁ ସ୍ୱାଧୀନତା ପୂର୍ବରୁ ଯାଇଥିଲେ ଏବଂ ସେଠାରେ ସ୍ଥାୟୀ ଭାବରେ ରହି ଯାଇଥିଲେ। ତାଙ୍କ ବାପା ନାରାୟଣ ସ୍ୱାମୀ ନାଇଡୁ ଜଣେ ବସ ଡ୍ରାଇଭର ଥିଲେ ଏବଂ ମାଆ ଶାନ୍ତାମା' ଥିଲେ ଗୃହିଣୀ।

ଦାରିଦ୍ର୍ୟର ତାଡ଼ନାରେ ତାଙ୍କର ପାରିବାରିକ ଜୀବନ ଅତି ଦୟନୀୟ ଥିଲା; କିନ୍ତୁ ତାଙ୍କ ଜୀବନର ଉଚ୍ଚ ଆଶା ଓ ଅସୁମାରୀ ସ୍ୱପ୍ନକୁ ଭାଙ୍ଗି ପାରି ନ ଥିଲା। ସେ ଡରବାନ ବିଶ୍ୱବିଦ୍ୟାଳୟରେ ଆଇନ ଅଧ୍ୟୟନ କରିଥିଲେ। ୧୯୬୩ ସାଲରେ ସ୍ନାତକ ଡିଗ୍ରୀ ହାସଲ କଲେ। ୧୯୬୫ ସାଲରେ ଆଇନରେ ଡିଗ୍ରୀ ଲାଭ କଲେ। ଏହାପରେ ସ୍ନାତକୋତ୍ତର ଓ ଡକ୍ଟରେଟ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କରିଥିଲେ। ନାତାଲ ପ୍ରଦେଶରେ ସେ ଏକ ଆଇନ କାର୍ଯ୍ୟାଳୟ ଆରମ୍ଭ କରିଥିଲେ ୧୯୬୭ ମସିହାରେ। ଏହାପରେ ତାଙ୍କର ଖ୍ୟାତି ସବୁଆଡ଼େ ବ୍ୟାପି ଯାଇଥିଲା।

ମାନବୀୟ ଅଧିକାର ଉଲ୍ଲଙ୍ଘନ ଓ ମାନବ ସଭ୍ୟତା ବିରୁଦ୍ଧରେ ଘଟୁଥିବା ନିଷ୍ଠୁର, ପୈଶାଚିକ ଓ ବର୍ବର ଅପରାଧ ତାଙ୍କୁ ବିଚଳିତ କରିଥିଲା। ସେ ୧୯୯୫ ସାଲରେ ଦକ୍ଷିଣ ଆଫ୍ରିକାରେ ଉଚ୍ଚ ନ୍ୟାୟାଳୟର ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି ରୂପେ କାର୍ଯ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ସରକାରଙ୍କ ଏହି କଳା-ଗୋରା ଭେଦଭାବ ନୀତି ବିରୁଦ୍ଧରେ ଲଢ଼ି କାରାବରଣ କରିଥିବା କୃଷ୍ଣକାୟ ସମ୍ପ୍ରଦାୟର ନେତା ନେଲସନ ମାଣ୍ଡେଲାଙ୍କ ଓକିଲ ଭାବେ ସେ କିଛିଦିନ କାମ କରିଥିଲେ। ୧୯୯୪ ମସିହାରେ ରୁଆଣ୍ଡାରେ ଗଣହତ୍ୟାର ଶିକାର ହୋଇ ୮ ଲକ୍ଷ ଲୋକ ପ୍ରାଣ ହରେଇଥିଲେ, ଯାହା ତାଙ୍କୁ ବ୍ୟଥିତ କରିଥିଲା। ୧୯୯୫ରେ ରୁଆଣ୍ଡା ପାଇଁ ଉଦ୍ଦିଷ୍ଟ ମିଳିତ ଜାତିସଂଘର ଆନ୍ତର୍ଜାତିକ ବିଚାରାଳୟର ସେ ମୁଖ୍ୟ ଥିଲେ ଏବଂ ୨୦୨୧ ମସିହାରୁ ଜାତିସଂଘ ଦ୍ୱାରା ଗଠିତ ଅଧିକୃତ ପାଲେଷ୍ଟାଇନରେ ମାନବ ଅଧିକାର ଉଲଂଘନ ଅନୁଧ୍ୟାନ କମିଟିର ମୂଖ୍ୟ ରୂପେ ସେ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ତୁଲେଇ ଆସୁଛନ୍ତି।

ପାଲେଷ୍ଟାଇନରେ ଇସ୍ରାଏଲ ସୈନିକମାନଙ୍କ ଦ୍ୱାରା ହୋଇଥିବା ଗଣହତ୍ୟା ଓ ବର୍ବରତାର ଉପଯୁକ୍ତ ଦଣ୍ଡବିଧାନ ପାଇଁ ନଭି ପିଲେ ଜାତିସଂଘକୁ ପ୍ରସ୍ତାବ ଦେଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୧୯୪୫-୧୯୪୬ ମଧ୍ୟରେ ନୁରେମବର୍ଗ ସ୍ୱତନ୍ତ୍ର ବିଚାରାଳୟ ଦ୍ୱାରା ୨୪ ଜଣ ନିଷ୍ଠୁର ଓ ଅମାନବୀୟ ନାଜି ଯୁଦ୍ଧ ଅପରାଧୀଙ୍କୁ ଯେପରି ଦଣ୍ଡିତ କରାଯାଇଥିଲା ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ନଭି ପିଲେ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀରେ ନୁରେମବର୍ଗ ବିଚାର ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ଏକ ସନ୍ଦର୍ଭ ଲେଖିଥିଲେ, ଯାହାକି ହାର୍ଭାର୍ଡ଼ ଲ' ବୁଲେଟିନରେ ୨୦୦୬ ମସିହାରେ ପ୍ରକାଶିତ ହୋଇଥିଲା। ସେ ନୁରେମବର୍ଗ ବିଚାର, ଯାହାକି ଯୁଦ୍ଧ ଅପରାଧୀମାନଙ୍କୁ ଉପଯୁକ୍ତ ଶାସ୍ତି ବିଧାନ କରିଥିଲା, ତାହାକୁ ଆନ୍ତର୍ଜାତିକ ଆଇନ ବୁନିଆଦି ବୋଲି କହନ୍ତି।

୨୦୨୪ ମସିହା ନଭେମ୍ବର ୨୧ ରେ ଯେତେବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ ଗିରଫ ପରୱାନା ଜାରି କରିଥିଲା ନଭି ପିଲେ ସେତେବେଳେ ସେହି ଅନୁଷ୍ଠାନର ବିଚାରପତି ଥିଲେ। ଜୀବନସାରା ମାନବୀୟ ଅଧିକାର ଉଲ୍ଲଙ୍ଘନ ବିରୁଦ୍ଧରେ ସଂଗ୍ରାମ ଓ ସ୍ୱର ଉତ୍ତୋଳନ କରିଥିବା ଏହି ମହୀୟସୀ ମହିଳାଙ୍କୁ ଶେଷରେ ନୋବେଲ ପୁରସ୍କାରରେ ଭୂଷିତ କରାଯିବ ବୋଲି ଘୋଷଣା କରାଯାଇଛି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭ ୬୪୪୩୪୧

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ତେଜପତ୍ର
(Indian bay leaf- Cinnamomum tamala)

ସୌଭାଗ୍ୟସୁନ୍ଦର

ତେଜପତ୍ର ଉତ୍ତର-ଭାରତ (ଆସାମ ଓ ପଶ୍ଚିମ ହିମାଳୟ), ବାଂଲାଦେଶ, ନେପାଳ, ମିଆଁମାର, ଲାଓସ, ଭିଏତନାମ ଓ ଦକ୍ଷିଣ-ପଶ୍ଚିମ ଚୀନର ମୂଳଜାତ ଉଦ୍ଭିଦ। ଏହା ୬୦୦ ରୁ ୨, ୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଢ଼ିଥାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାନ୍ଧଣା, ମସଲା ଓ ଔଷଧୀୟ ଉଦ୍ଭିଦ, ଯାହା ଘରେ ଘରେ ପରିଚିତ।

ତେଜପତ୍ର ଏକ ମଧ୍ୟମ ଆକାରର ଚିରହରିତ ବୃକ୍ଷ, ଯାହା ପ୍ରାୟ ୮ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ମ୍ୟୁସିଲେଜ୍ (ଏକ ପ୍ରକାର ଅଠାଳିଆ ରସ) ଉତ୍ପାଦନ କରେ। ପତ୍ରଗୁଡ଼ିକ ସରଳ, ଛୋଟ ଡେମ୍ଫଯୁକ୍ତ, ବିକଳ୍ପ, ଲେନ୍ସ ଭଳି ଆକୃତି, ଚଉଡ଼ା ତୁଳନାରେ ଦୁଇଗୁଣରୁ ଅଧିକ ଲମ୍ବା, ଚକଚକିଆ, ପତ୍ର ମୂଳରୁ ୩ଟି-ସ୍ନାୟୁ ବା ଶିରା ବାହାରି ପତ୍ରର ଅଗ୍ର ଭାଗରେ ଶେଷ ହୁଏ, ସାଧାରଣତଃ ହାଲୁକାରୁ ମଧ୍ୟମ ସବୁଜ ରଙ୍ଗର। ଫୁଲଗୁଡ଼ିକ କ୍ଲଷ୍ଟର ବା ଗୁଚ୍ଛରେ ଦେଖାଯାଏ, ଉଭୟଲିଙ୍ଗୀ, ହଳଦିଆ ସବୁଜ। ଏଥିରେ ଗାଢ଼ ବାଇଗଣୀ ରଙ୍ଗର ଛୋଟ ଏକକ ବିହନଯୁକ୍ତ ଫଳ ଥାଏ ଯାହାକୁ ବେରି କୁହାଯାଏ। ଏହା ପ୍ରାୟତଃ ପକ୍ଷୀମାନଙ୍କୁ ଆକର୍ଷିତ କରେ। ତେଜପତ୍ର ପ୍ରାୟ ୧୦୦ ବର୍ଷ ବଞ୍ଚିପାରେ।

ତେଜପତ୍ରର ଉପାଦାନଗୁଡ଼ିକ ଏହାର ଅନନ୍ୟ ସ୍ୱାଦ ଏବଂ ବାସନା ଯୋଗୁଁ ଭାରତୀୟ ଖାଦ୍ୟରେ ବହୁଳ ଭାବରେ ପ୍ରୟୋଗ କରାଯାଏ। ଖିରି, ମିଠା ଭାତ ଭଳି ବିଭିନ୍ନ ଖାଦ୍ୟରେ ଏହାର ବ୍ୟବହାର ଏକ ଅନନ୍ୟ ସ୍ୱାଦ ପ୍ରଦାନ କରେ। ପତ୍ରଗୁଡ଼ିକୁ ହର୍ବାଲ୍ ଚା' ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହାକୁ ପାଣିରେ ଫୁଟାଯାଏ ଏବଂ ଶ୍ୱାସକ୍ରିୟା ସମସ୍ୟା ଦୂର କରିବା ପାଇଁ ବାଷ୍ପ ଆଘ୍ରାଣ କରାଯାଏ। କାଶ୍ମୀରରେ ପତ୍ରଗୁଡ଼ିକୁ ପାନପତ୍ରର ବିକଳ୍ପ ଭାବରେ ବ୍ୟବହାର କରାଯାଏ। ପତ୍ରରୁ ନିର୍ଗତ ଅତ୍ୟାବଶ୍ୟକ ତେଲ ପ୍ରାୟତଃ ସୁଗନ୍ଧି ପ୍ରସ୍ତୁତିରେ ବ୍ୟବହୃତ ହୁଏ। ପତ୍ରଗୁଡ଼ିକ ଭାରତୀୟ ଉପମହାଦେଶର ବିଭିନ୍ନ ସମ୍ପ୍ରଦାୟରେ ପୂଜାପାଠ ଏବଂ ସାଂସ୍କୃତିକ ପରମ୍ପରାରେ ବ୍ୟବହାର କରାଯାଏ।

ତେଜପତ୍ର ବୃକ୍ଷ ଏକ ସୁଗନ୍ଧିତ ଆୟୁର୍ବେଦିକ ଉଦ୍ଭିଦ। ପ୍ରଦାହ-ବିରୋଧୀ, ଆଣ୍ଟି-ଅକ୍ସିଡାଣ୍ଟ ବା ବିଶୋଧକ, ରୋଗ ପ୍ରତିରୋଧୀ, ଏବଂ ଆଣ୍ଟି-ମାଇକ୍ରୋବାୟଲ୍ ଗୁଣ ପାଇଁ ପାରମ୍ପରିକ ଚିକିତ୍ସାରେ ଏହାର ବ୍ୟବହାର ବହୁଳ। ଏଥିସହିତ ଶ୍ୱାସରୋଗ, ପାଚନ ସମସ୍ୟା, ରକ୍ତ ଶର୍କରା, ରକ୍ତଚାପ, ବାନ୍ତି, ପେଟ ଯନ୍ତ୍ରଣା, ହୃତପିଣ୍ଡ ସମସ୍ୟା ଦୂର କରିବାରେ ସହାୟକ ହୁଏ। ମୁଖ, ଚର୍ମ, ସାଧାରଣ ଥଣ୍ଡାକୁ ନିୟନ୍ତ୍ରଣରେ ରଖେ। ପତ୍ରଗୁଡ଼ିକ ଶୁଖିଗଲେ ହାଲୁକା ହୋଇଯାଏ ଏବଂ ଏହାର ଡାଲଚିନି ଓ ଲବଙ୍ଗ ପରି ମସଲାଯୁକ୍ତ ସୁଗନ୍ଧ ବାରି ହୁଏ। ଏଥିରେ ପ୍ରାକୃତିକ ଭାବରେ ଉପଲବ୍ଧ ସକ୍ରିୟ ଯୌଗିକ ଜୈବିକ ଉପାଦାନଗୁଡ଼ିକ ହେଉଛି ସିନାମାଲଡିହାଇଡ୍, ଫେଲାଣ୍ଡ୍ରିନ୍, ୟୁଜେନୋଲ୍, ଟାନିନ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ପଲିଫେନୋଲ୍ସ ଟେର୍ପେନ୍ସ-୪-ଓଏଲ୍, ଲିନାଲୁଲ୍, ଆଲଫା-ଟେର୍ପିନୋଲ୍, ମିଥାଇଲ୍ ଚାଭିକଲ୍, ଭିଟାମିନ୍ ଏ, ଭିଟାମିନ୍ ସି ଭଳି ଭିଟାମିନ୍ ଇତ୍ୟାଦି। ଏହାର ପତ୍ରରେ ଖାଦ୍ୟ ତନ୍ତୁ ରହିଛି, ଯାହା ଏହାର ଔଷଧୀୟ ମୂଲ୍ୟକୁ ବୃଦ୍ଧି କରିଥାଏ। ଏହା ମଧ୍ୟ କ୍ୟାଲସିୟମ୍, ଲୌହ ଓ ମାଙ୍ଗାନିଜ୍ ପରି ଖଣିଜ ପଦାର୍ଥରେ ଭରପୂର।

ତେଜପତ୍ର ଗଛର ବଂଶ ବିସ୍ତାର ବିହନ, କଟା କାଣ୍ଡ ଏବଂ ସ୍ତରୀକରଣ ବା କଲମି ଦ୍ୱାରା କରାଯାଏ। ଏହାର ଫଳକୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଦ୍ୱାରା ବିଜ ବା ବିହନ ବିକ୍ଷିପ୍ତ ହୋଇ ପ୍ରାକୃତିକ ଭାବେ ଚାରା ଉତ୍ପନ୍ନ ହୁଏ। ସ୍ଥାନୀୟ ଚାଷୀମାନେ ପ୍ରାୟତଃ ଏହାର କାଣ୍ଡ ଓ ଡାଳ କାଟି ଗଛଗୁଡ଼ିକର ବଂଶବିସ୍ତାର କରନ୍ତି। ବିହନଗୁଡ଼ିକ ୪ ଦିନରୁ ଅଧିକ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ ନାହିଁ; ତେଣୁ ଏହାର ବିହନ ପ୍ରସାର ପର୍ଯ୍ୟାପ୍ତ ନୁହେଁ। ଏହା ଭଲ ଜଳ ନିଷ୍କାସନ ହୋଇଥିବା, ଉର୍ବର ମାଟିକୁ ପସନ୍ଦ କରେ - ପ୍ରାୟତଃ ଆର୍ଦ୍ର, ଛାଇ ଜଙ୍ଗଲର ଉପର ସ୍ତର ମାଟି ବା ସମୃଦ୍ଧ ହ୍ୟୁମସ୍ ଅତ୍ୟନ୍ତ ଉତ୍ତମ। ଏହା ବୁଣିବାର ୩୦-୪୫ ଦିନ ପରେ ଚାରା ସୃଷ୍ଟି ହୁଏ ଏବଂ ୪-୫ ବର୍ଷ ପରେ ପ୍ରତିରୋପଣ କରାଯାଏ। ଗଛଗୁଡ଼ିକ ଅତି କମରେ ୧୦ ବର୍ଷ ବୟସ ହେଲେ ଅମଳ କରାଯାଏ। ହାରାହାରି ଗୋଟିଏ ଗଛ ବାର୍ଷିକ ୧୦ ରୁ ୨୦ କିଲୋ ଶୁଖିଲା ପତ୍ର ଉତ୍ପାଦନ କରିପାରିବ।

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଧାମରାରେ ବିଜେଡିର ମହାମିଶ୍ରଣ ପର୍ବ

## ବିଭିନ୍ନ ଦଳ ଛାଡ଼ି ବିଜେଡିରେ ଯୋଗଦେଲେ ୪୦୦ରୁ ଅଧିକ




ଚାନ୍ଦବାଲି,୧୧।୧୦(ସମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଧାମରା ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧାମରା ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ମୃତ୍ୟୁଞ୍ଜୟ ମଲ୍ଲିକଙ୍କ ସମେତ ୫୦ ପରିବାରର ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ଲୋକ ଅନ୍ୟ ରାଜନୈତିକ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ୍ ହୋଇଥିବାରୁ ଦଳୀୟ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ମା' ଧାମରେଈଙ୍କ ମନ୍ଦିର ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଗୁଆଁଳସ୍ଥିତ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ଫୁଲତୋଡ଼ା ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସେମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ଆଉଥରେ ଫେରାଇ ଆଣିବା ପାଇଁ ଡ. ବ୍ୟୋମକେଶ ରାୟଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହିତ ୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁଙ୍କ ନେତୃତ୍ୱରେ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ୍ ହୋଇଥିବା ଜଣାପଡ଼ିଛି। ଏହି ମିଶ୍ରଣ ପର୍ବରେ ଚାନ୍ଦବାଲି ବ୍ଲକ୍ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ଏବଂ ବର୍ତ୍ତମାନର ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ମିଶ୍ରଣ ପର୍ବକୁ ଚାନ୍ଦବାଲି ଅଞ୍ଚଳରେ ବିଜେଡିର ସାଂଗଠନିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବାର ଏକ ପ୍ରୟାସ ଭାବେ ଦଳୀୟ ମହଲରେ ଦେଖାଯାଉଛି। ନୂତନ ଭାବେ ଯୋଗଦେଇଥିବା ପରିବାରଗୁଡ଼ିକୁ ନେଇ ଆଗାମୀ ଦିନରେ ଦଳର ସାଂଗଠନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବାର ଆଶା ପ୍ରକାଶ ପାଇଛି।

**ବିଜେଡିର ଅଭିଯୋଗ**

# ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ପୁଲିସ ଓ ଗୁଣ୍ଡାମାନେ ଆତଙ୍କରାଜ କରୁଛନ୍ତି: ବିଜେଡି

- ହିଂସା ଓ ବଳପ୍ରୟୋଗ କରି ଛାତ୍ର ସଂସଦ ନିର୍ବାଚନ ଜିତିବା ପାଇଁ ବିଜେପିର ଅପଚେଷ୍ଟା
- ଅପାରଗତା ଲୁଚାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ବୃଥା କଟାକ୍ଷ କରୁଛନ୍ତି ଗୋକୁଳାନନ୍ଦ




ଭୁବନେଶ୍ୱର,୧୧।୧୦(ସମିସ): ପୋଲସରା, ବୁଗୁଡା, ବାଲିପଦର ତଥା ଗଞ୍ଜାମ ଜିଲ୍ଲାରେ ଛାତ୍ର ସଂସଦକୁ ଯେନତେନ ପ୍ରକାରରେ ଦଖଲ କରିବା ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୁଲିସ ଓ ଗୁଣ୍ଡାଙ୍କୁ ବ୍ୟବହାର କରୁଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ପ୍ରଶାସନିକ କଳକୁ ନିୟୋଜିତ କରି ମନ୍ତ୍ରୀ ଧମକାଉଛନ୍ତି ବୋଲି ଗୁରୁତର ଅଭିଯୋଗ ଆଣିଛି ବିଜେଡି। ରବିବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା, ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ନଗ୍ନ ଅପବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି।

ଶ୍ରୀ ସାହୁ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ପରେ ପୋଲସରା, ବୁଗୁଡା ଓ ବାଲିପଦ କଲେଜରେ ବିଜୁ ଛାତ୍ର ଜନତା ଦଳର ବିଜୟ ସମ୍ଭାବନା ସର୍ବାଧିକ ଥିବା ଜାଣି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ପ୍ରଶାସନ ଓ ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ପ୍ରାର୍ଥୀ ଓ ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାରରେ ସକ୍ଷମ ହୋଇଛନ୍ତି। ହିଂସାକାଣ୍ଡ ପରେ ସ୍ଥାନୀୟ ପୁଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମନ୍ତ୍ରୀଙ୍କ ଏଭଳି କ୍ଷମତାର ଅପବ୍ୟବହାର କରି ଛାତ୍ର ସଂସଦକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ନେଇ ଦୃଢ଼ ନିନ୍ଦା କରିଛନ୍ତି ଶ୍ରୀ ସାହୁ। ଶ୍ରୀ ପଣ୍ଡା କହିଛନ୍ତି ଯେ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଯାହା କହିଛନ୍ତି ତାହା ନିନ୍ଦନୀୟ। ନବୀନ ବାବୁ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ମଡେଲ ରାଜ୍ୟ ଭାବେ ପ୍ରତିଷ୍ଠିତ କରି ପ୍ରଶଂସିତ ହୋଇଥିଲା ବେଳେ ଅଢେଇ ବର୍ଷର ବିଜେପି ସରକାର ନିଜ କୁଶାସନ ଲାଗି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ନିନ୍ଦିତ କରିବାରେ ଲାଗିଛି। ନବୀନ ବାବୁଙ୍କ ସଂପର୍କରେ ଟିକାଟିପ୍ପଣୀ ଦେଇ ଚର୍ଚ୍ଚାରେ ରହିବା ପାଇଁ ବିଜେପି ନେତା ମନ୍ତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଦେଶ ତଥା ରାଜ୍ୟବାସୀ ଜାଣନ୍ତି ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ଓ ଶାସନ କିଭଳି ଥିଲା। ଅଢେଇ ବର୍ଷର ବିଜେପିର କୁଶାସନରେ ରାଜ୍ୟବାସୀ ଅତିଷ୍ଠ ହୋଇପଡ଼ିଲେଣି। ଆଗାମୀ ଦିନରେ ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ଅବଶିଷ୍ଟାଂଶ...

### ନେପାଳରେ ଫ୍ଲାଶ୍...

ନେପାଳ ସେନାକୁ ଆକାଶମାର୍ଗ ଓ ସ୍ଥଳପଥରେ ମୁତୟନ କରାଯାଇଛି। ଜଗତ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବାରୁ ସେଠାରୁ ୬ ଜଣଙ୍କୁ ବିମାନ ଯୋଗେ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ନଦୀର ତଳମୁଣ୍ଡ ଅଞ୍ଚଳର ବାସିନ୍ଦାଙ୍କୁ ନଦୀକୂଳ ଓ ବିପଦପୂର୍ଣ୍ଣ ବସତିଠାରୁ ଦୂରରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି।

ଉଲ୍ଲେଖଯୋଗ୍ୟ, ଅଗଷ୍ଟରେ ନେପାଳ-ତିବ୍ବତ ସୀମାନ୍ତ ଅଞ୍ଚଳରୁ ଆସିଥିବା ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେହି ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ଓ ନିଖୋଜଙ୍କ ସଂଖ୍ୟା ନେଇ ବିଭିନ୍ନ ରିପୋର୍ଟରେ ଭିନ୍ନ ତଥ୍ୟ ଦିଆଯାଇଛି। ୧୫୦୦ ଲୋକ ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଇଥିବା ବେଳେ ଏବେ ବି ହଜାର ହଜାର ନିଖୋଜ ଅଛନ୍ତି।

### ଏଆଇ ଚଷମାରେ...

ଏକାଧିକ କାର୍ଯ୍ୟର ଆଉ ଆବଶ୍ୟକତା ପଡିବ ନାହିଁ। ଏଠାରେ ଏଆଇ କେବଳ ପ୍ରଶ୍ନର ଉତ୍ତର ଦେଉଥିବା ଏକ ସହାୟକ ନୁହେଁ; ବରଂ ଆପଣଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରୁଥିବା ଏକ ପ୍ରଯୁକ୍ତିରେ ପରିଣତ ହେଉଛି। ଏଆଇକୁ ମୋବାଇଲ୍ ସ୍କ୍ରିନ୍ ଓ କି ବୋର୍ଡର ସୀମାରୁ ବାହାର କରି ସ୍ୱର ଏବଂ ଦୈନନ୍ଦିନ ବ୍ୟବହାର ସହ ଯୋଡ଼ିବାକୁ କମ୍ପାନୀ ପ୍ରୟାସ କରିଛି।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ...

ଅଟକାଇବା ସହିତ ପୁଲିସ ବସ୍ ଭିତରକୁ ଟାଣିନେଇଥିଲା। ଷ୍ଟୁଡେଣ୍ଟ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ କ୍ରାନ୍ତିକାରୀ ଯୁବ ସଂଗଠନର କର୍ମକର୍ତ୍ତା ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଯନ୍ତରମନ୍ତର ଆଡ଼କୁ ଯାଉଥିବା ବେଳେ ସେମାନଙ୍କ ପ୍ରତି ପୁଲିସର ଅମାନବୀୟ ବ୍ୟବହାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ ମଧ୍ୟ ଏଭଳି ନିର୍ଯାତନାର ଶିକାର ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ବେଳେ ଦିଲ୍ଲୀ ପୁଲିସ ଏବଂ ସିଆରପିଏଫ ଯବାନ ତାଙ୍କୁ ଅଟକାଇବାକୁ ଯାଇ ତଳେ ପକାଇଦେଇଥିଲେ। ଏହାପରେ ତାଙ୍କ ବସ୍ ଭିତରକୁ ଘୋଷାଡ଼ି ନେଇଥିଲେ। ତେବେ କଣ୍ଟ୍ରୋଲ ରୁମରେ ରହି ଘଟଣାର ଦୃଶ୍ୟ ଦେଖୁଥିବା ଡିସିପି ବସ ଭିତରେ ଥିବା ପୁଲିସକୁ ଫୋନ କରି ତାଙ୍କୁ ଛାଡ଼ିବାକୁ କହିଥିଲେ। ଏହାପରେ ପୁଲିସ ତାଙ୍କୁ ବସ ଭିତରୁ ବାହାରୁ ଠେଲିଦେବା ସହିତ ଏକ ଅଟୋରେ ବସାଇ ଛାଡ଼ିଦେଇଥିଲା।

କଙ୍ଗ୍ରେସ୍ ପାର୍ଟି ପକ୍ଷରୁ ରବିବାର ସକାଳ ୧୦ଟାରେ ଯନ୍ତରମନ୍ତରରେ ପୁଣି ପ୍ରତିବାଦ ପାଇଁ ଆହ୍ୱାନ ଦିଆଯାଇଥିଲା। କଟକଣା ସତ୍ତ୍ୱେ କନଟ୍ ପ୍ଲେସ୍ ଓ ରାଜୀବ ଚୌକ ଅଞ୍ଚଳରୁ ଯନ୍ତରମନ୍ତର ଯାଉଥିବା ପ୍ରତିବାଦକାରୀମାନେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସ୍ଲୋଗାନ୍ ଦେଇଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରୁଥିବା ସତ୍ତ୍ୱେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଆନ୍ଦୋଳନକାରୀମାନେ ଏହାର ପ୍ରତିବାଦ କରିବାରୁ ପୁଲିସ ସେମାନଙ୍କୁ ରାସ୍ତା ଉପରୁ ଘୋଷାଡ଼ି ନେଇ ବସ ଭିତରେ ପୂରାଇ ଦେଇଥିଲା। କେତେକ ପ୍ରତିବାଦକାରୀ ସୁରକ୍ଷାକର୍ମୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଛାତ୍ର ସଂଗଠନ ଏସ୍ଏଫ୍ଆଇ ମଧ୍ୟ ନିଜର ନେତା ଓ ସଦସ୍ୟଙ୍କୁ ଆକ୍ରମଣ କରାଯାଇ ଅଟକ ରଖାଯାଇଥିବା ଦାବି କରିଛି। ଏକ ଗଣତାନ୍ତ୍ରିକ ଦେଶରେ ଅନ୍ୟାୟର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ନାଗରିକଙ୍କ ସହ ସରକାର ଯୁଦ୍ଧ କରୁଛନ୍ତି ବୋଲି ସିଜେପି ଅଭିଯୋଗ କରୁଛି। ପ୍ରତିବାଦ ଦମନ ପାଇଁ ଦିଲ୍ଲୀରେ ୩୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ରହିଛନ୍ତି।

### କାର୍ଯ୍ୟାନୁଷ୍ଠାନ ବେଆଇନ...

ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଲାଗୁ ହୋଇନଥିବା ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହୋଇଥିବା ଲୋକଙ୍କୁ ବିନା କାରଣରେ ଅଟକ ରଖାଯିବା ଉଚିତ ନୁହେଁ। ମେଟ୍ରୋ ଓ ରେଳ ସେବା ସ୍ୱାଭାବିକ ରଖିବାକୁ ମଧ୍ୟ କୋର୍ଟ କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ହେଲେ ହିଁ ଯାତାୟାତ ଉପରେ କଟକଣା ଲଗାଯାଇପାରିବ। ଇଣ୍ଟରନେଟ୍ ସେବା ଆଇନ ଅନୁଯାୟୀ ଅବାଧ ରଖିବା ସହ ଲୋକ ଓ ଯାନବାହନ ଚଳାଚଳକୁ ସମ୍ଭବ ମତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପରିବହନ ସେବା ଉପରେ କଟକଣା ଲଗାଇବା ସମ୍ପର୍କରେ ପୂର୍ବ ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଅଭିଯୋଗରେ କୋର୍ଟ କେନ୍ଦ୍ରୀୟ ଗୃହ ସଚିବ, ଦିଲ୍ଲୀ ପୁଲିସ କମିସନର ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ ପରିସର ଓ ଆଖପାଖରେ ଧାରା ୧୬୩ ଅନୁଯାୟୀ କଟକଣା ଲଗାଇବା ସମ୍ପର୍କିତ ସୂଚନାଫଳକ ହଟାଯାଇନଥିଲେ ତାହା ହଟାଇବାକୁ କହିଛନ୍ତି। ଆଇନଜୀବୀଙ୍କୁ ସେମାନଙ୍କ ପେସାଗତ ଦାୟିତ୍ୱ ପାଳନରେ ବାଧା ନଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଶନିବାରର ଅନ୍ଦୋଳନ ସମୟରେ ରାଜନେତା, ଆଇନଜୀବୀ, ସାମ୍ବାଦିକ ଓ ସାଧାରଣ ଲୋକଙ୍କୁ ଅଟକ ରଖିବା, ମାଡ଼ ମାରିବା ଏବଂ ମେଟ୍ରୋ ଷ୍ଟେସନ୍ ବନ୍ଦ କରିବା ଭଳି ଅଭିଯୋଗ ନେଇ ଏକାଧିକ ଆବେଦନ ହୋଇଥିଲା। ଏହି ଅଭିଯୋଗଗୁଡ଼ିକ ଉପରେ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି କୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ହେବ।

ଆବେଦନକାରୀମାନେ ରାଜନୈତିକ ନେତା, ଓକିଲ, ସାମ୍ବାଦିକ ଓ ସାଧାରଣ ନାଗରିକଙ୍କୁ ଅଟକ ରଖାଯିବା, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯିବା, ଇଣ୍ଟରନେଟ୍ ସେବାରେ କଟକଣା ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ରଖାଯିବା ନେଇ ଅଭିଯୋଗ ଉଠାଇଥିଲେ। ଏହି ଘଟଣାଗୁଡ଼ିକରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ନ୍ୟାୟିକ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ ପାଇଁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀକୁ ରେଳ ଚଳାଚଳ ସ୍ୱାଭାବିକ କରିବା ସହ ଜନ୍ତରମନ୍ତର ବ୍ୟତୀତ ଅନ୍ୟ ସ୍ଥାନରେ ଲାଗୁ ହୋଇଥିବା କଟକଣା ହଟାଇବାକୁ ସେ ଦାବି କରିଥିଲେ। କୋର୍ଟ କହିଛନ୍ତି, ପୁଲିସ ଅତ୍ୟଧିକ ବଳପ୍ରୟୋଗ କରିଥିବା ଏବଂ ଲୋକଙ୍କୁ ବେଆଇନ ଭାବେ ଅଟକ ରଖିଥିବା ନେଇ ଉଠିଥିବା ଅଭିଯୋଗର ଜବାବ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡ଼ିବ। ଏଥିସହ ଆଇନଜୀବୀମାନେ ଯେପରି ନିଜର ପେସାଗତ ଦାୟିତ୍ୱ ନିର୍ବାହ କରିବାରେ ବାଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାର ହେବ। ସେତେବେଳେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦାଖଲ ହେବାକୁ ଥିବା ଜବାବ ଏବଂ ଅନ୍ୟାନ୍ୟ ତଥ୍ୟ ଆଧାରରେ ଅଦାଲତ ପରବର୍ତ୍ତୀ ପଦକ୍ଷେପ ନେଇପାରନ୍ତି।

### ଇଣ୍ଡିଆ ମେଣ୍ଟର...

ଲିଙ୍ଗ ଓ ରାଜ୍ୟ ନିର୍ବିଶେଷରେ ସାମିଲ ହେବେ। ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ରାହୁଲ ସମାଲୋଚନା କରିଛନ୍ତି। ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ଯୁବକମାନଙ୍କୁ ପୁଲିସ ଓ ଗୁଣ୍ଡାମାନେ ଆକ୍ରମଣ କରିଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ନରେନ୍ଦ୍ର ମୋଦୀ, ଅମିତ ଶାହ, ଅଜିତ ଡୋଭାଲ ଓ ମୋହନ ଭାଗବତ ଭାରତର ସ୍ୱରକୁ ଚାପି ଦେଇପାରିବେ ନାହିଁ। ସମଗ୍ର ଭାରତ ସୁପ୍ରିମ୍‌କୋର୍ଟ ଆଡ଼କୁ ମାର୍ଚ୍ଚ କରିବ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଇଣ୍ଡିଆ ମେଣ୍ଟର ନେତାମାନେ ସଂସଦରୁ ବିଜୟ ଚୌକ ପର୍ଯ୍ୟନ୍ତ ପଦଯାତ୍ରା କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ସ୍ମାରକପତ୍ର ହସ୍ତାନ୍ତର କରିସାରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେଣୁଗୋପାଳ ଅଭିଯୋଗ କରିଛନ୍ତି ଯେ, ଦେଶବ୍ୟାପୀ ଭୋଟ୍ ଚୋରି କରାଯାଉଛି। ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତର ହସ୍ତକ୍ଷେପ ଲୋଡ଼ିବାକୁ ବିରୋଧୀ ମୁଖ୍ୟ ବିଚାରପତିଙ୍କ ଦ୍ୱାରସ୍ଥ ହେଉଛନ୍ତି। ତେବେ ବିରୋଧୀଙ୍କୁ ଭେଟିବା ପାଇଁ ପ୍ରଧାନ ବିଚାରପତି ମନା କରିଦେଇଥିବା ଜଣାପଡ଼ିଛି।

### ଜାତୀୟ ବିଜେପି...

ସୋମବାର ଓ ମଙ୍ଗଳବାର ସୌଦାନ ଓଡ଼ିଶାରେ ରହିବାକୁ ଥିବାବେଳେ ସେ ଏକାଧିକ ବୈଠକ ସହ ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି।

ବିଜେପିର ରାଷ୍ଟ୍ରୀୟ ସଂଗଠନରେ ସୌଦାନ ସିଂଙ୍କର ବେଶ କାଟତି ରହିଛି। ଦୀର୍ଘ ବର୍ଷ ଧରି ସେ ସଂଗଠନ ସହ ଜଡ଼ିତ ରହିଥିବା ବେଳେ ଉଭୟ ଆରଏସଏସ ଏବଂ ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଘନିଷ୍ଠତା ଜଣାଶୁଣା। ଏପରିସ୍ଥଳେ ହଠାତ୍ ସୌଦାନଙ୍କ ୩ ଦିନିଆ ଗସ୍ତକୁ ହାଲୁକା ଭାବରେ ନିଆଯାଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି। ସରକାର ଏବଂ ସଂଗଠନ ମଧ୍ୟରେ ଥିବା ସମନ୍ୱୟର ଘୋର ଅଭାବକୁ ନେଇ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କଠାରୁ ଆରମ୍ଭ କରି ଅନେକ ନେତା ରାଜ୍ୟ ନେତୃତ୍ୱଙ୍କୁ ତାଗିଦ କରି ସାରିଛନ୍ତି। ଏପରିକି ଉଭୟ ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ସଂଗଠନ ଉପରେ ଫୋକସ କରିବାକୁ ଉଭୟଙ୍କୁ ପରାମର୍ଶ ଦିଆଯାଉଛି। ସଂଗଠନକୁ ଚଳଚଞ୍ଚଳ କରିବା ପାଇଁ ନିକଟରେ ବିଜେପି ପକ୍ଷରୁ ରାଜ୍ୟ ବିଜେପି ପ୍ରଭାରୀ ଏବଂ ସହପ୍ରଭାରୀଙ୍କୁ ପରିବର୍ତ୍ତନ କରାଯାଇଛି। ସେହିପରି ନିକଟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀଙ୍କୁ ଭେଟିବା ପରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଥିବା କୁହାଯାଉଥିଲା। ଏହାପରେ ଶ୍ରୀ ସିଂହଙ୍କ ଆକସ୍ମିକ ଓଡ଼ିଶା ଗସ୍ତ ଏବେ ବିଜେପି ସଂଗଠନରେ ହଲଚଲ୍ ସୃଷ୍ଟି କରିଛି।

### ହିଂସା ଅଣାୟତ୍ତ...

ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷଙ୍କ ବାସଭବନ ଓ ଛାତ୍ରାବାସ ନିକଟରେ ବୋମା ବିସ୍ଫୋରଣ ହେବା ପରେ ନିର୍ବାଚନ ବାତିଲ୍ କରାଯାଇଛି। କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ଉତ୍ତେଜନା ପରେ କୋରେଇର କାହ୍ନୁଚରଣ ମହାବିଦ୍ୟାଳୟ ଓ ମୁଗୁପାଳର ଉପେନ୍ଦ୍ରନାଥ-ଶାରଦା ମହାବିଦ୍ୟାଳୟରେ ମଧ୍ୟ ନିର୍ବାଚନ ବାତିଲ୍ ହୋଇଛି। ଭଦ୍ରକ ଜିଲ୍ଲାର ନାଆମୀ କଲେଜ ଓ ଭଦ୍ରକ ମହିଳା କଲେଜ ସମେତ କେନ୍ଦ୍ରାପଡ଼ାର ତୁଳସୀ ମହିଳା କଲେଜରେ ମଧ୍ୟ ଅଶାନ୍ତି ଯୋଗୁଁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଦେବଗଡ଼ ମହାବିଦ୍ୟାଳୟରେ ୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରଖାଯାଇଛି। ସେହିପରି ପୁରୀ ଜିଲ୍ଲାର ଗୋପ କଲେଜ, ନୂଆପଡ଼ା ଜିଲ୍ଲାର ଖରିଆର ସ୍ୱୟଂଶାସିତ କଲେଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇସ୍ଥିତ ଯୁକେ ମହାବୀର କଲେଜରେ ମଧ୍ୟ ନିର୍ବାଚନ ବାତିଲ୍ ହୋଇଛି। ବାଲେଶ୍ୱର ଜିଲ୍ଲାର ଜାମ୍ବେଶ୍ୱର କଲେଜରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି।

ଏପଟେ ନବରଙ୍ଗପୁରର ମଡେଲ୍ ଡିଗ୍ରୀ କଲେଜରେ ନିର୍ବାଚନ ବାତିଲ୍‌କୁ ନେଇ ପ୍ରତିବାଦ ପରେ କଲେଜ ବନ୍ଦ ରହିଛି। ଉମରକୋଟ କଲେଜରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଦୁଇଜଣ ଗୁରୁତର ଆହତ ହୋଇଥିବା ଖବର ଆସିଛି। ନିମାପଡ଼ା ସ୍ୱୟଂଶାସିତ କଲେଜରେ ୫୩ଟି ନାମାଙ୍କନ ମଧ୍ୟରୁ ୩୯ଟି ଖାରଜ ହେବାକୁ ନେଇ ଛାତ୍ରଛାତ୍ରୀ ଫାଟକ ବନ୍ଦ କରି ପ୍ରତିବାଦ କରିଛନ୍ତି। ସମ୍ବଲପୁରର ନେତାଜୀ ସୁଭାଷଚନ୍ଦ୍ର ବୋଷ କଲେଜ ଓ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମଧ୍ୟ ନାମାଙ୍କନ ଖାରଜକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏତେ ସବୁ ଘଟଣା ମଧ୍ୟରେ ନିର୍ବାଚନରେ ହିଂସା ରୋକିବା, ବାହ୍ୟ ହସ୍ତକ୍ଷେପ ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ନାମାଙ୍କନ ଯାଞ୍ଚରେ ସ୍ୱଚ୍ଛତା ରକ୍ଷା କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ସମୟରେ ପୁଲିସ, ପ୍ରଶାସନ ଓ ସରକାରଙ୍କ ଭୂମିକାକୁ ନେଇ ବିରୋଧୀ ଛାତ୍ର ସଂଗଠନଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଓ ପୁଲିସ କଳକୁ ଲଗାଇ ବିରୋଧୀଙ୍କୁ ହରାଇବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ମଧ୍ୟ ଛାତ୍ର ଓ ଯୁବବିଜେଡି, ଛାତ୍ର କଂଗ୍ରେସ, ଏଆଇଏସ୍ଏଫ୍ ଆଦି ଅଭିଯୋଗ କରିଛନ୍ତି।

### ଜଳିଗଲା ଶିଶୁକନ୍ୟା...

ସେହିପରି କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ଜପକୁଦ ବଜାରରେ ରବିବାର ଅପରାହ୍ଣରେ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟି ତିନି ଜଣ ମହିଳା, ତିନି ଜଣ ପୁରୁଷ ଓ ଜଣେ ଶିଶୁଙ୍କ ସମେତ ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୀନବନ୍ଧୁ ସାହୁଙ୍କ ଦୋକାନ ଖୋଲିବା ସମୟରେ ଗ୍ୟାସ୍ ଲିକ୍ ହୋଇଥିଲା। ଏହାର ପ୍ରଭାବରେ ଦୋକାନ ନିକଟରେ ଥିବା ଲୋକ, ଅନ୍ୟ ଦୋକାନୀ ଏବଂ ରାସ୍ତାରେ ଯାତାୟାତ କରୁଥିବା କିଛି ପଥଚାରୀ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ନିରଞ୍ଜନ ଦାସ, ପ୍ରେମାନନ୍ଦ ବେହୁରା, ଦୀନବନ୍ଧୁ ସାହୁ, ସୁହାନା ବିବି ଓ ରିହାନା ବିବିଙ୍କ ନାମ ରହିଛି। ଅନ୍ୟ ତିନି ଜଣ ପଥଚାରୀଙ୍କ ପରିଚୟ ଏଯାବତ୍ ମିଳି ନଥିବା ସୂଚନା ମିଳିଛି। ତେବେ ଆହତଙ୍କ ସଠିକ୍ ସଂଖ୍ୟା ଓ ସେମାନଙ୍କ ଅବସ୍ଥା ସମ୍ପର୍କରେ ଅଧିକାରିକ ସ୍ପଷ୍ଟୀକରଣ ଅପେକ୍ଷାରେ ରହିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଗୁରୁତର ଆହତଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ପରେ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦନ୍ତ କରୁଥିବା ଜଣାପଡ଼ିଛି। ପ୍ରକୃତରେ କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ଏବଂ ଦୁର୍ଘଟଣାର ସଠିକ୍ କାରଣ କ'ଣ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଜପକୁଦ ବଜାରର ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

# ଗୋଟିଏ ଦିନରେ ଦମ୍ପତିଙ୍କ ମୃତ୍ୟୁ

## ଅନାଥ ହୋଇଗଲେ ଦୁଇ ଶିଶୁକନ୍ୟା

ବାରିପଦା/ବିଶୋଇ, ୧୧।୧୦ (ସମିସ): ହଠାତ୍ ଅସୁସ୍ଥ ହୋଇ ଗୋଟିଏ ଦିନରେ ଦମ୍ପତିଙ୍କ ମୃତ୍ୟୁ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଘଟିଥିବା ଏହି ଦୁଃଖଦ ଘଟଣାରେ ଦୁଇ ଓ ଚାରି ବର୍ଷର ଦୁଇଜଣ ଶିଶୁକନ୍ୟା ଅନାଥ ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ବିଶୋଇ ଥାନା ଅନ୍ତର୍ଗତ ଚତ୍ରିସାହି ଗ୍ରାମର ଭଞ୍ଜ ସିର୍କା (୩୦) ଓ ତାଙ୍କ ପତ୍ନୀ ବିରାଙ୍ଗ ନାଏକ (୨୮) ଏକ ଦଶାହ କର୍ମରେ ଯୋଗଦେବା ପାଇଁ ଜାଟିପାଣି ଗ୍ରାମକୁ ଯାଇଥିଲେ। ଶୁକ୍ରବାର ଭୋଜି ଖାଇ ରାତିରେ ଶୋଇଥିବା ବେଳେ ରାତି ପ୍ରାୟ ୩ଟାରେ ଉଭୟଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ସମ୍ପର୍କୀୟମାନେ ସେମାନଙ୍କୁ ସଂଗେ ସଂଗେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଭଞ୍ଜଙ୍କ ମୃତ୍ୟୁ ଘଟିଥିଲା। ବିରାଙ୍ଗଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଦିନ ରାତି ସେ ମଧ୍ୟ ଆଖି ବୁଜିଥିଲେ।

ଏହି ଘଟଣାରେ ବିଶୋଇ ଓ ରାଇରଙ୍ଗପୁର ପୁଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରିଛି। ଭଞ୍ଜଙ୍କ ଶବ କରଞ୍ଜିଆ ଡାକ୍ତରଖାନାରେ ଏବଂ ବିରାଙ୍ଗଙ୍କ ଶବ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭୋଜି ଖାଇବା ପରେ ଉଭୟଙ୍କ ମୃତ୍ୟୁ ହୋଇଥିବାରୁ ଶରୀରରେ ବିଷକ୍ରିୟା ହୋଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।


**GOVERNMENT OF ODISHA**
**OFFICE OF THE**
**SUPERINTENDING ENGINEER**
**PUBLIC HEALTH DIVISION, KORAPUT**
Koraput - 764020, Odisha, India
13001/2141/2627 ccphkrp@gmail.com | sephkoraput@gmail.com

**e-procurement Notice for 2026-27**

**Bid Identification No. SE,P.H.KPT-4 of 2026-27 Dt.06.10.2026**

| | | | |
|---|---|---|---|
| 1. | No. of the work | : | 5 nos |
| 2. | Estimated Cost | : | From Rs.44.08 lakh to Rs.84.03 lakh (Approx.) |
| 3. | Period of completion | : | 2 to 9 months |
| 4. | Date & time of availability of bid document in the portal | : | From 11.00 A.M. of 16.10.2026 to 05.00 P.M. of 29.10.2026 |
| 5. | Last date / time of receipt of bids in the portal | : | 05.00 P.M. of 29.10.2026 |
| 6. | Date & time of opening of bids | : | 11.00 A.M. of 30.10.2026 |
| 7. | Name and address of the Officer Inviting Bid | : | Additional Chief Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in".

Sd/-
(Er. Chiranjibi Mahali)
Additional Chief Engineer,
P.H. Division, Koraput

OIPR-13001/13008/1/26-27/0004



**Odisha Lift Irrigation Corporation Ltd.**
*(A Govt. of Odisha Undertaking)*
**OFFICE OF THE EXECUTIVE ENGINEER L.I. DIVISION, BARAGADA**
E-mail: eeolicbgh@gmail.com, Ph- 06646-246126
32001/1017/2627 No. 1706 / Dated: 06.10.2026

**E-Procurement Notice EE/OLIC/BGH-02/2026-27**

| | | | |
|---|---|---|---|
| 1. | Name of the tender Inviting Officer | : | Executive Engineer, L.I. Division, Baragada |
| 2. | Name of the work | : | Revival of 18 nos. of CLIPs & Reinforcement of 105 nos. Package (177 Nos. CLIPs) in different Block of Baragada District under State Plan Grant 2026-27. |
| 3. | No. of Packages | : | 123 Nos. |
| 4. | Tender Amount | : | Varies from 5.12 Lakhs to 21.45 Lakhs |
| 5. | Date and time of availability of bid documents in the portal | : | for on line biding from 10.00 hrs dated 14.10.2026 to 17.00hrs dated 27.10.2026. |
| 6. | Last date and time of receipt of bids in the portal | : | up to 17.00hrs. Dated- 27.10.2026. |
| 7. | Last date and time of clarification | : | up to 17.00hrs. Dated- 26.10.2026. |
| 8. | Date of opening of bid | : | at 11.00 hrs. Dated- 28.10.2026. |
| 9. | Further details can be seen from the e-procurement portal of Govt. of Odisha i.e. | : | www.tendersorissa.gov.in. |
| 10. | Subsequent corrigendum / addendum / cancellation of tender if required shall be available in the above portal. | : | - |

Sd/-
Executive Engineer,
L.I. Division, Baragada.

OIPR-32001/32277/1/26-27/0002



**Notice (above 18 years of age)**

By virtue of an affidavit sworn before Executive Magistrate, (KPD) Udala, Mayurbhanj , dated 06-10-2026 I, Rubina Behera, D/O- Sumanta Kumar Behera, Address At/Po-Kendudiha, Ps - Badasahi, Dist- Mayurbhanj, PIN-757026, Odisha declare that I have changed my name from Rubi Behera to Rubina Behera. Henceforth, I shall be known as **Rubina Behera** for all purposes.
**(Rubina Behera)**

**AFFIDAVIT**

I, **JUBULEE PATEL**, W/o- Durga Madhab Patel, resident of At/Po- Kulabira, PS- Lephripara, Dist- Sundargarh, Odisha declare by this affidavit Sl. No. 3168 dtd.-11/03/2025 that now onwards I shall be known as **JUBULI PATEL** for all future purposes.
(Sd/- **JUBULI PATEL**)

**AFFIDAVIT**

By virtue of an affidavit no -917 before Executive Magistrate, Kodala, Ganjam, dated 17.09.2026, I, Jagyaseni Malik, Village-Singipur, P.O.-Sama, Via-Purushottampur, Dist.-Ganjam hereby declare that my correct name is Jagyaseni Malik. But my name has been wrongly mentioned as Rini Swain in my Aadhaar Card. That Jagyaseni Malik and Rini Swain are one and the same person, i.e., myself. Henceforth I shall be known as **Jagyaseni Malik** for all purposes.
**Sd/- Jagyaseni Malik**

**Notice (above 18 years of age)**

By virtue of an affidavit sworn before Notary Puclic, Udala, Mayurbhanj , dated 29-09-2026 I, Jasmi Soren, Address At-Dahanibuda, Po-Silaghati, Ps - Khunta, Dist- Mayurbhanj, PIN-757019, Odisha declare that I have changed my name from Jasi Soren to Jasmi Soren. Henceforth, I shall be known as Jasmi Soren for all purposes.
**(Jasmi Soren)**

**AFFIDAVIT**

By virtue of an affidavit before Executive Magistrate, Keonjhar bearing no -05, dated 07.10.2026, I, Soumyaranjan Sahu, S/o Jasobanta Sahu, Vill-Kantalasuan, P.O.-Karamangi, P.S.-Telkoi, Dist.-Keonjhar-758076 hereby declare that I have changed my name from Samyaranjan Sahu to Soumyaranjan Sahu. Henceforth I shall be known as **Soumyaranjan Sahu** for all purposes.
**Soumyaranjan Sahu**

**AFFIDAVIT**

By virtue of an affidavit before Executive Magistrate, Puri bearing no -24, dated 03.10.2026, I Kailash Chandra Gadabad, S/o-Biswambar Gadabad, Army no.- 9213969K, Rank- HAV, at present and permanent address Jamuna Lane, Markandeswar Sahi, P.s-Puri town, Po./Dist.- Puri, Odisha, Pin-752001 declare that, I have changed my old name from Kailash Chandra Goudabad to Kailash Chandra Gadabad and my old address Vill./Po.- Garhkokal, Tah.- Jodapadar, Ps.- Brahmagiri, Dist.- Puri, Orissa changed to the above present address. Therefore I shall be known as **Kailash Chandra Gadabad** for all future purposes.

ଶାରଦୀୟ ନବରାତ୍ରୀ ପୂଜା

# ଶାନ୍ତିପଡ଼ା ପୂଜାମଣ୍ଡପରେ ଭକ୍ତିମୟ ପରିବେଶ

ବଲାଙ୍ଗିର,୧୧।୧୦(ସମିସ):

ରବିବାରଠାରୁ ଧରାପୃଷ୍ଠରେ ଆରମ୍ଭ ହୋଇଛି ମା' ଦୁର୍ଗାଙ୍କ ଶାରଦୀୟ ନବରାତ୍ରୀ ପୂଜା। ମନ୍ତ୍ରୋଚାରଣ, ଶଙ୍ଖ ଓ ଘଣ୍ଟ ଧ୍ୱନିରେ କମ୍ପିଉଠୁଛି ଗାଁରୁ ସହର। ଜଗତଜନନୀ ମା' ଦୁର୍ଗାଙ୍କ ଆଗମନରେ ପୁରା ପରିବେଶ ଏବେ ଭକ୍ତିମୟ ହୋଇଉଠିଛି। ଆଗାମୀ ୯ ଦିନ ଧରି ମା' ଶ୍ରଦ୍ଧାଳୁଙ୍କ ଆରାଧନା ଓ ପୂଜା ଗ୍ରହଣ କରିବେ। ଏହି ଅବସରରେ ବଲାଙ୍ଗିର ସହରର ବିଭିନ୍ନ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ନବରାତ୍ରି ପୂଜା। ନବରାତ୍ର ପୂଜାକୁ ନେଇ ଶାନ୍ତିପଡ଼ା ପୂଜା ମଣ୍ଡପରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ଚଳିତବର୍ଷ ସହରର ଶାନ୍ତିପଡ଼ା ଦୁର୍ଗାପୂଜା କମିଟି ୪୫ତମ ବର୍ଷରେ ପଦାର୍ପଣ କରିଛି। ଏଠାରେ ୯ମ ନବଦିନାତ୍ମକ ପୂଜା ଅତି ଆଡ଼ମ୍ବରର ସହ ଆରମ୍ଭ



ହୋଇଛି। ରବିବାର ମଣ୍ଡପରେ ବିଲ୍ୱବରଣ ଓ କଳସ ସ୍ଥାପନ ସହ ମା'ଙ୍କ ଆବାହନ କରାଯାଇ ନବରାତ୍ରୀ ପୂଜା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଚଳିତ ବର୍ଷ ବଲାଙ୍ଗିର ବ୍ଲକ ହଡ଼ତାଲର ପ୍ରସିଦ୍ଧ ଶିଳ୍ପୀ ପାତାମ୍ବର ରଣା ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ନିର୍ମିତ ମା' ଦୁର୍ଗା ଓ ପାଶ୍ୱର୍ ଦେବଦେବୀଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ଏହି ଶାରଦୀୟ ମହୋତ୍ସବକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଶାନ୍ତିପଡ଼ା ପୂଜା କମିଟିର ସଭାପତି ବିଜୟ ଖୁଣ୍ଟିଆ, ସମ୍ପାଦକ ହରିବନ୍ଧୁ ସେଠ ଏବଂ ସମସ୍ତ ସଦସ୍ୟ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଏଥର କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ନାୟକ ଓ ତାଙ୍କ ପତ୍ନୀ ରେଣୁକା ହୋତା ରହିଥିବା ବେଳେ ପଣ୍ଡିତ ବୈଦ୍ୟନାଥ ମିଶ୍ର ଓ ସହଯୋଗୀ ଆଚାର୍ଯ୍ୟଙ୍କ ଦ୍ୱାରା ବୈଦିକ ରୀତିନୀତିରେ ମା'ଙ୍କ ସପ୍ତଶତୀ ପାଠ ଓ ପୂଜାକାର୍ଯ୍ୟ ସମ୍ପାଦନ ହେଉଛି। ଶାସ୍ତ୍ରୀୟ ବିଧିବିଧାନ ଓ ନିଷ୍ଠାର ସହ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ବିଜୟା ଦଶମୀ ଅବସରରେ ପାରମ୍ପରିକ ରାବଣ ପୋଡ଼ି ମହୋତ୍ସବକୁ ଅଧିକ ଜାକଜମକ ଓ ଆକର୍ଷଣୀୟ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ମା'ଙ୍କ ଶୈଳପୁତ୍ରୀ ବେଶ



କୁଶଙ୍ଗର ମା' କୁଶୁଙ୍ଗେଇ



ବଲାଙ୍ଗିରର ମା' ସମଲେଶ୍ୱରୀ

# ଏଆଇଟିୟୁସିର ୫ମ ବଲାଙ୍ଗିର ଜିଲ୍ଲା ସମ୍ମିଳନୀ

**ବଲାଙ୍ଗିର,୧୧।୧୦(ସମିସ):** ଦେଶର ସର୍ବପ୍ରଥମ ଟ୍ରେଡ ୟୁନିୟନ ସଂଗଠନ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ସ୍ଥାନୀୟ ଗୋୟଲ ଧର୍ମଶାଳାରେ ୫ମ ବଲାଙ୍ଗିର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜିଲ୍ଲାର ଶ୍ରମିକ ସଂଗଠନର କାର୍ଯ୍ୟକଳାପ, ସମସ୍ୟା, ଅଧିକାର, ମଜୁରି, ସାମାଜିକ ସୁରକ୍ଷା ଓ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।। ଏହି ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଠଲା। ସଭାପତି ଭାବେ ତୀର୍ଥ ପଧାନ, କାର୍ଯ୍ୟକାରୀ ସଭାପତି ମନୋଜ ଗୌଡ, ଉପ ସଭାପତି ଭାବେ ପାଣ୍ଡବ ଭୋଇ, ହରପ୍ରିୟା କୁମ୍ଭାର, ପି.ଦାମୋଦର ରାଓ, ସଂପାଦକ ଜଗବନ୍ଧୁ ବେହେରା, ସହ-ସଂପାଦକ ଭାବେ ସାଏବୁ ନନ୍ଦ, ଦିଲୀପ ଭୋଇ, ବିଦୂର କୁମ୍ଭାର, ପ୍ରଭାସିନୀ ରାଏ, କମଳ ଭୋଇ, ଶୋଭାଗିନୀ ବାଗ, ପୂର୍ଣ୍ଣିମା ହରପାଲ, କୋଷାଧ୍ୟକ୍ଷ ଭାବେ ପ୍ରବୀର କୁମ୍ଭାର କମ୍ପ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ମାଧବୀ କଲତା, ବଲ୍ଲଭି ସିଂ, ରାଜକୁମାର ଜଗଦଲ୍ଲା, ଓମି ଗୁପ୍ତା, ରସିକ ରଣା, ଶ୍ୟାମ ପୁଟେଲ,



ପୁରୁଷୋତ୍ତମ କର୍ମୀ, ଦମୟନ୍ତି ମହାନନ୍ଦ, ନିରାକାର ପଧାନ ଓ ଘାସିରାମ ସାହୁ ମନୋନିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଜୁଳି ମେହେର, ଜାହ୍ନବି ବାରିକ, ପ୍ରମୋଦିନୀ ନାଏକ, ଦୁର୍ଗା ନାହାକ, ଲତା ପୁଟେଲ, ମାଧବୀ ବେହେରା, ସଂଜୁ ବାଗ, ପୁଷ୍ପଲତା ଦୀପ, ଶୋଭାଗିନୀ ତାଣ୍ଡି, ଅଯୋଧ୍ୟା ବରିହା, ସଂଗୀତା ହରପାଲ, ମୁକ୍ତା ଉଦୁରକୁଲିଆ, ସବିତା କୁମ୍ଭାର, ଅହଲ୍ୟା ବାଗ, ମହେନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ସମ୍ମିଳନୀରେ ଜିଲ୍ଲାର ଆଶା କର୍ମୀ, ପାଚିକା ସହାୟିକା, ନିର୍ମାଣ ଶ୍ରମିକ, ପଂଚାୟତ ଶ୍ରମିକ ସଂଘ, ବିଦ୍ୟୁତ କର୍ମ.ରୀ ସଂଘ, ପ୍ରତିରକ୍ଷା କର୍ମ.ରୀ ସଂଘ, ଉଦ୍ୟାନ ସାଥୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ।ଶେଷରେ ସାଏବୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରାଜେନ୍ଦ୍ର' ଜମିକୁ ନେଇ ଭୁଆଁ ବୁଲାଉଛନ୍ତି କେଭି

**ବଲାଙ୍ଗିର,୧୧।୧୦(ସମିସ):** ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଜମିକୁ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭୁଆଁ ବୁଲାଉଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଏକ ପ୍ରେସ୍ ବିବୃତ୍ତିରେ ଏହା କହିଛନ୍ତି। ନିକଟରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜେନ୍ଦ୍ର କଲେଜକୁ ୮୨ ବର୍ଷ ତଳେ ୨୦୦ ଏକର ଜମି ପ୍ରଦାନ କରିଥିଲେ। ଏଥିରୁ ଏବେ ମାତ୍ର ୫୬ ଏକର ଜମି ଶିକ୍ଷାନୁଷ୍ଠାନ ନାଁରେ ଅଛି; କିନ୍ତୁ ଦୁଃଖର ବିଷୟ ସେ ଜାଣିବା ଦରକାର ଯେ ଏହି ଜିଲ୍ଲାରୁ ଶ୍ରୀ ସିଂଦେଓ ଦୀର୍ଘ ବର୍ଷ ହେବ ପ୍ରତିନିଧିତ୍ୱ କରୁଛନ୍ତି। ବିଭିନ୍ନ ସମୟରେ ବିଧାୟକ, ମନ୍ତ୍ରୀ ରହିଛନ୍ତି। ଏବେ ଉପମୁଖ୍ୟମନ୍ତ୍ରୀ। ଯଦି ପ୍ରକୃତରେ ଜମି ହଡପ ହୋଇଛ ତେବେ ସେ ନିଜେ କାହିଁକି ତାର ତଦନ୍ତ କରି ସେ ଜମିକୁ ଫେରାଇ ପାରୁ ନାହାନ୍ତି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ପ୍ରକୃତରେ ଏହି ଶିକ୍ଷାନୁଷ୍ଠାନକୁ ୨୦୦ ଏକର ଜମି ଦିଆଯାଇଛି ତାହାର କିଛି ପ୍ରମାଣ ଅଛି କି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଯଦି ତାର କିଛି ଦଲିଲ ଅଛି ତେବେ ବଲାଙ୍ଗିର ଜିଲ୍ଲା ଛାତ୍ର ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେହି ଦଲିଲକୁ ଉପମୁଖ୍ୟମନ୍ତ୍ରୀ ସର୍ବସାଧାରଣ କରନ୍ତୁ। ଯଦି ନାହିଁ ତେବେ କେଉଁଠି ଅଛି ତାର ଅନୁସନ୍ଧାନ କରି ବଲାଙ୍ଗିରବାସୀଙ୍କୁ ଜଣାନ୍ତୁ। ଲୋକେ ଏହି ଘଟଣାକୁ ସନ୍ଦେହ ଚକ୍ଷୁରେ ଦେଖିଲେଣି। ରାଜେନ୍ଦ୍ର କଲେଜ ଜମିକୁ ନେଇ କେଭି ନିଜେ ସରକାରରେ ଥାଇ ଛାତ୍ର ସମାଜକୁ ଭ୍ରମାତ୍ମକ ମନ୍ତବ୍ୟ ଦେଉଛନ୍ତି ବୋଲି ଲେକେ କୁହାକୁହି ହେଲେଣି। ତେଣୁ ଯଦି ଯଦି ଏହି କଲେଜକୁ ୨ଶହ ଏକର ଜମି ପ୍ରଦାନ ସତ୍ୟ ତେବେ ଅନୁସନ୍ଧାନ କରି ବିଶ୍ୱ ବିଦ୍ୟାଳୟକୁ ଫେରାଇବା ଲାଗି ମେଭି ବ୍ୟବସ୍ଥା କରନ୍ତୁ। ନଚେତ ନିଜର ଅପାରଗତାକୁ ସ୍ୱୀକାର କରି ଇସ୍ତଫା ଦିଅନ୍ତୁ ବୋଲି ନରସିଂହ ଆହ୍ୱାନ ଦେଇଛନ୍ତି।

# ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସଭା

**ବଲାଙ୍ଗିର,୧୧।୧୦(ସମିସ):** ସ୍ଥାନୀୟ ଗନ୍ଧରେଲ ଆଶ୍ରମରେ ମହା ଆଡମ୍ବରରେ ହିରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ବଲାଙ୍ଗିର ଶାଖା ତରଫରୁ ସାଧାରଣ ସଭା ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଭାରେ ଲଳିତ ପଟ୍ଟନାୟକ, ହିରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସଂପାଦକ ପ୍ରଣୟ ନାୟକ, ଉପସଭାପତି ପବିତ୍ର ଖୁଣ୍ଟିଆ, ରଞ୍ଜିତ ଲେଙ୍କା, ସୁଶୀଲ ଦାସ, ପ୍ରତ୍ୟୁଷ ମହାରଣା, ସରୋଜ ସାହୁ, ପୂର୍ଣ୍ଣେନ୍ଦୁ ସାହୁ, ଆହୀୟ ପାଟ୍ଟଯୋଶୀ, ସମ୍ବିତ ପଣ୍ଡା, ଆତୀଶ ପଣ୍ଡା, ବିଶ୍ୱନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତଙ୍କ ସହମତିରେ ଉଦ୍ଧବ କରନଙ୍କୁ ବଲାଙ୍ଗିର ଡିଭିଜନ ସଂପାଦକ, ରାମକୁମାର ସାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ବଲାଙ୍ଗିର ଡିଭିଜନ ଅଧୀନ ଚାରୋଟି ସବଡିଭିଜନ ଓ ୧୨ଟି ସେକ୍ସନ୍ ପାଇଁ ମନୋନୀତ କରାଯାଇଥିଲା। ସୁରେନ୍ଦ୍ର ସେଠ, ରମେଶ ସାହୁ, ଗୋକୁଳ ହାତୀ, ରାହୁଲ ନାଏକ, ଲଳିତ ଦାଶ, କୈଳାସ ବିଶ୍ୱାଲ, ଠଣସୁନ୍ଦର ସାହୁ, ସନ୍ତୋଷ ସୁଆର, ନବ ରଣା, ଅମିୟ ପଶାୟତ, ଅବନୀ ସାଏ, ମନୋଜ କରନ, ମନୋରଞ୍ଜନ ପାଢୀ, ରଞ୍ଜନ ଡାଂଗ, ହରିହର ପଧାନ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ୪୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ଏବଂ ସଭ୍ୟ ଯୋଗ ଦେଇଥିଲେ। ଶେଷରେ କୁଶ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ମହାଳୟାରେ ସାମୂହିକ ଶ୍ରଦ୍ଧାଞ୍ଜଳି ଓ ଦୀପଦାନ

**ବଲାଙ୍ଗିର,୧୧।୧୦(ସମିସ):** ବଲାଙ୍ଗିରର ପୂଜ୍ୟପୂଜା ସେବା ସଂଗଠନ ତରଫରୁ ଟିକ୍ରାପଡା ରାମଜୀ ମନ୍ଦିର ଛକରେ ସାମୂହିକ ଶ୍ରଦ୍ଧାଞ୍ଜଳି ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଅବସରପ୍ରାପ୍ତ ପ୍ରଫେସର କ୍ଷମାନିଧି ସାହୁ ଏହାର ଉଦ୍‌ଘାଟନ କରିଥିଲେ। ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଷମାନିଧି ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ପ୍ରେମ.ନ୍ଦ ମହାନ୍ତି, ଡ. ଭବାନୀ ଶଙ୍କର ପଟେଲ, ଉପଦେଷ୍ଟା ଜୟରାମ ମିଶ୍ର, କପିଳ ପତି, ନଳିନୀପ୍ରଭା ଉଦ୍‌ଗାତା ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକ ସୁନାଧର ବନଛୋର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଦୁର୍ଗା ଚରଣ ସାହୁ, ଧିରେନ୍ଦ୍ର ନାରାୟଣ ସିଂଦେଓ, ପ୍ରଶାନ୍ତ ଷଡଙ୍ଗୀ, ସାଧୁରାମ ସାହୁ, କହ୍ନାଇ ଭରାସାଗର, ଅରୁଣ ଖୁଆସ, ରାମ ଶଙ୍କର ଶତପଥୀ, ସୀତାଂଶୁ ଶେଖର ନାୟକ, ନିରୁପମା ପାଣିଗ୍ରାହୀ, ବଳିଷ୍ଠ ପଧାନ, ଅମିୟ ମଲ୍ଲିକ, ପ୍ରଦୀପ ପସାୟତ, ନିହାରିକା ମିଶ୍ର, ରୁଡେନ୍ଦ୍ର ବେହେରା, ଗୋପାଳ ଚନ୍ଦ୍ର ହୋତା, ଡ. ଅଶୋକ ସେଠୀ, ଶୁଭେନ୍ଦ୍ର ନେପାକ ଓ ମଦନ ମୋହନ ରଥ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପସଭାପତି ମଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁତୁର୍ଲାରେ ସମ୍ବର୍ଦ୍ଧନା ସଭା

**ଦେଓଗାଁ,୧୧।୧୦(ସମିସ):** କୁତୁର୍ଲା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଖେଳପଡିଆରେ ରବିବାର ପୂର୍ବାହ୍ନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡମ୍ବରୁଧର ହରପାଲଙ୍କ ଆବାହକତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାର ଦେଓଗାଁ ବ୍ଲକ୍‌ରେ ବ୍ଲକସ୍ତରୀୟ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରାୟ ୧୪କୋଟି ୫୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଷ୍ଟାଡିୟମ ନିର୍ମାଣ ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେରଙ୍କୁ କୁତୁର୍ଲା ପଞ୍ଚାୟତବାସୀଙ୍କ ତରଫରୁ ଧନ୍ୟବାଦ ସହ କୃତଜ୍ଞତା ଅର୍ପଣ କରାଯାଇଥିଲା। ବୈଠକରେ ଏମପିଙ୍କ ବ୍ଲକ ପ୍ରତିନିଧି ଶଶି ପାଣିଗ୍ରାହୀ, ଧରଣୀଧର ନାୟକ, କ୍ରୀଡାବିତ ରିତୁ ବୁଡେକ, କ୍ରୀତିରାଜ ବାଗ, ଜଳନ୍ଧର ଚନ୍ଦନ, ମନୋଜ ଚନ୍ଦନ, ସୁଶାନ୍ତ ପଧାନ, ତାପସ ମନହୀରା, ଅବିନାଶ ସୁନା, ଅବେଶ ଅଦାବରିଆ, ରମାକାନ୍ତ ସାହୁ, ଲୁକାସଚନ୍ଦ୍ର ଦୀପ ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବେଦବିଦ୍ୱାନ ବ୍ରଜବିହାରୀଙ୍କ ୧୦୬ତମ ଜୟନ୍ତୀ

**ବଲାଙ୍ଗିର,୧୧।୧୦(ସମିସ):** ବଲାଙ୍ଗିର ସାମ୍ବାଦିକ ଭବନରେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ବେଦବିଦ୍ୱାନ ବ୍ରଜବିହାରୀଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଆବାହକ ବିରେନ୍ଦ୍ର ବନଛୋର ଏଥିରେ ସଭାପତିତ୍ୱ କରିଥିଲେ। ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଯୁବ ସଂଗଠକ ସୟେଦ ଆଫତାପ୍ ହୁସେନ, କବି ନବୀନ ବିଶ୍ୱବନ୍ଧୁ, କବି ସଂଦୀପ କୁଅଁର, ସାମ୍ବାଦିକ ଶ୍ରୀମନ୍ତ ପଣ୍ଡା, ମୋହନ ଗୋପାଳ ପଣ୍ଡା, ଶିକ୍ଷାବିତ୍ ସନାତନ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ବରିଷ୍ଠ ସଦସ୍ୟ ରାଜକିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ ସମସ୍ତଙ୍କୁ ଏକତାର ବନ୍ଧନରେ ବାନ୍ଧିଛି













ବଲାଙ୍ଗିର,୧୧।୧୦(ସମିସ): ସ୍ଥାନୀୟ ଇସ୍କନ ମନ୍ଦିରରେ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟି ଓ ଶ୍ରୀକୃଷ୍ଣ ପ୍ରେମୀମାନେ ଏକାଠି ହୋଇ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଭେଟ ପାଳନ କରିଛନ୍ତି। ନୂଆଁଖାଇ ଭେଟ୍‌ଘାଟ ସମସ୍ତଙ୍କୁ ଏକତାର ବନ୍ଧନରେ ବାନ୍ଧିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ଦଣ୍ଡେଶ୍ୱର୍ ହୋତାଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସୋସାଇଟୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସୋସାଇଟିର ଆବାହକ ବେଲାରସିଂ ଭୋଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଇସ୍କନର ମହାପ୍ରବନ୍ଧକ ଦିନନାଥ ସଚିପୁତ୍ର ଦାସ ବାକ୍ତବ୍ୟ ରଖିଥିଲେ। ସୋସାଇଟିର ସଂଯୋଜକ ଶିକ୍ଷାବିତ୍ ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ। ଧର୍ମବ୍ରତ ରଥ, ସ୍ୱରୂପାରାଣୀ ଠାକୁର, ଦିବାକର ହୋତା, ରବିନାରାୟଣ ସାହୁ, ପ୍ରସନ୍ନ ମିଶ୍ର, ମନୋରଞ୍ଜନ ପୁରୋହିତ, ଦୁର୍ବାଦଳ ମହାକୁର, ଜ୍ଞାନରଞ୍ଜନ ପଟ୍ଟନାୟକ, ନରେନ୍ଦ୍ର ନାଥ ମିଶ୍ର, ସୁବୋଧ ନାଗ, ସୁବାସ ଶତପଥୀ, ମହେନ୍ଦ୍ର ଦର୍ଜୀ, ରଘୁନନ୍ଦନ ସିଂହ , ଡାକ୍ତର ଅଶୋକ ସେଠୀ, ଅରୁଣ ନାଥ, ଦିନେଶ ଦାଶ, ବିଶ୍ୱନାଥ ତ୍ରିପାଠୀ, ମନୋଜ ଜୈନ, ପବନ ସୋନି, ଲଳିନ୍ଦ୍ର ବେହେରା, ଉମାକାନ୍ତ ସାହୁ, ଦୁଲାଲ ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସିଭିଲ ସୋସାଇଟିର ବରିଷ୍ଠ ସଭ୍ୟ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବଲାଙ୍ଗିର କୋଶଳ କଳା ମଣ୍ଡଳ ପଡ଼ିଆରେ ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ଷଷ୍ଠ ନୂଆଖାଇ ଭେଟ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଛତିଶଗଡ ମହାସମୁନ୍ଦ ସାଂସଦ ରୂପ କୁମାରୀ ଚୌଧୁରୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ରଞ୍ଜନ ପଟେଲ, ଆରକ୍ଷୀ ଅଧୀକ୍ଷକ ନରେଶ ପଟେଲ, ଉପ ଜିଲ୍ଲାପାଳ ଆଲୋକ ପଟେଲ, ଅଖିଳ ଭାରତୀୟ ଅଘରିଆ ସମାଜର ରାଜ୍ୟ ସଭାପତି ଯଶୋବନ୍ତ ପଟେଲ, ଛତିଶଗଡ଼ ରାଜ୍ୟ ସଭାପତି ଅଘରିଆ ସମାଜର ଉଷା ପଟେଲ, ଅଘରିଆ ସମାଜ ରାଜ୍ୟ ନିର୍ବାଚନ ଅଧିକାରୀ ଦିଲୀପ ପଟେଲ, ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ବଡମାଲ ଗୋଳାବାରୁଦ କାରଖାନାର ସିଜିଏମ୍ ବିଭୁତି ଭୂଷଣ ପଟେଲ, ଅଘରିଆ ସମାଜ ରାଜ୍ୟ ସାଂଗଠନିକ ସମ୍ପାଦକ ନୀଳମଣୀ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଆଂଚଳିକ କମିଟି ଅଘରିଆ ସମାଜର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ସଭାପତିତ୍ୱ କରିଥିଲେ। ଅଘରିଆ ସମାଜ ଉପ ସଭାପତି ଲିଲି ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। କବୟିତ୍ରୀ ନିରୂପମା ପଟେଲ ଓ ଶ୍ରୀକାନ୍ତ ପଟେଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିକୁଆଁ ଆଞ୍ଚଳିକ କେନ୍ଦ୍ର ଅଧୀନ ବଡବନ୍ଧରେ କୁଲୁତା ସମାଜର ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗଦୀଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ହର୍ଡାଟାଲ ଜିଲ୍ଲା କେନ୍ଦ୍ର ସଭାପତି ବେଲାରସେନ ଭୋଇ, ଗବେଷକ ରାଜେନ୍ଦ୍ର ପାତ୍ର, ସିକୁଆଁ ଆଞ୍ଚଳିକ କେନ୍ଦ୍ର ସଭାପତି ଶିବରାମ ବିଶ୍ୱାଳ, ଜିଲ୍ଲାକେନ୍ଦ୍ର ଉପଦେଷ୍ଟା ଲିଙ୍ଗରାଜ ପଧାନ, ବଲାଙ୍ଗିର ଟାଉନ ସଭାପତି ଶଙ୍କର୍ଷଣ ପଧାନ, ଜିଲ୍ଲା କୃଷକସଂଘ ସଭାପତି ଯତି ପଧାନ ପ୍ରମୁଖ ଯୋଗ ଦେଇଥିଲେ। ବଡବନ୍ଧର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିଙ୍ଗରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବଡବନ୍ଧ ଗ୍ରାମ୍ୟ କମିଟି ସଭାପତି ମାନଭଞ୍ଜନ ଗଡତ୍ୟା, ସମ୍ପାଦକ ଅଗସ୍ତି ବୁଦ୍ଧିଆ, ହର୍ଡାଟାଲ ଜିଲ୍ଲା କେନ୍ଦ୍ର ଅଧୀନ ୩୩ଟି ଆଞ୍ଚଳିକ କେନ୍ଦ୍ରର ସଭାପତି, ସିକୁଆଁ ଆଞ୍ଚଳିକ କେନ୍ଦ୍ରର ସମ୍ପାଦକ, ଉପସଭାପତି ପ୍ରମୁଖ ଯୋଗ ଦେଇଥିଲେ। ରାକେଶ ଗଡତ୍ୟା, ସୁରେଶଚନ୍ଦ୍ର ଭୋଇ, ଶମ୍ଭୁପ୍ରସାଦ ଗଡତ୍ୟା, ରାଘବ ଗଡତ୍ୟା, ମୁକେଶ ପଧାନ, ଜୀବନ ବୁଦ୍ଧିଆ, ଓମକାରନନ୍ଦ ପଧାନ, ମୋତିଲାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ଗାଁରେ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଦୁଇ ଦିନିଆ ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ଗୋବିନ୍ଦ ତାଣ୍ଡି, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, ପୂର୍ବତନ ଏସଡିସି ଉପାଧ୍ୟକ୍ଷା ନିରୁପମା ମାଝୀ. ସମ୍ମାନୀତ ଅତିଥି ଭାବେ ଚଟୁଅନକା ପଞ୍ଚାୟତର ନାଏବ ସରପଞ୍ଚ ପ୍ରତିନିଧି ଦେବରାଜ ରଣା, କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ସଭାପତି ଅନିଲ ବିଭାର, ବରିଷ୍ଠ ସମାଜସେବୀ କୈଳାସ ଦୀପ, ନରେନ୍ଦ୍ର ସୁନା, ମୁରିବାହାଲ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମାହାନନ୍ଦ, ବେହେରେନସିଲେଟ ସରକାରୀ ପ୍ରକଳ୍ପ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବାର ବାରିକ ଏବଂ ବିଜେଡି ନେତ୍ରୀ ପିଙ୍କି ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ବିରାଟ ଡ୍ୟାନ୍ସ ଧମାକା ପ୍ରତିଯୋଗିତା ଏଥର ମୁଖ୍ୟ ଆକର୍ଷଣ ପାଲଟିଥିଲା। ବଲାଙ୍ଗୀର ସମେତ ବିଭିନ୍ନ ଜିଲ୍ଲା ଏବଂ ଛତିଶଗଡ ଭଳି ରାଜ୍ୟ ବାହାରୁ ମଧ୍ୟ ନୃତ୍ୟଶିଳ୍ପୀମାନେ ଆସି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଜଣାଶୁଣା ଅଭିନେତ୍ରୀ ପ୍ରାଚୀ ପାଣିଗ୍ରାହୀ, କଳ୍ପନା ବ୍ୟାସ, ରୂପାଲି ବ୍ୟାସ ଓ ଅଶୋକ ଯୋଗ ଦେଇଥିଲେ। ବିଶେଷ ଆକର୍ଷଣ ଭାବେ କୁନି ପ୍ରତିଭା ଶ୍ରୀୟାଂସ ମେହେର ନିଜ ଚମତ୍କାର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବଚ୍ଛ ବେହେରା, ଚଟୁଅନକା ସରପଞ୍ଚ ଜ୍ଞାନରଞ୍ଜନ ତାଣ୍ଡି, ହାର୍ଦ୍ଦିକ ସୋମିଆ, ସିନାପାଲି ରେଞ୍ଜର ରାମେଶ୍ୱର ତାଣ୍ଡି, ସରକାରୀ ଓକିଲ ବିବେକ ଶର୍ମା, ମୁରିବାହାଲ କଲେଜ ଅଧ୍ୟକ୍ଷ ଡ. ରମେଶଚନ୍ଦ୍ର ମାହାନନ୍ଦ ଓ ସାମ୍ବାଦିକ ପୁଷ୍ପ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ରୋହନ ମହତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

**ଖପ୍ରାଖୋଲ:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ଗ୍ରାମର ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ଗୋଁଡ ସାଂସ୍କୃତିକ ସମାଜ ପକ୍ଷରୁ ନୂଆଖାଇ ଭେଟ୍ ହୋଇଯାଇଛି। ଏଥିରେ ଯୁଗେଶ୍ୱର ମାଝୀ, ହେମନ୍ତ ଦଳପତ. ପୁରୁଷୋତ୍ତମ ଧରୁଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଯୁବରାଜ ଧରୁଆ, ଜିଲ୍ଲା ଉପସଭାପତି ବିପ୍ର ବିଶି, ଅଞ୍ଚଳ ସମ୍ପାଦକ ଗୋକୁଳ ଧରୁଆ, ଜିଲ୍ଲା କମିଟି ସଭ୍ୟା ଅହଲ୍ୟା ଧରୁଆ, ଜିଲ୍ଲା କମିଟି ସଭ୍ୟ କ୍ଷୀରୋଧର ମାଝୀ, ବ୍ଲକ୍ ସମ୍ପାଦକ ଅଷ୍ଟମ ମାଝୀ, ଗୋଁଡ଼ୱାନା ବ୍ଲକ ସମ୍ପାଦକ ଟିକେଶ୍ୱର ଧରୁଆ, ବେଲପଡା ବ୍ଲକ ସମାଜସେବୀ କେତନ ମାଝୀ, ତନ୍ତ୍ର ଧରୁଆ, ନାରୀନେତ୍ରୀ ନିରୁପମା ମାଝୀ (କଣ୍ଟାବାଞ୍ଜି), ଥବିର ଧରୁଆ, ହରିଶଙ୍କର ମନ୍ଦିର ମେନେଜର ଗୁପ୍ତେଶ୍ୱର କୁଅଁର ପ୍ରମୁଖ ମଞ୍ଚାସୀନ ଥିଲେ। ଦୟା ମାଝୀ, ହିରଣ୍ୟ ମାଝୀ, ଖଗେଶ୍ୱର ମାଝୀ, ପବିତ୍ର ମାଝୀ, ପୂର୍ଣ୍ଣ ମାଝୀ, ଋଷି ମାଝୀ, ପାଲେଶ୍ୱର୍ ମାଝୀ, ଅମିଲ ମାଝୀ, ରୁକ୍ମିଣୀ ମାଝୀ, ଟିକ ମାଝୀ, ଛାୟାବତି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଘୁନସର ଗ୍ରାମର ମଧୁସ୍ମିତା ମାଝୀଙ୍କୁ ଗୋଁଡ ସାଂସ୍କୃତିକ ସମାଜ ତରଫରୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ପଡ଼ିଆରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ଗଣ୍ଡା ସମାଜ ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଦୀପିକା ଦୀପ, ପଦ୍ମପୁରର ଡେପୁଟି କଲେକ୍ଟର ହେତୁରାମ ବିଭାର, କଣ୍ଟାବାଞ୍ଜି ମହିଳା କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଜିତେନ୍ଦ୍ର ସୁନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ମାଆ ଶେଫାଳୀ ସୁନା, ପୁଣ୍ୟ ହରିପାଲ, ଏଲ୍‌ଡିଏର ପ୍ରତିଷ୍ଠାତା ଲବ ସୁନା, "ସାବାସ' ସାମାଜିକ ପରିବର୍ତ୍ତନ ସଂଗଠନର ସଭାପତି ଲାଏବାନ ସୁନା, ଶିକ୍ଷୟିତ୍ରୀ ତାରୁଲତା ମହାନନ୍ଦ, ସାମ୍ବାଦିକ ଭୁବନେଶ୍ୱର ବାରିକ ଓ କପିଲ ସୁନାଙ୍କୁ ସମ୍ମାନିତ କରାଯାଇଥିଲା। ନିରାକାର ଛୁରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଧୀମାନ ଜଳଧର ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବ୍ଲକ୍ ସମ୍ପାଦକ ମାହିନାଥ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଢେଲ ଡ୍ୟାମ୍‌ରୁ ମିଳୁନି ପାଣି; ଚିନ୍ତାରେ ୬ ଗାଁର ଚାଷୀ

**କନ୍ଧମାଳ,୧୧।୧୦(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ବରଗାଁ ପଞ୍ଚାୟତର ପାଢେଲ ଡ୍ୟାମ୍ ଉପରେ ନିର୍ଭର କରୁଥିବା ୬ ଖଣ୍ଡ ଗ୍ରାମର ଲୋକଙ୍କ ପାଇଁ ଜଳ ସଙ୍କଟ ଏବେ ଚିନ୍ତାର କାରଣ ପାଲଟିଛି। ଚଳିତ ବର୍ଷ ଆବଶ୍ୟକ ଅନୁଯାୟୀ ବର୍ଷା ନ ହେବା ଏବଂ ଡ୍ୟାମରୁ ଆବଶ୍ୟକ ପାଣି ମିଳୁ ନ ଥିବାରୁ ଏହା ଉପରେ ନିର୍ଭରଶୀଳ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଢେଲ ଡ୍ୟାମର କୃଷକ ବନ୍ଧୁ ପାଣି ପଞ୍ଚାୟତ ଅଧୀନରେ ରହିଥିବା ପାଢେଲ, ସୂର୍କାପଙ୍ଗା, ବାଞ୍ଜୀମୁଣ୍ଡା, ବିରସିଂହପୁର, ବାରିଗୁଭା ଓ ବରଗାଁ ଗ୍ରାମର ଲୋକମାନେ ଏହି ଡ୍ୟାମର ଜଳ ଉପରେ ନିର୍ଭର କରି ନିଜର କୃଷିକାର୍ଯ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିଥାନ୍ତି; କିନ୍ତୁ ଚଳିତ ବର୍ଷ ବର୍ଷାର ଅଭାବ ଯୋଗୁଁ ଜଳ ସଙ୍କଟ ଗୁରୁତର ରୂପ ନେଇଥିବା ବେଳେ ଡ୍ୟାମରୁ ପାଣି ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ନିରାଶା ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ କୃଷକ ବନ୍ଧୁ ପାଣି ପଞ୍ଚାୟତର ସଭାପତି ନିରାକର ମଲିକ, ସମ୍ପାଦକ ଶରତ ରଣା ଓ କୋଷାଧ୍ୟକ୍ଷ ସଞ୍ଜୟ କର୍ମ ବାରମ୍ବାର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଉ ନ ଥିବା ନେଇ ପାଣି ପଞ୍ଚାୟତ ପକ୍ଷରୁ ଅଭିଯୋଗ ହୋଇଛି। ଲୋକଙ୍କ ସମସ୍ୟାକୁ ନେଇ ପାଣି ପଞ୍ଚାୟତ କର୍ମକର୍ତ୍ତା ଚିନ୍ତା ପ୍ରକଟ କରିବା ସହ ପାଣି ଯୋଗାଣର ସୁବ୍ୟବସ୍ଥା କରିବାକୁ ଦାବି ଜଣାଇ ଆସୁଥିଲେ। ତେବେ ଅଭିଯୋଗ ପରେ କନ୍ଧମାଳ ତହସିଲଦାର ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୀର୍ଘ ପାଞ୍ଚ ଘଣ୍ଟା ଧରି ପାଣି ଯୋଗାଣ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଉଦ୍ୟମ ସଫଳ ହୋଇ ନ ଥିବାରୁ ଶେଷରେ କର୍ମଚାରୀ ଫେରିଯାଇଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ଉଦ୍ୟମ ସତ୍ତ୍ୱେ ପାଣି ଯୋଗାଣ ସମ୍ଭବ ନ ହେବା ଘଟଣା ଏହି ଅଞ୍ଚଳର ଜଳ ସଙ୍କଟକୁ ଆହୁରି ସ୍ପଷ୍ଟ କରିଛି। ଏଭଳି ପରିସ୍ଥିତିରେ ଛଅଟି ଗ୍ରାମର ଲୋକଙ୍କ ଜଳ ଆବଶ୍ୟକତା କିପରି ପୂରଣ ହେବ ଏବଂ ଚାଷୀମାନେ କିପରି ନିଜ ଚାଷକାର୍ଯ୍ୟ ଜାରି ରଖିବେ ତାହାକୁ ନେଇ ଚିନ୍ତା ବଢ଼ିଛି। ଗୋଟିଏ ପଟେ ଅନିୟମିତ ବର୍ଷା ଚାଷକୁ ପ୍ରଭାବିତ କରୁଥିବା ବେଳେ ଅନ୍ୟପଟେ ଡ୍ୟାମରୁ ଆବଶ୍ୟକ ପାଣି ନ ମିଳିବା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଜଳ ସଙ୍କଟର ଏହି ସମସ୍ୟା ଦୀର୍ଘସ୍ଥାୟୀ ହେଲେ ଚାଷକାର୍ଯ୍ୟ ସହ ଗ୍ରାମାଞ୍ଚଳର ଜୀବନଜୀବିକା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ କେବଳ ଅସ୍ଥାୟୀ ବ୍ୟବସ୍ଥା ନୁହେଁ, ବରଂ ପାଢେଲ ଡ୍ୟାମରୁ ଜଳ ଯୋଗାଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଜଳସେଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ପାଢେଲ ଡ୍ୟାମ ଉପରେ ନିର୍ଭରଶୀଳ ୬ଟି ଗ୍ରାମର ଚାଷୀ ଓ ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯଥାଶୀଘ୍ର ଜଳ ଯୋଗାଣର ବ୍ୟବସ୍ଥା କରନ୍ତୁ ବୋଲି ପାଣି ପଞ୍ଚାୟତ କମିଟି ପକ୍ଷରୁ ଦାବି କରାଯାଇଛି।

# ଅଲିଭା ମହାସଂଘ ଓ ବ୍ଲକ୍ ପ୍ରଶାସନର ମିଳିତ ବୈଠକ



**ତରଭା,୧୧।୧୦(ସମିସ):** ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଅଲିଭା ପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ସଦସ୍ୟାମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧନୁର୍ଦ୍ଧର ନାଏକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସପ୍ରତିଭ ପ୍ରଧାନ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ, ଶ୍ରମିକ କାର୍ଡ ଓ ନବୀକରଣ ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ, ଶିକ୍ଷାରେ ମିଳୁଥିବା ସହାୟତା ରାଶି, ପଞ୍ଚାୟତରେ ନାମପଞ୍ଜିକରଣ କରି ବାହାରକୁ ଯାଇପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ। କିଶୋର ଧରୁଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ଯୋଗଦେଇ ଭତ୍ତା ସମସ୍ୟା, ଆଧାର ଲିଙ୍କ, ଜାତୀୟ ପରିବାର ମଙ୍ଗଳ ଯୋଜନା, ବାଣିଶ୍ରୀ, ବିବାହ ପ୍ରୋତ୍ସାହନା ରାଶି ଉପରେ ମତବ୍ୟକ୍ତ କରିଥିଲେ। ଜୀବନଜୀବିକା ମିଶନର ବିପିଏମ୍ ମନୋଜ ବାଘ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଯୋଜନା ଓ ତାର ସୁବିଧା, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରାଣୀ ସମ୍ପଦ ବିଭାଗରେ ଥିବା ସୁବିଧା ସୁଯୋଗ କିପରି ପାଇ ପାରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ହେମନ୍ତ ବେହେରା କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନାରେ ରାସନ କାର୍ଡରେ ଇକେୱାଇସି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ବିକାଶ ପ୍ରକଳ୍ପର ପରିଦର୍ଶିକା ପୁଷ୍ପମଞ୍ଜରୀ ସୁନା ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପ୍ରି ସ୍କୁଲ ଶିଶୁଙ୍କ ସୁବିଧା, ଗର୍ଭବତୀ ଓ ପ୍ରସୁତି ସୁବିଧା ସହ ମମତା ଯୋଜନା, ଅଦ୍ୱିକା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅମିତା ଚାନ୍ଦ କିଶୋରୀ ଓ ମହିଳାଙ୍କ ପାଇଁ ଦେଖା ଦେଉଥିବା ଶାରୀରିକ ସମସ୍ୟା, ସାନିଟାରୀ ନାପକିନ ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ସଂଘର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିବା ସହ ଗାଁ ସ୍ତରରେ ଥିବା ସମସ୍ୟା ଦିଗରେ ଆଲୋଚନା କରିଥିଲେ। ୧୫ ପଞ୍ଚାୟତରୁ ୪୨ ଜଣ ମହିଳା ପ୍ରତିନିଧିଙ୍କ ସମେତ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ନିଜ ପଞ୍ଚାୟତର ସମସ୍ୟା ଉପସ୍ଥାପନା କରିଥିଲେ। ଅଲିଭା ମହାସଂଘର ସଦସ୍ୟାଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଉପସ୍ଥିତ ଅଧିକାରୀଙ୍କୁ ଦିଆଯାଇଥିଲା। ଏଥିରେ ଜିତେନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ କମସରା ସରପଞ୍ଚ କୁନ୍ତଳା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଲାସପୁର ମାଁ ମହେଶ୍ୱରୀ ମନ୍ଦିରରେ ପୂଜା

କନ୍ଧମାଳ,୧୧।୧୦ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ବିଲାସପୁରସ୍ଥିତ ମାଁ ମାହେଶ୍ୱରୀଙ୍କ ପୀଠରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବିଦ୍ୟାଧର ମହାକୁଡ଼ ସଭାପତିତ୍ୱ କରିଥିଲେ। ଭୂଷଣ ପାତ୍ର, ଦୟାନିଧି ଖମାରୀ, ବିଜୟ ରଞ୍ଜନ କର୍ମୀ, କନ୍ଧମାଳ ଜିଲ୍ଲା ମହିଳା ସଭାନେତ୍ରୀ ପ୍ରଭାତି ପାତ୍ର, ଡୁମାଳ ପରିଷଦ ରାଜ୍ୟ ଉପସଭାପତି ସୁଦାମ ଚରଣ ଖମାରୀ, ତବଡା କେନ୍ଦ୍ର ସଭାପତି ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବୁଦ୍ଧଦେବ ଖଣ୍ଡଗିରି, ବିକ୍ରମ କର୍ମୀ, ଜ୍ଞାନେନ୍ଦ୍ର ଭୂଷଣ ମେଣ୍ଡିଲି, ମହାଦେବ ଖମାରୀ, ସ୍ୱପ୍ନେଶ୍ୱର ପ୍ରଧାନ, ଗୋପାଳ ପ୍ରଧାନ, ଘନଶ୍ୟାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା




**ବୌଦ୍ଧ,୧୧।୧୦(ସମିସ):** ସ୍ଥାନୀୟ ଯୋଗୀନ୍ଦ୍ରଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶତାବ୍ଦୀ କକ୍ଷରେ ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ୧୨ ତାରିଖରେ ହେବାକୁ ଥିବା ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାକୁ ଚୟନ ହୋଇଛି। ସଂପୋଚ ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ହୋଇଥିବାବେଳେ ଦହ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଶ୍ରେଷ୍ଠ ଅଭିନେତା ଭାବେ ସଂପୋଚ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତ ନାଏକ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ତେତଲେଙ୍ଗା ଆଦର୍ଶ ବିଦ୍ୟାଳୟର ସମୃଦ୍ଧି ସମାପିକା ଶତପଥୀ, ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ ପଟ୍ଟ ଲେଖକ ଭାବେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ପୁରସ୍କୃତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ଶିକ୍ଷକ ସଂଜୀବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ସଂଯୋଜନା କରିଥିଲେ। ଦିଲ୍ଲୀପ ମହାନ୍ତି ଓ ଲକ୍ଷ୍ମଣ ମହାପାତ୍ର ବିଚାରକ ଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ସଭା ସଂଯୋଜନା କରିଥିବା ବେଳେ ସହ ବିଜ୍ଞାନ ନିରୀକ୍ଷକ ପ୍ରବୀଣ ପ୍ରଧାନ ସହଯୋଗ କରିଥିଲେ।

## ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା

**ବୌଦ୍ଧ,୧୧।୧୦(ସମିସ):** ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମଶାବାହିତ ରୋଗର ପ୍ରତିରୋଧ ତଥା ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାମଗଡ଼ ହାଇସ୍କୁଲ୍‌ରେ ଜୁନିୟର ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ 'ପିଲାଏ ହେଲେ ସଚେତନ, ଦେଶ ହେବ ପରିବର୍ତ୍ତନ' ନାରା ଦେଇ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଥିଲେ। ଗ୍ରାମବାସୀଙ୍କୁ ରୋଗ ପ୍ରତିରୋଧ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସିଆରସିସି ସୁବାସ କୁମାର ବିଶି ଯୋଗ ଦେଇଥିଲେ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗର କାରଣ, ସଂକ୍ରମଣ ଏବଂ ପ୍ରତିକାର ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଘର ଓ ଆଖପାଖ ପରିବେଶରେ ପାଣି ଜମିବାକୁ ନ ଦେବା, ଜମା ପାଣିକୁ ନିୟମିତ ସଫା କରିବା, ମଶାରି ବ୍ୟବହାର କରିବା ଏବଂ ପରିବେଶକୁ ସ୍ୱଚ୍ଛ ରଖିବା ଦ୍ୱାରା ମଶାବାହିତ ରୋଗର ପ୍ରକୋପ ହ୍ରାସ କରାଯାଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଏଥିସହ ଜ୍ୱର ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଗିରିଜା ଶଙ୍କର ବାଘ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ଓ ସ୍ୱଚ୍ଛତା ହିଁ ମଶାବାହିତ ରୋଗ ପ୍ରତିରୋଧର ପ୍ରମୁଖ ଉପାୟ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।

## ଗୋପବନ୍ଧୁ ଓ ସହିଦ ବାଜି ରାଉତଙ୍କ ଜୟନ୍ତୀ



**ବୀରମହାରାଜପୁର,୧୧।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସହିଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ସମାଜସେବା ଓ ମହାପୁରୁଷଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ପାଇଁ ପ୍ରେରଣା ଦିଆଯାଇଥିଲା। ଗିରିଜା ଶଙ୍କର ର, ଡ. ପ୍ରଫୁଲ୍ଲ ରଥ, ଧର୍ମ ଶତପଥୀ, ଅଖିଳ ଭାରତୀୟ ପରିଷଦର ଆଜୀବନ ସଦସ୍ୟ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ବୁଦ୍ଧିଜୀବୀ ସନ୍ତୋଷ ରଥ, କିଶୋର ହୋତା ଓ ଶିକ୍ଷକ ରାସବିହାରୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀନେଶ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପଙ୍କଜ ଖମାରୀ ସଭା ପରିଚାଳନା କରିଥିଲେ। ରାଧେଶ୍ୟାମ ମିଶ୍ର ଉପସ୍ଥିତ ଥିଲେ। ଶେଷରେ ଗାୟତ୍ରୀ ଆବାସିକ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣ୍ୟଶ୍ଳୋକ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ବୌଦ୍ଧ ପଞ୍ଚାୟତ କଲେଜ ଛାତ୍ର ସଂସଦ ସଭାପତି ନିର୍ବାଚିତ

ବୌଦ୍ଧ,୧୧।୧୦(ସମିସ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ର ପୁଣ୍ୟଶ୍ଳୋକ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଛନ୍ତି। ମନୋନୟନ ପତ୍ର ଯାଞ୍ଚ ପରେ ସଭାପତି ପଦ ପାଇଁ ପୁଣ୍ୟଶ୍ଳୋକ ପଟ୍ଟନାୟକ, ସମ୍ପାଦକ ପଦ ପାଇଁ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ପ୍ରଭାତ ଜେନା ଏବଂ ନାଟ୍ୟ ସମ୍ପାଦକ ପଦ ପାଇଁ ଆକାଶ ପରିଡ଼ାଙ୍କ ପ୍ରାର୍ଥୀପତ୍ର କାଏମ ରହିଥିଲା। ଏହି ତିନି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଥିଲା। ତେବେ ଛାତ୍ର ସଂସଦର ମୋଟ ୭ଟି ପଦବୀ ପାଇଁ ୧୪ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ୧୧ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ଏହାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆପତ୍ତି ଉଠାଯାଇଛି। ପ୍ରାର୍ଥୀପତ୍ର ନାକଚ ଘଟଣା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

# ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ




**ବୌଦ୍ଧ,୧୧।୧୦(ସମିସ):** ସ୍ଥାନୀୟ ଜିଲ୍ଲା ପିଏମ୍‌ସି କେନ୍ଦ୍ରୀୟ ବିଦ୍ୟାଳୟର ସଭାଗୃହରେ ମାଇଁ ଭାରତ ବୌଦ୍ଧ ଜିଲ୍ଲା ପକ୍ଷରୁ ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କୁ ନିଶାମୁକ୍ତ ଜୀବନ ପ୍ରତି ସଚେତନ କରିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ତଥା ମାଇଁ ଭାରତ ଡାଇରେକ୍ଟର ଜେନେରାଲଙ୍କ ପୂର୍ବତନ ନୋମିନି ଦେବାଶିଷ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳକ ସରୋଜ ମେହେର, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନତ ମେହେର ଏବଂ ମାଇଁ ଭାରତ ବୌଦ୍ଧ ଜିଲ୍ଲା ସଂଯୋଜକ ଆସମାନ ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ ଥିଲା 'ନିଶାମୁକ୍ତ ଯୁବ ସମାଜ'। ଏହି ଅବସରରେ ଉପସ୍ଥିତ ଅତିଥିମାନେ ନିଶା ସେବନର କୁପ୍ରଭାବ, ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ଏବଂ ଏକ ସୁସ୍ଥ ଓ ସଚେତନ ସମାଜ ଗଠନରେ ଯୁବକଯୁବତୀଙ୍କ ଭୂମିକା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ପୁରୋହିତ ନିଶାଠାରୁ ଦୂରେଇ ରହି ନିଜ ଜୀବନକୁ ଶୃଙ୍ଖଳିତ ଓ ଉଦ୍ଦେଶ୍ୟମୂଳକ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଯୁବପିଢ଼ି ନିଜେ ସଚେତନ ହେବାସହ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନ ପାଇଁ ପ୍ରେରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବଳଦେବ ବେହେରା ଏକକ ଅଭିନୟ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନ ନେଇ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମାଇଁ ଭାରତ ବୌଦ୍ଧ ଜିଲ୍ଲା ସଂଯୋଜକ ଅତିଥିମାନଙ୍କ ସମେତ ଉପସ୍ଥିତ ସମସ୍ତ ଯୁବକଯୁବତୀଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ସୁଶୀଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୯ କ୍ୱିଣ୍ଟାଲ ୧୩ କେଜି ଗଞ୍ଜେଇ ଜବତ



**କନ୍ଧମାଳ,୧୧।୧୦ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୁଲିସ ପାଟ୍ରୋଲିଂ ସମୟରେ ବେଆଇନ ଗଞ୍ଜେଇ ଚାଲାଣ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଶଗଡ଼ ଡ୍ୟାମ୍ କେନାଲ କଲେଜ ରାସ୍ତାରେ ଚଢ଼ଉ କରି ଏକ ଡାଲା ପିକଅପ୍ ଗାଡ଼ିକୁ ଅଟକାଇଥିଲା। ଗାଡ଼ିକୁ ଥାନାକୁ ଆଣି ଯାଞ୍ଚ କରିବା ପରେ ସେଥିରୁ ୧୮ଟି ଜରି ବସ୍ତାରେ ଭର୍ତ୍ତି ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ଏହାର ପରିମାଣ ୯ କ୍ୱିଣ୍ଟାଲ ୧୩ କେଜି ହୋଇଥିଲା। ଏହି ଘଟଣାରେ ପୁଲିସ ଗାଡ଼ିରେ ଥିବା ସଞ୍ଜୀପ କଅଁରକୁ ଗିରଫ କରିଛି। ତା ଘର ସେ ମନମୁଣ୍ଡା ଥାନା କୁରୁମୁଣ୍ଡା ଗ୍ରାମରେ। ଗଞ୍ଜେଇ ପରିବହନ ସମ୍ପର୍କିତ ଆବଶ୍ୟକ ଲାଇସେନ୍ସ ଓ କାଗଜପତ୍ର ମାଗିବାରୁ ସେ ଦେଖାଇ ପାରିନଥିଲେ।

## ଡୁଙ୍ଗୁରିପାଲି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

**ଡୁଙ୍ଗୁରିପାଲି,୧୧।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମଣ୍ଡଳ ବିଜେପି ତରଫରୁ ଆର୍‌ଏମ୍‌ସିଠାରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରବୀର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲ୍ଲାର ପ୍ରତିନିଧି ଭାବେ ଜିଲ୍ଲା ଉପସଭାପତି ରୁପାଧର ପଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନିତେଇ ପାଲ, ଗୋବିନ୍ଦ ବାରିକ, ବେଣୁଧର ମେହେର, ପଟୁଆରୀ ପଧାନ, ପୂର୍ଣ୍ଣଚନ୍ଦ୍ର ମେହେର, କଳାକାହ୍ନୁ ମହାନନ୍ଦ, ସୁଦାମ ନାଏକ, ଗଣେଶ୍ୱର ନାଏକ, ଗଣେଶ ମାଝୀ, ଶେଷଦେବ ପୋଢ, ସହଦେବ ବାରିକ, ମାନସ ଷଡଙ୍ଗୀ, ଅକ୍ଷୟ ପଧାନ, ଯୋଗେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ସେବା ସେତୁ ଅଭିଯାନ

**ବୌଦ୍ଧ,୧୧।୧୦(ସମିସ):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନ ଅଧୀନ ବ୍ଲକସ୍ତରୀୟ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ପାନେଶ୍ୱରୀ ଦେହୁରୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଯଦୁମଣି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

## ଆୟୁର୍ବେଦିକ ଓ ପ୍ରାକୃତିକ ଚିକିତ୍ସା ଶିବିର

**ଜହ୍ନାପଙ୍କ,୧୧।୧୦(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ ସିଦ୍ଧଗୁରୁ ମଠରେ ଆୟୁର୍ବେଦିକ ଓ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ପ୍ରସିଦ୍ଧ ଆଧାତ୍ମିକ ଅନୁଷ୍ଠିତ ଶ୍ରୀକୃଷ୍ଣ ଚୈତନ୍ୟ ଭ୍ରାମ୍ୟମାଣ ସତସଙ୍ଗ ଦ୍ୱାରା ଏହି ଅବସରରେ ସତସଙ୍ଗ କାର୍ଯ୍ୟକ୍ରମକ ଆୟୋଜିତ ହୋଇଥିଲା। ମଠର ମହନ୍ତ ତ୍ୟାଗୀ ସର୍ବେଶ୍ୱର ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପୂଜକ ଭାବେ ବଳରାମ ପାଢ଼ୀ, ପୁରାଣ ବ୍ୟାସ ଭାବେ ଶ୍ରୀରାମ ପଣ୍ଡା, ଭ୍ରାମ୍ୟମାଣ ସତସଙ୍ଗ କଥା ବ୍ୟାସ ମନରଞ୍ଜନ ଦାସ କାର୍ଯ୍ୟକ୍ରମ ତୁଲାଇଥିଲେ। ଭ୍ରାମ୍ୟମାଣ ସତସଙ୍ଗ ଅନୁଷ୍ଠାନର ସଭାପତି ତ୍ରିଲୋଚନ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଡମ୍ବରୁଗଡ଼ ମଠ ପରିଚାଳନା କମିଟି ସଭାପତି ପୟୋଧର ମହାକୁଳ, ସମ୍ପାଦକ ମନୋଜ ମହାକୁଡ଼, ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧ୍ୟକ୍ଷ ମୟସେନ ରଣା, ସଦସ୍ୟ ଶିବ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ଡା. ନିରାକାର ବେହେରା ଯୋଗଦେଇ ପରାମର୍ଶ ଦେଇଥିଲେ। ବୈଦ୍ୟଶାଳା କାର୍ଯ୍ୟକ୍ରମକୁ କୃତ୍ତିବାସ ପଲିଆ, ଗିରିଶଚନ୍ଦ୍ର ବଘାର, ମହେନ୍ଦ୍ର ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

### ନାକଡେଇଁ ଜଙ୍ଗଲରେ ଚାରାରୋପଣ

# ପ୍ରକୃତି, ପରିବେଶର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ

**ବୀରମହାରାଜପୁର,୧୧।୧୦ (ସମିସ):**

ଜଙ୍ଗଲ ସ୍ୱଚ୍ଛତା, ଚାରଣଭୂମିର ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ଜୈବବିବିଧତାର ରକ୍ଷା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ୍ ନାକଡେଇଁ ଜଙ୍ଗଲରେ ଦୟା ସରାବନି ଯୋଗ ଟ୍ରଷ୍ଟ ପକ୍ଷରୁ ଏକ ପ୍ରକୃତି ସୁରକ୍ଷା ଅଭିଯାନ ଆୟୋଜନ କରାଯାଇଥିଲା। ପ୍ରକୃତି ଓ ପରିବେଶର ସୁରକ୍ଷା କେବଳ ସରକାର କିମ୍ବା କୌଣସି ଗୋଟିଏ ସଂସ୍ଥାର ଦାୟିତ୍ୱ ନୁହେଁ; ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରେ ନାକଡେଇଁ ଜଙ୍ଗଲରୁ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପାଖାପାଖି ୧୫କିଗ୍ରା ପ୍ଲାଷ୍ଟିକ ବୋତଲ, ପଲିଥିନ, କାଚ ବୋତଲ ସଂଗ୍ରହ କରାଯାଇ ଜଙ୍ଗଲରେ ଚାରା ରୋପଣ କରାଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ହୃଷୀକେଶ ଦେହେରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିଯାନରେ ଜଙ୍ଗଲର ସ୍ୱଚ୍ଛତା ବଜାୟ ରଖିବା, ପ୍ରାକୃତିକ ସମ୍ପଦର ସୁରକ୍ଷା, ବନ୍ୟପ୍ରାଣୀଙ୍କ ବାସସ୍ଥାନ ସଂରକ୍ଷଣ ଏବଂ ପରିବେଶର ସନ୍ତୁଳନ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ଚାରଣଭୂମିର ସୁରକ୍ଷା, ଜଙ୍ଗଲରେ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଆବର୍ଜନା ପକାଇବାରୁ ନିବୃତ୍ତ ରହିବା, ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ନ କରିବା ଏବଂ ବେଆଇନ ଶିକାରକୁ ରୋକିବା ଉପରେ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହ ସ୍ଥାନୀୟ ଜୈବବିବିଧତାର ସୁରକ୍ଷା, ବିରଳ ବୃକ୍ଷଲତା ଓ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ପକ୍ଷୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଜଙ୍ଗଲର ପ୍ରାକୃତିକ ପରିବେଶକୁ ଅକ୍ଷୁଣ୍ଣ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଜଙ୍ଗଲକୁ ପ୍ଲାଷ୍ଟିକ୍‌ମୁକ୍ତ ଓ ଆବର୍ଜନାମୁକ୍ତ ରଖିବା ସହ ପ୍ରକୃତିର ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋନପୁର ଜୁନିୟର ରେଡକ୍ରସର ବ୍ଲକ୍ ସଂଯୋଜକ ତଥା ଶିକ୍ଷକ ବିକ୍ରମ ନନ୍ଦ ଯୋଗଦେଇ ପ୍ରକୃତି ସୁରକ୍ଷା ଦିଗରେ ନିଜର ମତାମତ ସହ ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ପାଇଁ ଜନସଚେତନତା ବୃଦ୍ଧି ସହ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ। ଏହି ଅଭିଯାନରେ ଚନ୍ଦ୍ରମଣି ଦାସ ଯୁବକ ସଂଘ, ବାଘପାଲିର ସଦସ୍ୟ ହିମାଂଶୁ ପ୍ରଧାନ, ସୁଧାଂଶୁ ପ୍ରଧାନ, ଆକାଶ ବଗର୍ତ୍ତି ଓ ଜିତେନ୍ଦ୍ର ଥାଟିଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ ସ୍ୱେଚ୍ଛାସେବୀ ଜ୍ଞାନରଂଜନ ପ୍ରଧାନ, ସୁରେନ୍ଦ୍ର ଘିମିଲ, କିଶାନ ରଥ, ଆର୍ଯ୍ୟନ ମିଶ୍ର, ଅସିତ୍ ଦେହେରି, ଶିତିକଣ୍ଠ ଥନାପତି ଉପସ୍ଥିତ ରହି ପ୍ରକୃତି ସୁରକ୍ଷାର ବାର୍ତ୍ତା ପ୍ରସାର କରିଥିଲେ।



## ରୋଜଗାର ପାଇଁ ଯାଇଥିଲେ; ଶବ ଫେରିଲା

**ତରଭା,୧୧।୧୦(ସମିସ):** ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ପେଟ ପାଟଣା ପାଇଁ ଦାଦନ ଯାଇଥିଲେ; ହେଲେ ଶବ ଫେରିଛି। ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଘଟକଇଁତରା ଗ୍ରାମରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଏହି ଗ୍ରାମର ଦାମୋଦର ମହାନନ୍ଦ(୫୦) ତାମିଲନାଡୁ ଇରୋଡର ଏକ ଘରୋଇ ବିସ୍କୁଟ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ତାଙ୍କୁ ସାଲେମ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକ ତାମିଲନାଡୁ ଯାଇ ଦାମୋଦରଙ୍କ ଶବ ଆଣିବା ଅସମ୍ଭବ ହୋଇ ପଡ଼ିଥିଲା। ଗ୍ରାମର କିଛି ଭଦ୍ର ବ୍ୟକ୍ତି ଓ ଆମ୍ବେଦକର ସାମାଜିକ ସେବା ସଂଘର ସଦସ୍ୟ ଶ୍ରମ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ। ଶ୍ରମିକ ଜଣକ କାମ କରୁଥିବା କମ୍ପାନୀକୁ ଶ୍ରମ ବିଭାଗ ଯୋଗାଯୋଗ କରିଥିଲା। ଶେଷରେ ଦାମୋଦରଙ୍କ ଶବ ଗାଁରେ ପହଞ୍ଚିଛି। ଏହି ସମୟରେ ତରଭା ଅତିରିକ୍ତ ଶ୍ରମ ଅଧିକାରୀ ସପ୍ରତିଭ ପ୍ରଧାନ ଗାଁରେ ପହଞ୍ଚିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଯାହା ସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରମ ଅଧିକାରୀ ତାଙ୍କ ପରିବାରକୁ କହିଛନ୍ତି।

କେସିଙ୍ଗା ଛାତ୍ର ସଂସଦ ନିର୍ବାଚନ

# ନାକଚ ହୋଇଥିବା ଛାତ୍ରନେତାଙ୍କ ପ୍ରାର୍ଥିପତ୍ର କାଏମ୍

**କେସିଙ୍ଗା, ୧୧।୧୦(ସମିସ)**

ସଭାପତି ପଦ ପାଇଁ ନାକଚ ହୋଇଥିବା କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟର ବିଜେଡି ସମର୍ଥିତ ଛାତ୍ରନେତା ଅନୁଭବ ପଟ୍ଟନାୟକଙ୍କ ନାମାଙ୍କନ କାଏମ୍ କଲେ କେସିଙ୍ଗା ମହାବିଦ୍ୟାଳୟର ଗ୍ରିଭେନ୍ସ ସେଲ କମିଟି କର୍ତ୍ତୃପକ୍ଷ ଓ ମାଜିଷ୍ଟ୍ରେଟ। ଘଟଣା ଅନୁଯାୟୀ ମୋବାଇଲ ମାଧ୍ୟମରେ କଥା କଟାକଟିକୁ ନେଇ ବିଜେପି ସମର୍ଥିତ ଛାତ୍ରନେତା ଅଙ୍କିତ ପାଠକ ବିଜେଡି ସମର୍ଥିତ ଅନୁଭବ ପଟ୍ଟନାୟକଙ୍କ ନାମରେ ୮ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଓ ପ୍ରମାଣ ଆଧାରରେ କେସିଙ୍ଗା ପୁଲିସ ଅନୁଭବଙ୍କ ନାମରେ ୯ ତାରିଖ ଦିନ କେସ୍ ରେଜେଷ୍ଟ୍ରି କରିଥିଲେ। କଲେଜ ପକ୍ଷରୁ କେସିଙ୍ଗା ପୁଲିସକୁ ବିଭିନ୍ନ ପଦ ପାଇଁ ନିର୍ବାଚନ ଲଢୁଥିବା ସମସ୍ତ ୧୮ ଜଣ ପ୍ରତିଦ୍ୱନ୍ଦୀଙ୍କ କ୍ରିମିନାଲ ରେକର୍ଡ ମାଗିବାରୁ କେସିଙ୍ଗା ପୁଲିସ ପକ୍ଷରୁ ସମସ୍ତଙ୍କ ରେକର୍ଡ କଲେଜକୁ ଦିଆଯାଇଥିଲା। ସେଥିମଧ୍ୟରୁ ଅନୁଭବ ପଟ୍ଟନାୟକଙ୍କ ନାମରେ ୯ ତାରିଖରେ ଏକ କେସ୍ ରୁଜୁ ହୋଇଥିବା ଚିଠିରେ ଲେଖାଥିଲା। ପୁଲିସ ରିପୋର୍ଟକୁ ଆଧାରକରି କଲେଜ କର୍ତ୍ତୃପକ୍ଷ ତରବରିଆ ଭାବରେ ଅନୁଭବଙ୍କ ନାମାଙ୍କନ ନାକଚ କରି ଏକ ପ୍ରକାର ଅସନ୍ତୋଷର



ବାତାବରଣ ସୃଷ୍ଟି କରିଥିଲେ। ଯାହା କି ଛାତ୍ରଙ୍କ ସମେତ ବିଜେଡିରେ ମଧ୍ୟ ଅସନ୍ତୋଷ ଦେଖା ଦେଇଥିଲା। ଖବର ମିଳିବା ପରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ରାଜ୍ୟ ଛାତ୍ର ବିଜେଡିର ଟାଣୁଆ ନେତା ଅଭିନାସ ଠାକୁର କଲେଜକୁ ଯାଇ ଅଧ୍ୟକ୍ଷଙ୍କ ସହିତ ଅନୁଭବ ପଟ୍ଟନାୟକଙ୍କ ନାମାଙ୍କନ ନାକଚ ବିଷୟରେ ଆଲୋଚନା କରି ସୁପ୍ରିମକୋର୍ଟ ଏବଂ ଲିଙ୍ଗଡ଼ୋ କମିଶନର ନିୟମ ଆଧାରରେ ନିୟମ ଅନୁସାରେ ନାମାଙ୍କନ କାୟମ କରିବାକୁ ଅନୁରୋଧ କରିଥିଲେ। କଲେଜ ଅଧ୍ୟକ୍ଷ ମଧ୍ୟ ଅନୁଭବ ପଟ୍ଟନାୟକଙ୍କ ନାମାଙ୍କନ ନାକଚ ବିଷୟରେ କଲେଜର ନିର୍ବାଚନୀ ଟିମ୍ ଗ୍ରିଭେନ୍ସ ଲିଗାଲ ସେଲ ଓ ମାଜିଷ୍ଟ୍ରେଟ ଙ୍କ ସହିତ ଆଲୋଚନା କରି ଶେଷ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶନିବାର କଲେଜ ପରିସରରେ ନାକଚ ପ୍ରସଙ୍ଗରେ ବହୁ ସମୟ ଧରି ମାନସମନ୍ଥନ ପରେ କଲେଜ ନିର୍ବାଚନୀ ଟିମ ଓ ଗ୍ରିଭେନ୍ସ ଲିଗାଲ ସେଲ ଅନୁଭବ ପଟ୍ଟନାୟକଙ୍କ ନାକଚ ପ୍ରାର୍ଥିପତ୍ରକୁ କାଏମ ରହିଥିବା ଆଦେଶ ପାରିତ କରିଥିଲେ।

ବୋହୂକୁ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ

# ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର

**କୋକସରା, ୧୧।୧୦ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅଧୀନ ଗୋତମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଯୌତୁକ ଜନିତ ନିର୍ଯାତନା ଦେଇ ଶାଶୂ, ଶ୍ୱଶୁର ଓ ନଣନ୍ଦ ମିଶି ନିଜ ବୋହୂଙ୍କୁ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଆହତ ମହିଳାଙ୍କୁ ପ୍ରଥମେ ଭବାନିପାଟଣା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅଭିଯୋଗ ଅନୁସାରେ, ୨୦୨୧ ମସିହାରେ ଗୋତମୁଣ୍ଡା ଗ୍ରାମର ପବିତ୍ର ଲହଜଲଙ୍କ ପୁଅ ଲକ୍ଷ୍ମଣ ଲହଜଲଙ୍କ ସହିତ କୋକସରା ଥାନା ଉହଗାଁ ଗ୍ରାମର ଶଙ୍କରପ୍ରସାଦ ନାଏକଙ୍କ ଝିଅ ଗୀତାଞ୍ଜଳିଙ୍କର ବିବାହ ହୋଇଥିଲା। ହେଲେ ବିବାହର କିଛି ଦିନ ପରଠାରୁ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ ବିଭିନ୍ନ ପ୍ରକାରର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଏପରିକି କିଛି ଦିନ ତଳେ ତାଙ୍କ ଉପରେ ଗରମ ପାଣି ପକାଇ ଦିଆଯାଇଥିବା ନେଇ ଗ୍ରାମରେ ସାମାଜିକ ସମାଧାନ ମଧ୍ୟ ହୋଇଥିଲା। ମାତ୍ର ଏହାପରେ ମଧ୍ୟ ଶାଶୁଘର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିନଥିଲା। ଶନିବାର ଦିନ ପୁଣି ଯୌତୁକ ପ୍ରସଙ୍ଗକୁ ନେଇ ଗୀତାଞ୍ଜଳିଙ୍କୁ ନିର୍ମମ ଭାବେ ମାଡ଼ପିଟ୍ କରାଯିବା ସହ ଶ୍ୱଶୁର ତାଙ୍କୁ ମରଣାନ୍ତକ ଆକ୍ରମଣ କରି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ସମୟରେ ଶାଶୂ ନୀରବଦ୍ରଷ୍ଟା ସାଜିଥିବାବେଳେ ଦୁଇ ନଣନ୍ଦ ମଧ୍ୟ ନିଆଁ ଲଗାଇବାରେ ସହଯୋଗ କରିଥିବା ଅଭିଯୋଗପ୍ରତ୍ରରେ ଉଲ୍ଲେଖ ରହିଛି। ଘଟଣାର ଖବର ସମ୍ପର୍କୀୟଙ୍କଠାରୁ ପାଇ ଝିଅର ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନିପାଟଣା ମେଡିକାଲରୁ ତାଙ୍କୁ ବୁର୍ଲା ବଡ଼ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ଝିଅଙ୍କ ବାପା ରବିବାର ଆମପାଣି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତତ୍ପରତା ପ୍ରକାଶ କରି ଶାଶୂ ଓ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଆମପାଣି ପୁଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଉଚ୍ଛେଦ ପୂର୍ବରୁ ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ଖଡ଼ିଆଳ, ୧୧।୧୦ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ ୪ ଛେଲିଆପଡ଼ାର ଭବାନୀପାଟଣା ରାଜ୍ୟ ରାଜପଥ ୧୬ରୁ ବିଶି ବନ୍ଧକୁ ସଂଯୋଗ କରୁଥିବା ରାସ୍ତାର ଓସାର ବୃଦ୍ଧିକୁ ନେଇ ସମସ୍ୟା ଦେଖାଦେଇଛି। ରାସ୍ତା ଓସାର କରିବା ପାଇଁ ରାସ୍ତାକଡ଼ରେ ଥିବା କିଛି ଘର ଭଙ୍ଗାଯିବା ପୂର୍ବରୁ ରାସ୍ତାର ପ୍ରକୃତ ଲମ୍ବ ଓ ସୀମା ସରକାରୀ ଭାବେ ମାପଚୁପ କରି ନିର୍ଦ୍ଧାରଣ କରିବାକୁ ଛେଲିଆପଡ଼ାବାସୀ ଦାବି କରିଛନ୍ତି। ଏହି ଦାବିନେଇ ଶନିବାର ଛେଲିଆପଡ଼ାବାସୀ ଖଡ଼ିଆଳ ତହସିଲଦାର ନରସିଂ ଗଦବାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଏବଂ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କ ଉପସ୍ଥିତିରେ ଗ୍ରାମବାସୀ ନିଜର ଦାବି ଜଣାଇଥିଲେ। ପଡ଼ାବାସୀଙ୍କ ଦାବି ଅନୁଯାୟୀ, ରାସ୍ତା ଓସାର କରିବା ପୂର୍ବରୁ ତହସିଲ କାର୍ଯ୍ୟାଳୟର ଅମିନଙ୍କ ଦ୍ୱାରା ସରକାରୀ ଭାବେ ମାପଚୁପ କରାଯାଇ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଉ। ଏହାଦ୍ୱାରା କେତେ ଜାଗା ରାସ୍ତା ପରିସରଭୁକ୍ତ ଏବଂ କେଉଁ ଅଂଶରେ ଉଚ୍ଛେଦ ଆବଶ୍ୟକ, ତାହା ସ୍ପଷ୍ଟ ହୋଇପାରିବ। ପଡ଼ାବାସୀ କୌଣସି ବିବାଦ କିମ୍ବା ଯୁକ୍ତିତର୍କ ଚାହୁଁନଥିବା ବେଳେ ନିୟମ ଅନୁଯାୟୀ ନିରପେକ୍ଷ ମାପଚୁପ ପରେ ଆଇନଗତ ପ୍ରକ୍ରିୟାରେ ପରବର୍ତ୍ତୀ ପଦକ୍ଷେପ ନିଆଯାଉ ବୋଲି ଅନୁରୋଧ କରିଛନ୍ତି। ସେଥିପାଇଁ ଆସନ୍ତା ୧୩ ଅକ୍ଟୋବରରେ ତହସିଲଦାରଙ୍କ ଉପସ୍ଥିତିରେ ରାସ୍ତା ମାପଚୁପ କରାଇବା ସହ ଦଶହରା ପରେ ନିୟମାନୁଯାୟୀ ଉଚ୍ଛେଦ ସମ୍ପର୍କରେ ପଦକ୍ଷେପ ନେବାକୁ ପଡ଼ାବାସୀ ଦାବି ଜଣାଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏନ୍ଏସି ଓ ତହସିଲ ପ୍ରଶାସନ ନିରପେକ୍ଷ ଭାବେ ପଦକ୍ଷେପ ନେବେବୋଲି ଛେଲିଆପଡ଼ାବାସୀ ପୂର୍ବତନ ଏନଏସି ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି, ମନୋଜ ଦୀପ, ଜୟରାମ ତାଣ୍ଡି, ଉମାକାନ୍ତ ତାଣ୍ଡି, ରୀତା ସୁନା, ସୁରୁ ନିଆଲ, ଶମ୍ଭୁ ସୁନା, ସୁରଜ ଜଗତ, ହରିଷ ତାଣ୍ଡି ସମେତ ସମସ୍ତ ପଡ଼ାବାସୀ ଆଶା ପ୍ରକାଶ କରିଛନ୍ତି। ଏନେଇ ଖଡ଼ିଆଳ ତହସିଲଦାର ଶ୍ରୀ ଗଦବା ସମୟ ଦିଆଯାଇଛି, ଯାହାବି ହେବ ଶାନ୍ତି ପୂର୍ଣ୍ଣ ଭାବରେ ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ୱାର୍ଡ ନଂ-୭ର ଗୁରୁ ନାନକ ଛକରୁ ଲାଲ ସାହେବପଡ଼ା ଦେଇ କଲ୍ୟାଣ ମଣ୍ଡପ ନଂ-୨ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଅବୈଧ ନିର୍ମାଣ ଉଚ୍ଛେଦ ଆରମ୍ଭ ହୋଇଛି। ଏହି କ୍ରମରେ କିଛି ଘର ଭଙ୍ଗାଯାଇଥିବା ବେଳେ ଅନ୍ୟ ନିର୍ମାଣକାରୀମାନେ ନିଜ ଉଦ୍ୟମରେ ଉଚ୍ଛେଦ ପାଇଁ ରାଜି ହୋଇ ସମୟ ମାଗି ଲିଖିତ ଭାବେ ଜଣାଇଛନ୍ତି।

# ଗାନ୍ଧୀଛକ ମା' ଦୁର୍ଗାଙ୍କ ପୀଠରେ ନବଦିନାତ୍ମକ ପୂଜା

**ଭବାନୀପାଟଣା, ୧୧।୧୦ (ସମିସ):** ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ମା' ଦୁର୍ଗାଙ୍କ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତବର୍ଷ ଶକ୍ତିମୟୀ ମାଁ ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଧୁମଧାମରେ ଆରମ୍ଭ ହୋଇଛି। ପୂଜା କମିଟିର ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଶାନ୍ତନୁ କୁମାର ବେହେରା, ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ଭଇଁସାଳି, ଶ୍ୟାମଲାଲ ଅଗ୍ରୱାଲ, ସଦସ୍ୟ ବିଶ୍ୱଜିତ କର, ସତ୍ୟଜିତ କର, ସଞ୍ଜୟ ଜଏନ, ନରେଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଶୁଭମ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ମୁଖ୍ୟ ପୂଜକ ଭାବରେ ପଣ୍ଡିତ ମଙ୍ଗଲୁ ମିଶ୍ରଙ୍କ ତତ୍ୱାବଧାନରେ ପାଞ୍ଚ ଜଣ ପଣ୍ଡିତ ହବିସାନ୍ନରେ ରହି ଚଣ୍ଡୀପାଠରେ ସହଯୋଗ କରୁଛନ୍ତି।



ମା'ଠାକୁରାଣୀଙ୍କ ଝାମୁଯାତ୍ରାରେ ଉତ୍ସବମୁଖର ଜୁନାଗଡ଼

# କଣ୍ଟାଦୋଳି ଓ ଅଗ୍ନିକୁଣ୍ଡରେ ଚାଲିଲେ ଭୈରବ ଦେବତା

**ଜୁନାଗଡ଼, ୧୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ମା'ଠାକୁରାଣୀଙ୍କ ବାର୍ଷିକ ଦଶହରା ଓ ଝାମୁଯାତ୍ରା ଅବସରରେ ଆଜି ଉତ୍ସବମୁଖର ହୋଇଉଠିଥିଲା ସମଗ୍ର ଅଞ୍ଚଳ। ଜୁନାଗଡ଼ସ୍ଥିତ ଭୈରବ ପଡ଼ିଆ ନିକଟସ୍ଥ ଠାକୁରାଣୀ ଗୁଡ଼ି ପରିସରରେ ପୂଜାର୍ଚ୍ଚନା ପରେ ଅଗ୍ନିକୁଣ୍ଡରେ ଚାଲି ଏବଂ କଣ୍ଟା ଦୋଳିରେ ବସିବା ପରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଭୈରବ ଦେବତାଙ୍କ କଣ୍ଟାଦୋଳି ଓ ଅଗ୍ନିକୁଣ୍ଡରେ ଚାଲିବାର ପାରମ୍ପରିକ କାର୍ଯ୍ୟକ୍ରମ। ମା' ଠାକୁରାଣୀଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଝାମୁଯାତ୍ରା ଜୁନାଗଡ଼ ଅଞ୍ଚଳର ପ୍ରାଚୀନ ଧାର୍ମିକ ଆସ୍ଥା, ଲୋକବିଶ୍ୱାସ ଓ ସାଂସ୍କୃତିକ ପରମ୍ପରାର ପ୍ରତୀକ ଭାବେ ଗୁରୁତ୍ୱ ବହନ କରୁଛି। ଭକ୍ତି ଓ ଶ୍ରଦ୍ଧାର ପରିବେଶରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଯାତ୍ରାରେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



# ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣକଲେ ଅନ୍ୟା ଦାଶ

**ନୂଆପଡ଼ା, ୧୧।୧୦ (ସମିସ):** ନୂଆପଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭାବରେ ଅନ୍ୟା ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଶନିବାର ଦିନ ସନ୍ଧ୍ୟାରେ ପ୍ରଥମେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସୌଜନ୍ୟମୂଳକ ଭାବେ ପରିଦର୍ଶନ କରିଥିଲେ। ପରେ ଜିଲ୍ଲାପାଳ କକ୍ଷରେ ପହଞ୍ଚି ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲାର ବିକାଶକୁ ପ୍ରାଧାନ୍ୟତା ଦେଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ନୂତନ ଜିଲ୍ଲାପାଳଙ୍କ ଯୋଗଦାନ ପରେ ଜିଲ୍ଲାବାସୀ ଅନେକ ଆଶା ନେଇ ଅପେକ୍ଷା କରି ରହିଛନ୍ତି। ନୂଆପଡ଼ା ଜିଲ୍ଲା ଛତିଶଗଡ଼ ରାଜ୍ୟ ସୀମାନ୍ତରେ ରହିଥିବା ବେଳେ ଏବେବି ଲୋକଙ୍କ ଅନେକ ସମସ୍ୟା ରହିଛି। ତେବେ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟଧାରା ଶୈଳୀକୁ ନେଇ ଲୋକେ ଅନାଇ ବସିଥିବାବେଳେ ଜିଲ୍ଲାରେ ବିକାଶର ଧାରାକୁ କିଭଳି ଆଗକୁ ନେବେ ତାକୁ ନେଇ ଅପେକ୍ଷା।



# କୂଅରୁ ଭାଲୁ ଉଦ୍ଧାର

**ଖଡ଼ିଆଳ, ୧୧।୧୦(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କେନ୍ଦୁପାଟି ପଞ୍ଚାୟତର ଖଲିଆମୁଣ୍ଡା ଗ୍ରାମରେ ଏକ କୂଅରେ ପଡ଼ିଯାଇଥିବା ଏକ ବନ୍ୟପ୍ରାଣୀ ଭାଲୁକୁ ଖଡ଼ିଆଳ ବନ ବିଭାଗର ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛି। ବିଭାଗପକ୍ଷରୁ ଜେସିବି ସହାୟତାରେ ଭାଲୁଟିକୁ କୂଅରୁ ସୁରକ୍ଷିତ ଭାବେ ବାହାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଭାଲୁଟି ଜଙ୍ଗଲ ଭିତରକୁ ସୁରକ୍ଷିତ ଭାବେ ଫେରିପାରିବ କି ନାହିଁ, ସେନେଇ ବନ ବିଭାଗର କର୍ମଚାରୀ ମାନେ ଦୀର୍ଘ ସମୟ ଧରି ନିରୀକ୍ଷଣ କରିଥିଲେ। ଭାଲୁଟି ଖାଦ୍ୟ ପାଇଁ ଗ୍ରାମ ନିକଟକୁ ଆସିଥିବାବେଳେ କୂଅରେ ପଡ଼ିଯାଇଥିବା ଅନୁମାନ କରାଯାଉଛି।



# ପ୍ରଣବ ପଟ୍ଟନାୟକଙ୍କ ସ୍ମୃତିରେ 'ପ୍ରଣାମ ପ୍ରଣବ'

**ଭବାନୀପାଟଣା, ୧୧।୧୦ (ସମିସ):** ଭବାନୀପାଟଣା ୟୁଥ୍ଆଣ୍ଡ କଲଚରାଲ ଆସୋସିଏସନ୍ ସୁରସଙ୍ଗୀତ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚାମନ୍ଦିର ପରିସରରେ କାଳଜୟୀ କଣ୍ଠ ଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ସ୍ମୃତିରେ 'ପ୍ରଣାମ ପ୍ରଣବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବରିଷ୍ଠ ନାଗରିକ ସୁଧାଂଶୁ ଶେଖର ନେଗୀ, ଜିଲ୍ଲା ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର, ସତ୍ୟ ନାରାୟଣ ମହାପାତ୍ର, ସ୍ୱାଧୀନ ପାତ୍ର, ଲଳିତ କାନୁନଗୋ, ହରଜିନ୍ଦର୍ ସିଂହ, ଶିକ୍ଷାବିତ୍ ଡ଼. ଅଜୟ ମିଶ୍ର, ବିଶିଷ୍ଟ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଗତୀ ଗ୍ରୁପର ମୁଖ୍ୟ ଅଜୟ ପଣ୍ଡା ଓ ପ୍ରକୃତିବନ୍ଧୁ ପ୍ରଦୀପ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କିମ୍ବଦନ୍ତୀ କଣ୍ଠ ଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ୧୦୮ ମହମବତି ଜଳାଇ ଅତିଥି ଓ ଦର୍ଶକ ମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାପରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ତ୍ରିପାଠୀ, ସଭାପତି ଭୁପେସ ତ୍ରିପାଠୀ, ଶୁଭେନ୍ଦୁ ପାଢ଼ୀ, ରମେଶ ସିଂହ, ରଜନୀ କାନ୍ତ ମୁନି, ଦିବାକର ସାହୁ ଓ ହସିନା ମାଝୀ ପ୍ରଣବ ପଟ୍ଟନାୟକ ଗାଇଥିବା ଚଳଚ୍ଚିତ୍ର ସଙ୍ଗୀତ ଗୁଡ଼ିକ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଅବନୀକାନ୍ତ ଦାଶ, ସୁବାସ ଭୋଇ, ଦେବାଶିଷ ପାଢ଼ୀ, ଜୟରାମ ସାହୁ, ବାବୁଲାଲ ଶର୍ମା, ଦିବ୍ୟାନନ୍ଦ କର ଓ ପିଣ୍ଟୁ ପଣ୍ଡା ରହିଥିଲେ। ଡ.ଉମେଶ ଚନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ କଣ୍ଠ ଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କୁ ଭବାନୀପାଟଣା ୟୁଥ୍ଆଣ୍ଡ କଲ୍ଚରାଲ ଆସୋସିଏସନ୍ ସୁର ସଙ୍ଗୀତ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରିବା ନିମନ୍ତେ ଘୋଷଣା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ତ୍ରିବିକ୍ରମ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଶିକ୍ଷକଙ୍କ ଅନିୟମିତ ଉପସ୍ଥାନ ଓ ଶ୍ରେଣୀକୋଠରି ଅଭାବ ସମସ୍ୟା

# ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

**ଥୁଆମୂଳ ରାମପୁର, ୧୧।୧୦(ସମିସ):** ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟସ୍ତ ଚିତ୍ରକୁ ନେଇ ଗତ ୧ ତାରିଖରେ ଖବର ପ୍ରକାଶ ପାଇଥିଲା। ହେଲେ ଖବର ପ୍ରକାଶର ଏତେ ଦିନ ପରେ ମଧ୍ୟ ଶିକ୍ଷା ବିଭାଗର ଠୋସ୍ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳି ନ ଥିବା ଅଭିଯୋଗ ହୋଇଛି। ଶନିବାର ସମ୍ପୃକ୍ତ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭାରପ୍ରାପ୍ତ ଏବିଇଓ ନରେନ୍ଦ୍ର କାମ୍ପାଲ। ତେବେ ଏହି ପଦକ୍ଷେପ ନେବାରେ ଏତେ ବିଳମ୍ବ କାହିଁକି, ତାହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକଙ୍କ ଅନିୟମିତ ଉପସ୍ଥାନ ଓ ଶ୍ରେଣୀକୋଠରି ଅଭାବ ଭଳି ସମସ୍ୟାକୁ ନେଇ ପୂର୍ବରୁ ଖବର ପ୍ରକାଶ ପାଇଥିଲା। କାଣିଗୁମା ପଞ୍ଚାୟତର ଜୁବାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୪୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଗୋଟିଏ ମାତ୍ର କୋଠରିରେ ପାଠପଢ଼ା ଚାଲୁଥିବା ଅଭିଯୋଗ ହୋଇଥିଲା। ଦୁଇଜଣ ଶିକ୍ଷକ ନିଯୁକ୍ତ ଥିଲେ ମଧ୍ୟ ସେମାନେ ପାଳି କରି ବିଦ୍ୟାଳୟକୁ ଆସୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଥୁଆମୂଳ ପଞ୍ଚାୟତ ଅଧୀନ ପୋଖରେସ୍ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିବା ଏବଂ ଗୋକଲମା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ




ପାଳିକରି ଉପସ୍ଥାନ ନେଇ ମଧ୍ୟ ଅଭିଯୋଗ ଆସିଥିଲା। ସିଆଳିପଦର ବିଦ୍ୟାଳୟରେ ମଧ୍ୟ ଜଣେ ଶିକ୍ଷକ ଅନୁପସ୍ଥିତ ଥିବା ନେଇ ଖବର ପ୍ରକାଶ ପାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ତୁରନ୍ତ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ଖବର ପ୍ରକାଶର ଅନେକ ଦିନ ପରେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ସୂଚନା ମିଳିବା ପରେ ବିଭାଗୀୟ ତଦାରଖ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। କେବଳ ନୋଟିସ୍‌ରେ ସୀମିତ ରହିବ କି କାର୍ଯ୍ୟାନୁଷ୍ଠାନ? ଏହା ଏବେ ସବୁଠାରୁ ବଡ଼ ପ୍ରଶ୍ନ। ନୋଟିସ୍ ଜାରି କରିବା ଏକ ପ୍ରାରମ୍ଭିକ ପଦକ୍ଷେପ ହୋଇଥିବା ବେଳେ ଅଭିଯୋଗର ସତ୍ୟତା ଯାଞ୍ଚ, ଶିକ୍ଷକଙ୍କ ଉପସ୍ଥାନ ରେକର୍ଡ ଯାଞ୍ଚ ଏବଂ ବିଦ୍ୟାଳୟରେ ନିୟମିତ ପାଠପଢ଼ା ସୁନିଶ୍ଚିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଦୁର୍ଗମ ଅଞ୍ଚଳର ଗରିବ ଓ ଆଦିବାସୀ ପରିବାରର ପିଲାମାନଙ୍କ ଭବିଷ୍ୟତ ଶିକ୍ଷା ଉପରେ ନିର୍ଭର କରୁଥିବା ବେଳେ ଶିକ୍ଷକଙ୍କ ଅନିୟମିତ ଉପସ୍ଥାନ ଏବଂ ଭିତ୍ତିଭୂମିର ଅଭାବ ସେମାନଙ୍କ ପାଠପଢ଼ାକୁ ପ୍ରଭାବିତ କରିବା ଚିନ୍ତାଜନକ। ତେଣୁ ଶିକ୍ଷା ବିଭାଗ କେବଳ କାଗଜପତ୍ରରେ ନୁହେଁ, ବରଂ କ୍ଷେତ୍ରସ୍ତରରେ ଯାଞ୍ଚ କରି ବିଦ୍ୟାଳୟଗୁଡ଼ିକରେ ନିୟମିତ ପାଠପଢ଼ା ସୁନିଶ୍ଚିତ କରିବା ଆବଶ୍ୟକ। ଏବେ ଦେଖିବାକୁ ବାକି ରହିଲା, କାରଣ ଦର୍ଶାଅ ନୋଟିସ୍ ପରେ ଶିକ୍ଷା ବିଭାଗ କି ପଦକ୍ଷେପ ନେଉଛି ଏବଂ ଦୁର୍ଗମ ଅଞ୍ଚଳର ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାରେ ପ୍ରକୃତ ସୁଧାର ଆସୁଛି କି ନାହିଁ।

# ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍‌ରେ ମ. ରାମପୁରର ସୁଭମ

**ମ. ରାମପୁର, ୧୧।୧୦(ସମିସ):** ଫୁଟବଲ୍ ପ୍ରତି ଅଦମ୍ୟ ଆଗ୍ରହ, କଠିନ ପରିଶ୍ରମ ଓ ନିଷ୍ଠା ବଳରେ ବ୍ଲକସ୍ତରରୁ ଜିଲ୍ଲା ଅତିକ୍ରମ କରି ରାଜ୍ୟସ୍ତରରେ ପହଞ୍ଚିଛନ୍ତି କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଅଲାତରା ଗ୍ରାମର ସୁଭମ ସାହୁ। ଅଣ୍ଡର-୧୭ ବାଳକ ବର୍ଗରେ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ସେ ନିଜ ପରିବାର ସହ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୁଭମ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଦନପୁରର ନବମ ଶ୍ରେଣୀର ଛାତ୍ର। ତାଙ୍କବାପା ପ୍ରଦୀପ କୁମାର ସାହୁ ଓ ମାଆ ମମିତା ସାହୁ। ବ୍ଲକସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରି ସେ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ପରେ ଜିଲ୍ଲାସ୍ତରରୁ ରାଜ୍ୟସ୍ତରୀୟ ଦଳରେ ସ୍ଥାନ ପାଇଥିଲେ। ଅଣ୍ଡର-୧୭ ବାଳକ ବର୍ଗରେ କଳାହାଣ୍ଡି ଜିଲ୍ଲାରୁ ମନୋନୀତ ୧୫ ଜଣ ଖେଳାଳିଙ୍କ ମଧ୍ୟରେ ମ. ରାମପୁର ବ୍ଲକରୁ ସେ ଏକମାତ୍ର ଖେଳାଳି ହୋଇଥିବାରୁ ଏହା ଅଞ୍ଚଳ ପାଇଁ ଏକ ବିଶେଷ ଗୌରବର ବିଷୟ ପାଲଟିଛି। ଅକ୍ଟୋବର ୮ରୁ ୧୧ ତାରିଖ ପର୍ଯ୍ୟନ୍ତ କୋରାପୁଟଠାରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍‌ରେ ସୁଭମ ଭାଗ ନେଇ ପ୍ରମାଣପତ୍ର ହାସଲ କରିଛନ୍ତି। ଏହି ସଫଳତା ପଛରେ ଫୁଟବଲ୍ ପ୍ରଶିକ୍ଷକ ନିତେଶ କୁମାର ମିଶ୍ରଙ୍କ ମାର୍ଗଦର୍ଶନ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇଛି। ସୁଭମଙ୍କ ଏହି ସଫଳତାରେ ପରିବାର, ବିଦ୍ୟାଳୟ, ପ୍ରଶିକ୍ଷକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଆଗାମୀ ଦିନରେ ଜାତୀୟସ୍ତରରେ ଫୁଟବଲ୍ ଖେଳି ଦେଶ ପାଇଁ ପ୍ରତିନିଧିତ୍ୱ କରିବା ତାଙ୍କର ସ୍ୱପ୍ନ। ସୁଭମଙ୍କ ଏହି ସଫଳତା ଅଞ୍ଚଳର ଅନ୍ୟଯୁବ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ନିଜ ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

**ଲାଞ୍ଜିଗଡ଼, ୧୧।୧୦(ସମିସ):** ଏହିବ୍ଲକ ଲାଞ୍ଜିଗଡ଼ରୋଡ ପଞ୍ଚାୟତ ଅଧୀନ କିଡିଙ୍ଗ ଗ୍ରାମରେ ଏକ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତଚାଳକ ଜମୁନାବାହାଲ ଗାଁର ଜିଙ୍କୁଭୋଇ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଏକ ଟ୍ରାକ୍ଟର କାଉଗୁଡ଼ା-କିଡିଙ୍ଗ ନୂତନ ଆରଡି ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲା। କାମ ସାରି ନିଜ ଘରକୁ ଫେରୁଥିବା ବେଳେ କିଡିଙ୍ଗ ସ୍ଥିତ ଏକ ଧାନ ଜମିରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଚାଳକ ଟ୍ରାକ୍ଟର ତଳେ ଚାପିହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଘଟଣାଘଟିବା ପରେ କିଡିଙ୍ଗ ଗାଁର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଶବକୁ ଉଦ୍ଧାର କରିଥିଲେ। ଖବରପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀମୋହନ ପିଡିକା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ଏବଂ ତଦନ୍ତ ଜାରି ରଖିଛନ୍ତି।

# କରଚଲାରେ ଧୁମ୍‌ଧାମରେ ଘୁମୁରା ପ୍ରତିଯୋଗିତା

**ଜୁନାଗଡ଼, ୧୧।୧୦ (ସମିସ):** ଜୁନାଗଡ଼ ବ୍ଲକ କରଚଲା ଗ୍ରାମର ଚନ୍ଦ୍ରଶେଖର ମହାଦେବ ପୂଜା କମିଟି ଆନୁକୂଲ୍ୟରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ଘୁମୁରା ଦଳ ଭାଗନେଇ ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ପର୍ଲା ନୂଆପଡ଼ା ପ୍ରଥମ, ଅନ୍ତର୍ଲା ଦ୍ୱିତୀୟ ଏବଂ ଘଣ୍ଟିଗୁଡ଼ା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଅଭିମନ୍ୟୁ ପଣ୍ଡା ଓ ମୁଖ୍ୟବକ୍ତା ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ସମ୍ମାନିତ ଅତିଥିମାନେ ଯୋଗଦେଇ ଘୁମୁରା ନୃତ୍ୟର ଐତିହ୍ୟ ଓ ମହତ୍ତ୍ୱ ଉପରେ ମତ ରଖିଥିଲେ। ଏହି ଅବସରରେ ରୋହିତ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ସୁବାସ ଚନ୍ଦ୍ର ଲହଜଲଙ୍କ ସମେତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

ନୂଆଖାଇ ଭେଟ୍‌ଘାଟ୍

# ନାରୀ ଶିକ୍ଷା ଓ ସମାଜ ସଂସ୍କାର ଉପରେ ଗୁରୁତ୍ୱ

**କୋକସରା, ୧୧।୧୦(ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର ବିଭିନ୍ନ ସମାଜ ପକ୍ଷରୁ ଉତ୍ସାହଜନକ ପରିବେଶରେ 'ନୂଆଖାଇ ଭେଟଘାଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ସ୍ଥିତ ଧାନ ମଣ୍ଡିଠାରେ ପଞ୍ଚାୟତସ୍ତରୀୟ ପଣ୍ଡରାମାଳୀ ସେବାସଂଘ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଜଗଦୀଶ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ନାଏକ ମୁଖ୍ୟ ଅତିଥି ଏବଂ ନରସିଂ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଯମୁନା ନାଏକ, ନାଏବ ସରପଞ୍ଚ ବିଜୁ ନାଏକ, ଡମବୁଡା ନାଏକ, ସମ୍ପାଦକ ବିଶ୍ୱନାଥ ନାଏକ, ସହ ସମ୍ପାଦକ ଅଜିତ ନାଏକ, ଉପସଭାପତି ରୁପଧର ନାଏକ, କୋଷାଧ୍ୟକ୍ଷ ରଘୁନାଥ ନାଏକଙ୍କ ସମେତ ଭଜମନ ନାଏକ, ହରିଶ୍ଚନ୍ଦ୍ର ନାଏକ ଓ ଦୁତିକା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ନାରୀ ସଶକ୍ତିକରଣ, ଶିକ୍ଷା, ରାଜନୀତି ଏବଂ ସମାଜର ନୀତିଆଦର୍ଶକୁ ଆପଣାଇ କିପରି ସମାଜକୁ ଆଗକୁ ନିଆଯାଇ ପାରିବ ସେନେଇ ବିଶେଷ ଆଲୋଚନା ହୋଇଥିଲା। ବିଶେଷକରି ନାରୀଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରତିଭା ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କେଦାର ନାଏକ ଓ ହେମରାଜ ନାଏକ ମଞ୍ଚ ସଂଯୋଜନା କରିଥିବାବେଳେ କର୍ପୁର ନାଏକ, ଚୌଧୁରୀ ନାଏକ, କୃଷ୍ଣଚନ୍ଦ୍ର ନାଏକ, ଧର୍ମାନନ୍ଦ ନାଏକ, ପର୍ଶୁରାମ ବିଶି, ନରେଶ ଚନ୍ଦ୍ର ନାଏକ, ନକୁଳ ନାଏକ, ମହାନ୍ତି ମାଝୀ, ମାନସିଂ ନାଏକ, ଯଦୁମଣି ନାଏକ, ଲୋକେଶ୍ୱର ନାଏକ, ଟିକେଶ୍ୱର ନାଏକ ଏବଂ ବିଜୟ ମଶ୍ରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କୋକସରା ବ୍ଲକ ଆଦିସ୍କନ୍ଦ ସମାଜ ପକ୍ଷରୁ ଝୁଲେନବର ପିଣ୍ଡାପଦର ଠାରେ ମଧ୍ୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସମାଜର ସଭାପତି ବୈଦ୍ୟନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟକ୍ତି କେଶରୀ ପୁଝାରୀ, ଦଶରଥ ପୁଝାରୀ, ଡିଙ୍ଗର ମାଝୀ, ସାଧୁରାମ ମାଝୀ ଓ ବିରେନ କନ୍ଧ ପ୍ରମୁଖ ଯୋଗଦେଇ ସମାଜର ଏକତା ଓ ଉନ୍ନତି ଦିଗରେ ମତବ୍ୟକ୍ତ କରିଥିଲେ। ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ସାମାଜିକ ବନ୍ଧୁ ଓ ଜନସାଧାରଣ ଯୋଗଦେଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ମନମୁତାବକ କାମ ମିଳିବ।

**ବୃଷ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମିଥୁନ:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**କର୍କଟ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ସିଂହ:** ଇଚ୍ଛା ପୂରଣ ହେବ। ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅପ୍ରିୟ ସତ କହି ହଇରାଣରେ ପଡ଼ିପାରନ୍ତି। ଧାର୍ମିକକାର୍ଯ୍ୟରେ ମନୋନିବେଶ କରିବେ।

**କନ୍ୟା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେଇପାରେ।

**ତୁଳା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି। ଦାନ ଧର୍ମ କରିବେ।

**ବିଛା:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ନିବେଶରୁ ଲାଭ ମିଳିବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**ଧନୁ:** କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିପାରେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ପିଲାମାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତିତ ରହିବେ।

**ମକର:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କୁମ୍ଭ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମୀନ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରୁହନ୍ତୁ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

## ଆଜିର ଇତିହାସ

- ୧୮୭୯- ବ୍ରିଟିଶ୍ ସେନା କାବୁଲ୍ ଓ ଆଫଗାନିସ୍ତାନ ଉପରେ କବ୍‌ଜା କଲେ।
- ୧୯୦୧- ଆମେରିକାର ରାଷ୍ଟ୍ରପତି ଥିଓଡର ରୁଜ୍‌ଭେଲଟ୍ ରାଷ୍ଟ୍ରପତି ଭବନର ନାମ ବଦଳାଇ 'ହ୍ୱାଇଟ୍ ହାଉସ୍' ରଖିଲେ।
- ୧୯୬୪- ବିଶ୍ୱରେ ପ୍ରଥମ ଥର ସୋଭିଏତ୍ ସଂଘ ବିନା ସ୍ପେସ୍ ସୁଟ୍‌ରେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇଲା।
- ୨୦୦୨- ବାଲିର ଏକ ନାଇଟ୍ କ୍ଲବ୍‌ରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୨୦୨ ଲୋକଙ୍କ ମୃତ୍ୟୁ।
- ୨୦୦୪- ପାକିସ୍ତାନ ଘୋରି ୧ ମିସାଇଲ୍ ପରୀକ୍ଷା କଲା।

# ବିଶ୍ୱ ଗଣ୍ଠିବାତ ଦିବସ



ଶରୀରର କୌଣସି ଗଣ୍ଠି ଫୁଲିବା ଓ ଦରଜ ହେବା ସମସ୍ୟାକୁ ସାଧାରଣତଃ ଗଣ୍ଠିବାତ ବା ଆର୍ଥରାଇଟିସ୍ କୁହାଯାଏ। ଏହା ମଧୁମେହ, ରକ୍ତଚାପ, ଶ୍ୱାସରୋଗ ଓ ଥାଇରଏଡ୍ ଭଳି ଏକ ଦୀର୍ଘସ୍ଥାୟୀ ରୋଗ। ସାଧାରଣତଃ ବୟସ ବଢ଼ିବା ସହିତ ଏହି ସମସ୍ୟା ବୃଦ୍ଧି ପାଇଥାଏ, କିନ୍ତୁ ଏହା ଯେକୌଣସି ବୟସର ବ୍ୟକ୍ତିଙ୍କୁ ମଧ୍ୟ ପ୍ରଭାବିତ କରିପାରେ। ଏହାର ମୁଖ୍ୟ ଲକ୍ଷଣଗୁଡ଼ିକ ହେଉଛି ଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହେବା, ଫୁଲିଯିବା ଏବଂ ଗଣ୍ଠିଗୁଡ଼ିକ ଟାଣ ହୋଇଯିବା, ଯାହାଫଳରେ ଚଲାବୁଲା କରିବାରେ ଅସୁବିଧା ହୋଇଥାଏ। ଓଷ୍ଟିଓଆର୍ଥ୍ରାଇଟିସ୍ ଏବଂ ରିଉମାଟଏଡ୍ ଆର୍ଥ୍ରାଇଟିସ୍ ଏହାର ଦୁଇଟି ସବୁଠାରୁ ସାଧାରଣ ପ୍ରକାର। ଏହି ରୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ 'ୱାର୍ଲଡ୍ ଆର୍ଥ୍ରାଇଟସ୍ ଡେ' ବା 'ବିଶ୍ୱ ଗଣ୍ଠିବାତ ଦିବସ' ଭାବେ ପାଳନ କରାଯାଉଛି। ଗଣ୍ଠିର କ୍ଷୟ ହୋଇ ପାଣି ଜମିଲେ ଏହା ଫୁଲିଯାଏ ଓ ଯନ୍ତ୍ରଣା ହୁଏ। ଏହାସହ ଗଣ୍ଠିରେ ଅତ୍ୟଧିକ ଚାପ ପଡ଼ିଲେ ମଧ୍ୟ ଗଣ୍ଠିବାତ ରୋଗ ହୋଇଥାଏ। ବିଶେଷକରି ମୋଟା ଲୋକଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଯାଇଥାଏ। ମଧୁମେହ, ରକ୍ତଚାପ ଭଳି ଗଣ୍ଠିବାତ କେବଳ ଭାରତର ନୁହେଁ, ଏହା ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖିବାକୁ ମିଳୁଛି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏହି ଗଣ୍ଠିବାତ ସମସ୍ୟାରେ ଅଧିକ ପୀଡ଼ିତ ବୋଲି ଜଣାପଡ଼ିଛି। ଏହା ଏକ ଅଟୋଇମ୍ୟୁନ ରୋଗ ଯେଉଁଥିରେ ଶରୀରର ରୋଗପ୍ରତିରୋଧକ ଶକ୍ତି ଅନିୟନ୍ତ୍ରିତ ହୋଇ ବିଭିନ୍ନ ଗଣ୍ଠିକୁ ଆକ୍ରମଣ କରେ। ରିଉମାଟଏଡ୍ ଫ୍ୟାକ୍ଟର ଏବଂ ଆଣ୍ଟି ସିସିପି ଆଦି କ୍ଷତିକାରକ ଆଣ୍ଟିବଡି ଏଥିରେ ଦେଖାଯାଏ। ଠିକ୍ ସମୟରେ ରୋଗ ନିୟନ୍ତ୍ରିତ ନ ହେଲେ ପରିସ୍ରାରେ ପ୍ରୋଟିନ୍ ଯିବା, ଗୋଡରେ ଘା' ହେବା ସହ ଶ୍ୱେତ ରକ୍ତକଣିକା କମିଯାଇଥାଏ। ଫୁସ୍‌ଫୁସ୍ ମଧ୍ୟ ଏଥିରେ ପ୍ରଭାବିତ ହେଉଥିବା ଯୋଗୁ ଶୁଖିଲା କାଶ ହେବା ସହ ଅଳ୍ପବାଟ ଚାଲିଲେ ବି ଧଇଁସଇଁ ଲାଗେ।

ରୋଗର ଲକ୍ଷଣ, ହାଡ ଏକ୍ସ-ରେ, ରିଉମାଟଏଡ ଫ୍ୟାକ୍ଟର ଏବଂ ଆଣ୍ଟି ସିସିପି ପରୀକ୍ଷା କରି ଏହା ସମ୍ପର୍କରେ ଜଣାପଡିଥାଏ। ୧୯୯୬ରେ ପ୍ରଥମଥର ପାଇଁ 'ବିଶ୍ୱ ଗଣ୍ଠିବାତ ଦିବସ' ପାଳନ କରାଯାଇଥିଲା। ତେବେ ପୂର୍ବରୁ ବୟସାଧିକରେ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଥିଲେ। ମାତ୍ର ଏବେ ଏଥିରେ ଯୁବପିଢ଼ି ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ବିଶୃଙ୍ଖଳିତ ଜୀବନ ଶୈଳୀ ଯୋଗୁଁ ବିଶ୍ୱର ଅଧିକାଂଶ ଲୋକ ଏବେ ଏହି ରୋଗର ଶିକାର ହୋଇଥାନ୍ତି। ବଦଳୁଥିବା ଜୀବନଶୈଳୀ, ମେଦବହୁଳତା ଓ ଖାଦ୍ୟରେ ଅନିୟମିତତା ଏହାର କାରଣ। ଏଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ନିତିଦିନ ବ୍ୟାୟାମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ। ତା'ସହ ପୁଷ୍ଟିକର ଖାଦ୍ୟ ଖାଇବା ଦିଗରେ ଯତ୍ନବାନ ହେବା ଦରକାର। ସେହିପରି ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଚିକିତ୍ସା କରା ନ ଗଲେ, ଏଥିରୁ ମୁକୁଳିବା ସହଜ ନୁହେଁ। ଏ ଦୃଷ୍ଟିରୁ ଅସ୍ଥି ଜନିତ ଯେକୌଣସି ସମସ୍ୟା ଦେଖାଦେଲେ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ। ଗଣ୍ଠିବାତ ରୋଗ ଥିଲେ ରିଉମାଟୋଲୋଜି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ରୋଗରେ ଯନ୍ତ୍ରଣା କମାଇବା ପାଇଁ ପେନ୍‌କିଲର୍ ଦିଆଯାଏ। କେତେକ କ୍ଷେତ୍ରରେ ବିଶେଷଜ୍ଞଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବ୍ୟାୟାମ କରିବା ଫଳରେ ଗଣ୍ଠିଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ପାଏ। ଅତ୍ୟଧିକ ଯନ୍ତ୍ରଣା ହେଲେ ଗଣ୍ଠି ମଧ୍ୟରେ ଷ୍ଟେରଏଡ୍ କିମ୍ବା ଲୁବ୍ରିକେଣ୍ଟ ଇଞ୍ଜେକ୍ସନ୍ ଦିଆଯାଏ। ଚଳିତ ବର୍ଷ ବିଶ୍ୱ ଗଣ୍ଠିବାତ ଦିବସର ମୁଖ୍ୟ ବିଷୟବସ୍ତୁ ହେଉଛି "ଆପଣଙ୍କର ସ୍ୱପ୍ନଗୁଡ଼ିକୁ ହାସଲ କରନ୍ତୁ।" ଏହାର ଲକ୍ଷ୍ୟ ହେଉଛି ଗଣ୍ଠି ଯନ୍ତ୍ରଣା ସତ୍ତ୍ୱେ ରୋଗୀମାନଙ୍କୁ ନିଜ ଜୀବନର ଲକ୍ଷ୍ୟ ଏବଂ ସ୍ୱପ୍ନ ପୂରଣ କରିବା ପାଇଁ ମାନସିକ ସ୍ତରରେ ସଶକ୍ତ କରିବା।

# ଶାହାରୁଖ୍-କରିନା

## ୧୫ ବର୍ଷ ପରେ ଏକାଠି ଆସିବେ



ବଲିଉଡ୍ ସୁପରଷ୍ଟାର୍ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଆକ୍ସନ୍ ଚଳଚ୍ଚିତ୍ର 'କିଙ୍ଗ୍'ରେ ଦୀର୍ଘ ୧୫ ବର୍ଷ ପରେ ସେ କରିନା କପୁର ଖାନ୍‌ଙ୍କ ସହ ନଜର ଆସିବେ। ଏହି ଚଳଚ୍ଚିତ୍ରର ଏକ ସ୍ୱତନ୍ତ୍ର ଗୀତରେ କରିନା ଅତିଥି କଳାକାର ଭୂମିକାରେ ନଜର ଆସିବେ। ଏହି ଧମାକାଦାର ଗୀତର ନାମ 'ଡାଡି କୁଲ୍' ରଖାଯାଇଛି। ଚଳିତ ମାସ ଶେଷ ଆଡ଼କୁ ଦକ୍ଷିଣ ଆଫ୍ରିକାରେ ଏହାର ସୁଟିଂ ପାଇଁ ୫ ଦିନିଆ ସେଡ୍ୟୁଲ୍ ପ୍ରସ୍ତୁତ କରାଯାଇଛି। ଗୀତଟିର କମ୍ପୋଜିସନ୍ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ସଚିନ୍-ଜିଗର କରିଛନ୍ତି। ଏହି ଗୀତରେ ଜଣେ ଭାରତୀୟ ଏବଂ ଜଣେ ଆନ୍ତର୍ଜାତୀୟ କଳାକାରଙ୍କ ମଧ୍ୟରେ ଯୁଗଳବନ୍ଦୀ ଦେଖିବାକୁ ମିଳିପାରେ, ଯାହାକୁ ନିର୍ମାତାମାନେ ବର୍ତ୍ତମାନ ସୁଦ୍ଧା ଗୋପନ ରଖିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ୍' ଚଳଚ୍ଚିତ୍ରଟି ଚଳିତ ବର୍ଷ ୨୪ ଡିସେମ୍ବରରେ ସାରା ବିଶ୍ୱରେ ରିଲିଜ୍ ହେବାକୁ ଧାର୍ଯ୍ୟ ହୋଇଛି। ଏହାପୂର୍ବରୁ ଶାହାରୁଖ୍ ଏବଂ କରିନା 'ଅଶୋକା', 'କଭି ଖୁସି କଭି ଗମ୍' ଏବଂ ଶେଷଥର ପାଇଁ ୨୦୧୧ରେ 'ରା ୱନ୍' ଚଳଚ୍ଚିତ୍ରରେ ଏକାଠି ନଜର ଆସିଥିଲେ। ପ୍ରାୟ ୪୫୦ କୋଟି ଟଙ୍କାର ବଜେଟ୍‌ରେ ରେଡ୍ ଚିଲି ଏଣ୍ଟରଟେନମେଣ୍ଟ ଦ୍ୱାରା ଏହି ସିନେମା ନିର୍ମାଣ ହେଉଛି। ମୁମ୍ବାଇ ବ୍ୟତୀତ ପୋଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଭଳି ଆନ୍ତର୍ଜାତୀୟ ସ୍ଥାନରେ ଏହାର ହାଇ-ଅକ୍ଟେନ୍ ଆକ୍ସନ୍ ସିନ୍‌ଗୁଡ଼ିକ ସୁଟ୍ କରାଯାଉଛି।

## ଆଜି ଆସିଥିଲେ...

# ଅଭୁଲା ଅକ୍ଷୟ



ଅକ୍ଷୟ ମହାନ୍ତି (ଖୋକା ଭାଇ) ଓଡ଼ିଆ ସଙ୍ଗୀତ ଜଗତର ଜଣେ କାଳଜୟୀ ଗାୟକ, ସଙ୍ଗୀତଜ୍ଞ, ଗୀତିକାର, ଔପନ୍ୟାସିକ ଏବଂ ଅଭିନେତା ଥିଲେ। ଓଡ଼ିଆ ଗୀତ ଏବଂ ଆଧୁନିକ ସଙ୍ଗୀତର ଧାରାକୁ ବଦଳାଇବାରେ ତାଙ୍କର ଅବଦାନ ଅତୁଳନୀୟ, ସେଥିପାଇଁ ତାଙ୍କୁ ଓଡ଼ିଆ ସଙ୍ଗୀତର 'ମୁକୁଟ ବିହୀନ ସମ୍ରାଟ' ବୋଲି କୁହାଯାଏ। ପ୍ରେମ, ବିରହ, ଆଧ୍ୟାତ୍ମିକତା କିମ୍ବା ସାଧାରଣ ଜୀବନର ସ୍ପନ୍ଦନ-ସବୁଥିରେ ସେ ଭରି ଦେଇଥିଲେ ଏକ ନୂତନ ଶୈଳୀ। ୧୯୩୬ ମସିହା ଆଜିର ଦିନରେ ଅବିଭକ୍ତ କଟକ ଜିଲ୍ଲାର ବାଙ୍କିମୁଣ୍ଡେଇ ଗାଁରେ ଅକ୍ଷୟ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ ବିଚିତ୍ରାନନ୍ଦ ମହାନ୍ତି ଏବଂ ମା'ଙ୍କ ନାଁ ସୁବର୍ଣ୍ଣ ମଞ୍ଜରୀ ଦେବୀ। କଟକର ରେଭେନ୍ସା କଲେଜ ଓ ମଧୁସୂଦନ ଆଇନ କଲେଜରୁ ସେ ଶିକ୍ଷା ଗ୍ରହଣ କରିଥିଲେ। ମାତ୍ର ୨୨ ବର୍ଷ ବୟସରେ ସେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ମଧ୍ୟ ସଙ୍ଗୀତ ପ୍ରତି ଥିବା ଅହେତୁକ ଭଲପାଇବା ଯୋଗୁଁ ୭ ବର୍ଷ ପରେ ଚାକିରି ଛାଡ଼ି ସମ୍ପୂର୍ଣ୍ଣ ରୂପେ ସଙ୍ଗୀତ ସାଧନାରେ ନିଜକୁ ସମର୍ପି ଦେଇଥିଲେ। କୌଣସି ଆନୁଷ୍ଠାନିକ ସଙ୍ଗୀତ ଶିକ୍ଷା ନ ଥାଇ ମଧ୍ୟ ସେ ନିଜ ପ୍ରତିଭା ବଳରେ ଓଡ଼ିଆ ସଙ୍ଗୀତର ଧାରାକୁ ବଦଳାଇ ଦେଇଥିଲେ। ସେ ନିଜ ଜୀବନକାଳ ମଧ୍ୟରେ ୧୨୯ଟି ଚଳଚ୍ଚିତ୍ରରେ କଣ୍ଠଦାନ କରିବା ସହ ୭୫ଟି ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଏବଂ ୯୨ଟିରେ ଗୀତିକାର ସାଜିଥିଲେ। ସେ ମା' କଥାଚିତ୍ରରୁ ଗାୟକ ଭାବେ ଏବଂ 'ମଲାଜହ୍ନ' ଚଳଚ୍ଚିତ୍ରରୁ ଜଣେ ସଫଳ ସଙ୍ଗୀତ ନିର୍ଦ୍ଦେଶକ ଭାବେ ନିଜର ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଅନନ୍ୟ ଗାୟନ ଶୈଳୀ ଓ କାଳଜୟୀ ଗୀତଗୁଡ଼ିକ ପାଇଁ ସେ ଓଡ଼ିଶାର ଘରେ ଘରେ 'ଖୋକା ଭାଇ' ଭାବେ ପରିଚିତ ଥିଲେ। କିଛି ଲୁହ ପୋଛା ହୁଏ ପଣତ କାନିରେ, କିଛି ଲୁହ ପିଇଯାଏ ଓଠ...' 'ନିଶିବିଜନେ ଭାବେ ମନେ, ଉଡ଼ି ଉଡ଼ି ଉଡ଼ି ଯାରେ ଗୁଡ଼ି, 'ପୁଣ୍ୟର ନଦୀ ତୀରେ' ଏଭଳି ଅନେକ କାଳଜୟୀ ଗୀତରେ ନିଜର ଛାପ ଛାଡ଼ି ଯାଇଛନ୍ତି ଓଡ଼ିଆ ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି। ସେ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ସଙ୍ଗୀତ ଦୁନିଆର ଏକ ଅନୁଷ୍ଠାନ। ଆକାଶବାଣୀର ସୁଗମ ସଙ୍ଗୀତଠାରୁ ଓଡ଼ିଆ ସିନେମା ସଙ୍ଗୀତ ଏବଂ ଆଧୁନିକ ଓଡ଼ିଆ ସଙ୍ଗୀତ ଯାଏଁ ସବୁଠି ଖୋକା ଭାଇ କରିଥିଲେ ପରୀକ୍ଷାନିରୀକ୍ଷା। ସଙ୍ଗୀତ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ 'ଜୟଦେବ ପୁରସ୍କାର' ସମେତ ଅନେକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କେବଳ ସଙ୍ଗୀତ ନୁହେଁ, ସେ ମଧ୍ୟ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଥିଲେ। ଜୟଦେବ ପୁରସ୍କାର, ବିଭିନ୍ନ ରାଜ୍ୟ ପୁରସ୍କାର, ରାଜ୍ୟ ସଙ୍ଗୀତକାର ପୁରସ୍କାର, ଓଡ଼ିଶା ସିନେ କ୍ରିଟିକ ପୁରସ୍କାରରେ ମଣ୍ଡିତ ହୋଇଥିଲେ ଏହି ମହାନ ଗାୟକ। ୨୦୦୨ ମସିହା ନଭେମ୍ବର ୧୭ ତାରିଖରେ ଏହି ମହାନ ସଙ୍ଗୀତଜ୍ଞଙ୍କର ପରଲୋକ ଘଟିଥିଲା।

## ଆସ୍ଥା

# ପ୍ରସାଦ ଗ୍ରହଣର ଉପାୟ



ପ୍ରସାଦକୁ ମୁଖ୍ୟତଃ ଦୁଇ ହାତରେ ଗ୍ରହଣ କରାଯାଏ। ହିନ୍ଦୁ ଧର୍ମରେ ଏହା ପଛରେ ଶ୍ରଦ୍ଧା, ସମ୍ମାନ ଏବଂ ବିନମ୍ରତା ଭାବ ଥିବା କୁହାଯାଏ। ତେବେ ପ୍ରସାଦ ଗ୍ରହଣର ଉପାୟ କ'ଣ ରହିଛି। ସେ ସମ୍ପର୍କରେ ଜାଣିବା।

ମନ୍ଦିର ତଥା ଘରେ ପୂଜା କରାଯିବା ପରେ ପ୍ରସାଦ ବଣ୍ଟନ କରାଯାଏ। ଏହାକୁ ଲୋକେ ଦୁଇ ହାତରେ ଗ୍ରହଣ କରନ୍ତି। ମୁଖ୍ୟତଃ ଡାହାଣ ହାତ ଉପରେ ଏବଂ ବାମ ହାତ ତଳକୁ ରହିଥାଏ। ସେହିପରି ପ୍ରସାଦ ସାଧାରଣ ଭୋଜନଠାରୁ ଅଲଗା। କାରଣ ଏହାକୁ ପ୍ରଥମେ ଭଗବାନଙ୍କୁ ଭୋଗ ସ୍ୱରୂପ ଅର୍ପଣ କରାଯାଏ। ଏହା ପରେ ଏହାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ। ତେଣୁ ଏହାକୁ ଦୁଇ ହାତରେ ଗ୍ରହଣ କରି ଭଗବାନଙ୍କ ପ୍ରତି ଶ୍ରଦ୍ଧା ପ୍ରକଟ କରିବାକୁ ବୁଝାଏ। ପ୍ରସାଦ ଶବ୍ଦ ସଂସ୍କୃତରେ 'ପ୍ରସାଦମ୍' ସହିତ ଜଡ଼ିତ। ପୂଜା ସମୟରେ ଭଗବାନଙ୍କୁ ଫଳ, ମିଠା, ଅନ୍ୟ ସାମଗ୍ରୀ ଭୋଗ ଭାବେ ଅର୍ପଣ କରାଯାଏ। ପୂଜା ପରେ ଏହାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ସ୍ୱରୂପ ବଣ୍ଟନ କରାଯାଏ। ପ୍ରସାଦକୁ ଭଗବାନଙ୍କ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରାଯାଏ।

ଦୁଇ ହାତ ଆଗକୁ କରି ପ୍ରସାଦ ଗ୍ରହଣ କରିବା ଏହି କଥାର ପ୍ରତୀକ ଯେ, ଭକ୍ତ ନିଜ ଅହଂକାରକୁ ପଛରେ ରଖି ଈଶ୍ୱରଙ୍କ କୃପାକୁ ସ୍ୱୀକାର କରନ୍ତି। ମନ୍ଦିର ଓ ପୂଜାସ୍ଥଳକୁ ଯିବା ପୂର୍ବରୁ ହାତ ପରିଷ୍କାର ରଖିବା ଉଚିତ। ପ୍ରସାଦ ଗ୍ରହଣ କରିବା ବେଳେ ତରବର ହେବା ଅନୁଚିତ। ଦୁଇ ହାତ ଆଗକୁ କରି ଶ୍ରଦ୍ଧାରେ ପ୍ରସାଦ ଗ୍ରହଣ କରିବା ଉଚିତ। ଅନେକ ପରମ୍ପରାରେ ଡାହାଣ ହାତ ଉପରେ ଓ ବାମ ହାତ ତଳକୁ ରଖାଯାଏ। ପ୍ରସାଦକୁ ତୁରନ୍ତ ଗ୍ରହଣ କରନ୍ତୁ ନଚେତ ଘରକୁ ନେଇ ଖାଇବା ଉଚିତ। ପ୍ରସାଦକୁ ତଳେ ପକାଇବା ଓ ଅନାଦର କରିବା ଆଦୌ ଠିକ୍ ନୁହେଁ। ଅନ୍ୟପଟେ କିଛି ଲୋକ ପ୍ରସାଦ ଗ୍ରହଣ କରିବା ପରେ ହାତକୁ ମୁଣ୍ଡରେ ଲଗାନ୍ତି। ଏହା ମଧ୍ୟ ସମ୍ମାନ ଓ ଶ୍ରଦ୍ଧା ବ୍ୟକ୍ତ କରିବାର ଏକ ଉପାୟ।

# କନ୍ୟା ପୂଜା



**ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।**

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ, ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।
- କୌଣସି କାରଣ ପାଇଁ ୯ କନ୍ୟା ଏକକାଳୀନ ନ ମିଳିଲେ କନ୍ୟା ପୂଜା ରୋକିବା ଅନୁଚିତ। ଶ୍ରଦ୍ଧା ଅନୁସାରେ କମ୍ ସଂଖ୍ୟକ କନ୍ୟା ପୂଜା ଓ ଭୋଜନ କରାଯାଇପାରିବ। ଅନେକ ପରମ୍ପରାରେ ୨,୩,୫,୭ କିମ୍ବା ଜଣେ କନ୍ୟା ପୂଜା କରିବାର ମାନ୍ୟତା ଅଛି।

# ନୂଆ କାମ ପାଇଁ ୪ ବିଶେଷ ମୁହୂର୍ତ୍ତ



**କୌଣସି ନୂଆ କାମ ଆରମ୍ଭ କରିବା ପୂର୍ବରୁ ୪ ବିଶେଷ ମୁହୂର୍ତ୍ତ ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ତା'ସହ କେଉଁ ମୁହୂର୍ତ୍ତରେ କେଉଁ କାର୍ଯ୍ୟ ଆରମ୍ଭ କରିବା ଦରକାର, ସେନେଇ ସତର୍କ ରହିବା ଜରୁରି।**

**ଅଭିଜିତ୍ ମୁହୂର୍ତ୍ତ:** ଦିନର ମଧ୍ୟ ସମୟକୁ ଏହା ଇଙ୍ଗିତ କରେ। ଶୁଭକାର୍ଯ୍ୟ ଆରମ୍ଭ ପାଇଁ ଏହା ଉପଯୁକ୍ତ ସମୟ ବୋଲି ବିଚାର କରାଯାଏ। ମୁଖ୍ୟତଃ ନୂଆ କାମ, ଜରୁରି ବୈଠକ, ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ଅଭିଜିତ୍ ମୁହୂର୍ତ୍ତରେ କରିପାରିବେ।

**ରାହୁକାଳ:** ନୂଆ ଶୁଭ କାମ ଏହି ମୁହୂର୍ତ୍ତରେ କରିବା ଅନୁଚିତ। ଏଥିରେ ପୂର୍ବରୁ ଚାଲୁଥିବା କାମ ରୋକାଯାଏ ନାହିଁ। ବରଂ ଏହି ମୁହୂର୍ତ୍ତରେ ନୂଆ କାମ ଆରମ୍ଭ କରିବା ଅନୁଚିତ।

**ଗୋଧୂଳି ମୁହୂର୍ତ୍ତ:** ସୂର୍ଯ୍ୟାସ୍ତ ଆଖପାଖ ସମୟକୁ ଏହା ସୂଚାଏ। ଏହାକୁ ବିଶେଷ ଭାବେ ଶୁଭ କାର୍ଯ୍ୟ, ପ୍ରାର୍ଥନା ସହିତ ଜଡ଼ିତ।

**ପ୍ରଦୋଷ କାଳ:** ସୂର୍ଯ୍ୟାସ୍ତ ପରର ସନ୍ଧିକାଳକୁ ଏହା ଦର୍ଶାଏ। ପୂଜା, ଧ୍ୟାନ, ଶିବ ଆରାଧନା ଲାଗି ଏହା ଉପଯୁକ୍ତ। ନୂଆ କାମଠାରୁ ଅଧିକ ଏହି ସମୟ ମନକୁ ଶାନ୍ତ ରଖିବା ଏବଂ ସାଧନା ଲାଗି ଉପଯୁକ୍ତ ବୋଲି କୁହାଯାଏ।

# ନବରାତ୍ରୀରେ ନଅ ଦିନର ଭୋଗ

**ନବରାତ୍ରୀରେ ପ୍ରତିଦିନ ମା' ଦୁର୍ଗାଙ୍କ ଅଲଗା ଅଲଗା ସ୍ୱରୂପକୁ ପୂଜା କରାଯାଏ। ସେହିପରି ପ୍ରତ୍ୟେକ ଦିନ ମା'ଙ୍କ ପାଖରେ ଭିନ୍ନ ଭିନ୍ନ ଭୋଗ ଲାଗିର ପରମ୍ପରା ଅଛି।**



- ପ୍ରଥମ ଦିନ ମା' ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରିବାର ପରମ୍ପରା ଅଛି।
- ନବରାତ୍ରିର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କୁ ଚିନି ଭୋଗ କରିବା ଉଚିତ।
- ମା' ଚନ୍ଦ୍ରଘଣ୍ଟାଙ୍କୁ ତୃତୀୟ ଦିନରେ କ୍ଷୀର ଅର୍ପଣ କରନ୍ତୁ।
- ଚତୁର୍ଥ ଦିନରେ ମା' କୃଷ୍ମାଣ୍ଡଙ୍କୁ ମାଲପୁଆ ଭୋଗ ଲାଗି କରିବା ଭଲ।
- ପଞ୍ଚମ ଦିନରେ ମା' ସ୍କନ୍ଦମାତାଙ୍କୁ କଦଳୀ ଭୋଗ ଅର୍ପଣ କରନ୍ତୁ।
- ଷଷ୍ଠ ଦିନରେ ମା' କାତ୍ୟାୟନୀଙ୍କୁ ମହୁ ଅର୍ପଣ କରନ୍ତୁ।
- ସପ୍ତମ ଦିନରେ ମା' କାଳରାତ୍ରୀଙ୍କୁ ଗୁଡ଼ ଭୋଗ କରିବା ଶୁଭ।
- ଅଷ୍ଟମ ଦିନରେ ମା' ମହାଗୌରୀଙ୍କୁ ନଡ଼ିଆ ଅର୍ପଣ କରନ୍ତୁ।
- ନବମୀ ଦିନ ମା ସିଦ୍ଧିଦାତ୍ରୀଙ୍କୁ ରାଶି ଭୋଗ ଲାଗି କରନ୍ତୁ।

## ଇନ୍ଦୋରରେ ଅଭିଷେକଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଅର୍ଶଦୀପଙ୍କ ବୋଲିଂ ସଫଳତା

# ହୋପ୍ ଫେଲ୍; ଭାରତ ୧୪ ରନ୍‌ରେ ବିଜୟୀ

ଇନ୍ଦୋର,୧୧।୧୦(ଏଜେନ୍ସି)

ପଞ୍ଜାବର ଦୁଇ ଖେଳାଳି ଯଥା ଅଭିଷେକ ଶର୍ମା (୩୦ବଲ୍‌ରେ ୬୯ରନ୍, ୬ଚୌକା, ୫ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଏବଂ ଅର୍ଶଦୀପ ସିଂହ (୪୪ରନ୍‌ରେ ୩ ୱିକେଟ୍)ଙ୍କ ବୋଲିଂ ସଫଳତା ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଭାରତ ୧୪ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଭାରତ ୨-୧ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଚତୁର୍ଥ ମୁକାବିଲା ହାଇଦରାବାଦ୍‌ରେ ଅକ୍ଟୋବର ୧୪ ତାରିଖରେ ଖେଳାଯିବ। ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଅଧିନାୟକ ଶେ ହୋପ୍ (୫ବଲ୍‌ରେ ୫ରନ୍)ଙ୍କ ବ୍ୟାଟିଂ ଫେଲ୍ ପରେ ୨୨୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ୱେଷ୍ଟଇଣ୍ଡିଜ୍ ସମାନ ସଂଖ୍ୟକ ଓଭରରେ ୭ ୱିକେଟ ହରାଇ ୨୦୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଯାହା ଫଳରେ ହୋପ୍‌ଙ୍କ ବିଫଳତା ଯୋଗୁଁ ଭାରତ ଏହି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା।

ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରି ଭାରତ ଓ ଏହାର ବୋଲରଙ୍କୁ ନାକେଦମ କରିଥିବା ୱେଷ୍ଟଇଣ୍ଡିଜ୍ ଲାଗି ଏହି ଟାର୍ଗେଟ ପୂରଣ କରିବା କଷ୍ଟକର ହେବ ନାହିଁ ବୋଲି ଆଶା କରାଯାଉଥିଲା। କିନ୍ତୁ ଦ୍ୱିତୀୟ ଓଭରରେ ଶେ ହୋପ୍(୫)ଙ୍କୁ ଆଉଟ କରି ଅର୍ଶଦୀପ ଭାରତୀୟ ଖେଳାଳିଙ୍କ ମନରୁ ଅଧା ଭୟ ଦୂର କରିଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ କାମିଲ ପୂରନ ୨୭ବଲ୍‌ରେ ୪୨, ସିମରନ ହେଟମାୟର (୨୬ବଲ୍‌ରେ ୪୩), ଶେରଫାନ ରଦରଫୋର୍ଡ (୨୦ବଲ୍‌ରେ ୩୨ରନ୍) ଓ ଶେଷଭାଗରେ ସାମର ସ୍ପ୍ରିଙ୍ଗର ୧୧ବଲ୍‌ରୁ ୨ଚୌକା ଓ ୪ଛକା ସହ ଅପରାଜିତ ୩୫ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ନ ଥିଲେ। ଭାରତ ପକ୍ଷରୁ ପ୍ରତିପକ୍ଷ ଦଳର ଦୁର୍ବଳତାରୁ ଫାଇଦା ଉଠାଇ ଅର୍ଶଦୀପ ସର୍ବାଧିକ ୩ଜଣ, ନମନ ଧୀର ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଅକ୍ଷର ପଟେଲ ଓ ନୀତୀଶ ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଦ୍ୱିତୀୟ ଓଭରରେ ଓପନର ସଞ୍ଜୁ ସାମସନ (୩)ଙ୍କୁ ହରାଇଥିଲା। ଏହା ପରେ ଅଭିଷେକ ଶର୍ମା ଓ ଇଶାନ କିଶାନ ଦ୍ୱିତୀୟ ୱିକେଟରେ କିଛିଟା ବିସ୍ଫୋରକ ବ୍ୟାଟିଂ କରି ୪୦ ବଲ୍‌ରୁ ୧୦୮ ରନ୍ ଉଠାଇଥିଲେ। ରୋଷ୍ଟୋନ ଚେଜ୍‌ଙ୍କ ବୋଲିଂରେ ଏକ ବଡ଼ ସଟ୍ ମାରିବାକୁ ଯାଇ ଇଶାନ ଶେ ହୋପ୍‌ଙ୍କ ଦ୍ୱାରା ଷ୍ଟମ୍ପ୍ ଆଉଟ ହେବା ପରେ ଭାରତର ବ୍ୟାଟିଂ ହଡବଡେଇ ଯାଇଥିଲା। ଏହି ସମୟରେ ଦଳୀୟ ସ୍କୋର ୧୧୫ ଥିଲା ଓ ଇଶାନ ମାତ୍ର ୧୮ ବଲ୍‌ରୁ ୬ଚୌକା ଓ ୧ଛକା ସହ ୩୭ ରନ୍ କରିଥିଲେ। ଏହା ପରେ ୧୧୭ ରନ୍‌ରେ ଶ୍ରେୟସ ଆୟର (୧), ୧୨୪ ରନ୍‌ରେ ଅଭିଷେକ ଶର୍ମା (୬୯), ୧୩୫ ରନ୍‌ରେ ନମନ ଧୀର (୧୦) ଆଉଟ ହୋଇଥିଲେ। ଏହି ସମୟରେ ତିଲକ ବର୍ମା ୧୬ବଲ୍‌ରୁ ୨୮, ନୀତୀଶ ରେଡ୍ଡୀ ୧୪ ବଲ୍‌ରୁ ୨୧ ଓ ଅକ୍ଷର ପଟେଲ ୧୪ ବଲ୍‌ରୁ ୨୦ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଅର୍ଶଦୀପ ସିଂହଙ୍କ ୮ବଲ୍‌ରୁ ୧୧ ଏବଂ ପ୍ରିନ୍ସ ଯାଦବଙ୍କ ୬ବଲ୍‌ରୁ ୩ ଚୌକା ସହ ଅପରାଜିତ ୧୩ ରନ୍ ଦଳକୁ କେବଳ ଆଶ୍ୱସ୍ତ କରିଥିଲା। ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ଏଭଳି ଏକ ଫ୍ଲାଟ୍ ପିଚ୍‌ରେ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରି ଭାରତୀୟ ବ୍ୟାଟରଙ୍କୁ ବେଶିସମୟ କ୍ରିଜ୍‌ରେ ତିଷ୍ଠି ରହିବାକୁ ସୁଯୋଗ ଦେଇ ନ ଥିଲେ। ରୋଷ୍ଟୋନ ଚେଜ୍, ସାମର ଯୋଶେଫ ଓ ସାମର ସ୍ପ୍ରିଙ୍ଗ୍‌ରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲାବେଳେ ୨ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।




### ସଂକ୍ଷିପ୍ତ ସ୍କୋର

**ଭାରତ** : ୨୨୩/୧୦,୨୦ ଓଭର (ଅଭିଷେକ-୬୯, କିଶାନ-୩୭, ଚେଜ୍-୨/୩୮, ସ୍ପ୍ରିଙ୍ଗର- ୨/୨୦, ଯୋଶେଫ-୨/୫୪)।

**ୱେଷ୍ଟଇଣ୍ଡିଜ୍** : ୨୦୯/୭,୨୦ ଓଭର (ପୂରନ-୪୨, ହେଟମାୟର- ୪୩, ସ୍ପ୍ରିଙ୍ଗର- ୩୫*, ଅର୍ଶଦୀପ-୩/୪୪)।

■ ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ-ଏ ସିରିଜ ଜିତିଲା

## ଭାରତ-ଏ'ର ସାନ୍ତ୍ୱନାମୂଳକ ବିଜୟ

ପୁଡୁଚେରୀ, ୧୧।୧୦ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଅନଅଫିସିଆଲ୍ ଦିନିକିଆ ମ୍ୟାଚରେ ଘରୋଇ ଭାରତ-ଏ ୪୯ ରନରେ ଅଷ୍ଟ୍ରେଲିଆ-ଏ'କୁ ପରାସ୍ତ କରିଛି। ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ-ଏ ଦଳ ଦିନିକିଆ ସିରିଜକୁ ୨-୧ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ-ଏ ସିରିଜର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୨୫ ଓ ୬୯ ରନରେ ପରାସ୍ତ ହୋଇଥିଲା। ରବିବାର ଖେଳାଯାଇଥିବା ୩ୟ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଭାରତ-ଏ ୪୭.୩ ଓଭରରେ ୨୭୫ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସୂର୍ଯ୍ୟାଂଶ ଶେଜଦେ ୬୬, ଓପନର ପ୍ରିୟାଂଶ ଆର୍ଯ୍ୟ ୪୯, ପ୍ରଭସିମରନ ସିଂହ ୩୯, ଅଧିନାୟକ ଋତୁରାଜ ଗାଏକ୍ୱାଡ ୩୩ ଓ ବିପରାଜ ନିଗମ ୪୦ ରନ କରିଥିଲେ। ଅଷ୍ଟ୍ରେଲିଆ-ଏ'ର ବେନ ଡାରୱିସ ଓ ୱିଲ ସଦରଲାଣ୍ଡଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ ୪୬.୨ ଓଭରରେ ୨୨୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଓପନର ଜୋଶ୍ ଫିଲିପ୍ସ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ଗୁରଜାପନୀତ୍ ସିଂହ ୩ ଏବଂ ଯଶ ଠାକୁର ଓ ନିଶାନ୍ତ ସିନ୍ଧୁଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

## ଟେଷ୍ଟରେ ସର୍ବାଧିକ କ୍ୟାଚ୍; ଷ୍ଟିଭ୍ ସ୍ମିଥ୍‌ଙ୍କ ବିଶ୍ୱରେକର୍ଡ

ଡର୍ବାନ, ୧୧।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଜଣେ ଫିଲ୍ଡର ଭାବରେ ଟେଷ୍ଟ କ୍ରିକେଟ୍ ଇତିହାସରେ ସର୍ବାଧିକ କ୍ୟାଚ୍ ଧରିବାର ରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସରେ ସ୍ମିଥ ଏହି କୀର୍ତ୍ତିମାନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସରେ ସେ ଏକାକୀ ୪ଟି କ୍ୟାଚ୍ ଧରିଥିଲେ। ସ୍ମିଥ ମ୍ୟାଚରେ ପ୍ରତିପକ୍ଷ ଅଧିନାୟକ ତେମ୍ବା ବଭୁମାର (୩ ରନ), ଡେଭିଡ୍ ବେଡିଙ୍ଗହାମ (୪୯), କେଲୀ ଭେରେନି (୧୩) ଓ ଆନରିଚ ନୋର୍ଜେ (୧୬ ରନ)ଙ୍କ କ୍ୟାଚ୍ ଧରିଥିଲେ। ଏଥିସହ ଟେଷ୍ଟ କ୍ରିକେଟରେ ସ୍ମିଥଙ୍କ କ୍ୟାଚ୍ ସଂଖ୍ୟା ୨୨୩ରେ ପହଞ୍ଚିଛି। ଏହିକ୍ରମରେ ସେ ଇଂଲଣ୍ଡର ଜୋ ରୁଟଙ୍କୁ ପଛରେ ପକାଇ ଦେଇଛନ୍ତି। କେବଳ ଫିଲ୍ଡର ଭାବରେ ରୁଟ୍ ୧୬୯ଟି ଟେଷ୍ଟରୁ ୨୨୦ଟି କ୍ୟାଚ୍ ଧରିଛନ୍ତି। ଯେତେବେଳେ କି ସ୍ମିଥ ମାତ୍ର ୧୨୬ତମ ଟେଷ୍ଟରେ ଏହି ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ୨୧୦ କ୍ୟାଚ ସହ ରାହୁଲ ଦ୍ରାବିଡ୍ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନରେ ସୀମିତ ରହିଛି।

## ଜାତୀୟ ହକିରେ ଅନମୋଲ୍‌ଙ୍କ ହ୍ୟାଟ୍ରିକ୍

ଭୁବନେଶ୍ୱର, ୧୧।୧୦ (ସମିସ): ଉତ୍ତରପ୍ରଦେଶର ଝାନ୍‌ସୀରେ ଚାଲିଥିବା ୧୬ତମ ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୯-୦ ଗୋଲ୍‌ରେ କେରଳକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅନମୋଲ ଏକ୍କା ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ଏହି ସମସ୍ତ ଗୋଲ୍ ସେ ପେନାଲ୍ଟି କର୍ଣ୍ଣରୁ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଦୀପସାନ ଏକ୍କା ୨ଟି ଏବଂ ସୁଦୀପ୍ ଚିରମାକୋ, ଆର୍ଯ୍ୟନ ଖେସ ଓ ରିତିକ ଲାକ୍ରାଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଓଡ଼ିଶା ଦଳ ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ଗତକାଲି ୧୮-୧ ଗୋଲ୍‌ର ବିଶାଳ ବ୍ୟବଧାନରେ ଉତ୍ତରାଖଣ୍ଡକୁ ହରାଇଥିଲା।

## ଭାରତ ବିପକ୍ଷ ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡର ୨୧ ଖେଳାଳି ଚୟନ

ଅକ୍‌ଲାଣ୍ଡ,୧୧।୧୦(ଏଜେନ୍ସି): ୨୦୨୩ରେ ଶେଷଥର ଦିନିକିଆ ମ୍ୟାଚ୍ ଖେଳିଥିବା ଫିନ୍ ଆଲେନ୍ ଓ ଲକି ଫର୍ଗୁସନଙ୍କ ସହ ଟିମ୍ ସେଇଫର୍ଟଙ୍କ ପ୍ରତ୍ୟାବର୍ତ୍ତନ ସହ ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ୨୧ ଜଣ ଖେଳାଳିଙ୍କୁ ଚୟନ କରିଛି। ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୪, ୭ ଓ ୧୦ରେ ଖେଳାଯିବାକୁ ଥିବା ପ୍ରଥମ ୩ଟି ମ୍ୟାଚ୍ ଲାଗି ଗୋଟିଏ ଦଳ ଏବଂ ନଭେମ୍ବର ୧୩ ଓ ୧୫ରେ ଖେଳାଯିବାକୁ ଥିବା ଶେଷ ଦୁଇଟି ମ୍ୟାଚ୍ ଲାଗି ଆଉ ଏକ ଦଳ ଘୋଷଣା କରାଯାଇଛି। ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସ୍ଥାନ ପାଇବାକୁ ଥିବା ଦିନିକିଆ ଦଳର ଖେଳାଳିଙ୍କୁ ଶେଷ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଏହି ଦଳକୁ ଭାରତୀୟ ବଂଶୋଦ୍ଭବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର ଫିଟ୍ ହେବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟେଷ୍ଟ ଅଧିନାୟକ ଟମ୍ ଲାଥମ ଓ ଡେଭନ କନୱେ ଟମ୍ ଲାଥମ (ଉଭୟ ୱିକେଟରକ୍ଷକ), ମ୍ୟାଟ୍ ହେନରୀ, କାଏଲ ଜାମିସନ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ନାଥାନ ସ୍ମିଥ୍‌ଙ୍କୁ ଶେଷ ୨ଟି ଦିନିକିଆରୁ ବାଦ୍ ଦିଆଯାଇଛି।

**ପ୍ରଥମ ୩ଟି ମ୍ୟାଚ୍ ଲାଗି ଘୋଷିତ ଦଳ:** ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରେସ୍‌ୱେଲ୍, ମାର୍କ ଚାପମ୍ୟାନ୍, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ୍ ହେନରୀ, କାଏଲ ଜାମିସନ, ଟମ୍ ଲାଥମ (ୱିକେଟରକ୍ଷକ), ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ନାଥାନ ସ୍ମିଥ୍, ୱିଲ ୟଙ୍ଗ୍ ଓ ବ୍ଲେୟାର ଟିକ୍‌ନର।

**ମ୍ୟାଚ୍ ୪ ଓ ୫ ଲାଗି ଟିମ୍:** ମିଚେଲ ସାଣ୍ଟନର (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ ବ୍ରେସ୍‌ୱେଲ୍, ମାର୍କ ଚାପମ୍ୟାନ୍, କ୍ରିଷ୍ଟିଆନ୍ କ୍ଲାର୍କ, ଜ୍ୟାକବ ଡଫି, ମ୍ୟାଟ୍ ଫିଶର, ଲକି ଫର୍ଗୁସନ, ମିଚେଲ ହେ' ଓ ଟିମ୍ ସେଇଫର୍ଟ (ୱିକେଟ ରକ୍ଷକ), ନିକ୍ କେଲୀ, ୱିଲ ୟଙ୍ଗ୍ ଓ ବ୍ଲେୟାର ଟିକ୍‌ନର।

## କେରଳା ବ୍ଲାଷ୍ଟର୍ସର ବିଜୟ ଅଭିଯାନ

ଆଇଏସଏଲ୍-୧୩

ପୁନେ, ୧୧।୧୦ (ଏଜେନ୍ସି): କେରଳା ବ୍ଲାଷ୍ଟର୍ସ ଦଳ ବିଜୟରୁ ଆଇଏସଏଲ୍-୧୩ରେ ଅଭିଯାନ ଆରମ୍ଭ କରିଛି। ରବିବାର ପୁନେର ବାଲେୱାଡି ଷ୍ଟାଡିୟମରେ ଅନୁଷ୍ଠିତ ମୁକାବିଲାରେ କେରଳା ୨-୦ ଗୋଲରେ ଇଷ୍ଟର କାଶୀକୁ ପରାସ୍ତ କରିଥିଲା। ମ୍ୟାଚରେ ଉଭୟାର୍ଦ୍ଧରେ ବ୍ଲାଷ୍ଟର୍ସ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲା। ୧୮ତମ ମିନିଟରେ ଅଧିନାୟକ ଭିବିନ ମୋହନାନଙ୍କ ଗୋଲ୍ ବଳରେ କେରଳା ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୪ତମ)ରେ ଇଂଲଣ୍ଡର ଆନ୍ଦ୍ରେ ଗ୍ରୀନ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ସ୍କୋର କରିଥିଲେ। ଆଷ୍ଟନ ଭିଲ୍ଲା କ୍ଲବର ପୂର୍ବତନ ଖେଳାଳି ଗ୍ରୀନ ଏଥିସହ ଆଇଏସଏଲର ପଦାର୍ପଣ ମ୍ୟାଚରେ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ଅପରପକ୍ଷରେ ଗୋଆର ଫାର୍ଟୋଡା ଷ୍ଟାଡିୟମରେ ମୁମ୍ବଇ ସିଟି ବିପକ୍ଷ ମ୍ୟାଚକୁ ଘରୋଇ ଚର୍ଚ୍ଚିଲ ବ୍ରଦର୍ସ ୨-୧ ଗୋଲରେ ବିଜୟୀ ରହିଛି।

● ଜାତୀୟ ଓପନ୍ ଆଥଲେଟିକ୍ସ

## ଓଡ଼ିଶାର ସରୁନ ଓ ମହିଳା ରିଲେ ଦଳକୁ ରୌପ୍ୟ

ଭୁବନେଶ୍ୱର, ୧୧।୧୦ (ସମିସ): ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ୬୫ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦୁଇଟି ରୌପ୍ୟ ପଦକ ମିଳିଛି। ଶେଷ ଦିନରେ ପୁରୁଷ ଲଙ୍ଗଜମ୍ପରେ ସରୁନ ପାୟସିଁ ଓ ୪ ଗୁଣା ୧୦୦ ମିଟର ମହିଳା ରିଲେ ରେସରେ ଓଡ଼ିଶାକୁ ଏହି ପଦକ ସଫଳତା ମିଳିଥିଲା। ସରୁନ ୭.୭୯ ମିଟର ଡେଇଁ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସସିବି)ର ମହମ୍ମଦ ସାଜିଦ (୭.୯୯ ମିଟର)ଙ୍କୁ ଏଥିରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ସେହିଭଳି ୪ ଗୁଣା ୧୦୦ ମିଟର ରିଲେ ରେସକୁ ଓଡ଼ିଶା ଦଳ ୪୫.୫୭ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଶ୍ରାବଣୀ ନନ୍ଦ, ବିନତୀ ବେହେରା, ମନିଷା ମେରେଇ ଓ ମଧୁସ୍ମିତା ଉତ୍ତମ ରାୟ ଓଡ଼ିଶା ରିଲେ ଦଳର ସଦସ୍ୟା ରହିଥିଲେ।

■ ଏସିଆନ ରଗ୍‌ବୀ ସିରିଜ୍

## ଭାରତୀୟ ଦଳରେ ଓଡ଼ିଶାରୁ ୮




ଭୁବନେଶ୍ୱର,୧୧।୧୦(ସମିସ): ଶ୍ରୀଲଙ୍କା ଲେଗ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏସୀୟ ରଗ୍‌ବୀ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଏହା ମଧ୍ୟରୁ ଭାରତୀୟ ମହିଳା ଦଳରେ ୫ ଓ ପୁରୁଷ ଦଳରେ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଖେଳାଳିମାନେ ହେଲେ ଡୁମୁଣି ମାରାଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାଏକ, ଆରତି ମୁର୍ମୁ ଓ ପାର୍ବତୀ ହାଁସ୍‌ଦା। ପୁରୁଷ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଗଣେଶ ଧାଙ୍ଗଡା ମାଝୀ, ଜୁଗଳ କିଶୋର ମାଝୀ ଓ ଆଶିଷ ଶବର।

## ରାଜ୍ୟ ଓପନ ଚେସ୍ ଜିତିଲେ ଶ୍ରୁଜନ ପ୍ରଣୟ

ଭୁବନେଶ୍ୱର,୧୧।୧୦(ସମିସ): ଯାଜପୁରର ଶ୍ରୁଜନ ପ୍ରଣୟ ରାୟଷଷ୍ଠ ରାକେଶ କୁମାର ସାହୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଦ୍ୱାରା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୁଜନ ଓ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ୍‌ଙ୍ଗା ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଶ୍ରୁଜନ ଚାମ୍ପିଅନ ଓ ଓମ୍‌ଆଦିତ୍ୟ ରନର୍ସଅପ୍ ହୋଇଥିଲେ। କଟକର ଲଳିତ ରଞ୍ଜନ ସାହୁ ତୃତୀୟ, ଭୁବନେଶ୍ୱର କେଭି-୧ର ଆଦର୍ଶ କୁମାର ରାଉତ ଚତୁର୍ଥ ଓ ଯାଜପୁରର ସଞ୍ଜୀବନ ନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।




ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ

## ଫାଇନାଲରେ ଓଡିଏମ୍ ଗ୍ଲୋବାଲ

ଭୁବନେଶ୍ୱର,୧୧।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ପ୍ରଥମ ଦଳ ଭାବେ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ୫-୦ ଗୋଲରେ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ପରାସ୍ତ କରିଥିଲା। ୨ଟି ଗୋଲ ଦେଇଥିବା ଆୟସ ଗୋପେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତାକାଲି କିସ୍ ବନାମ କ୍ୟାପିଟାଲ ସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଓଡିଏମ୍ ଗ୍ଲୋବାଲ ଫାଇନାଲ ଖେଳିବ। ଓଡ଼ିଶାର ପୂର୍ବତନ ମହିଳା ଖେଳାଳିଙ୍କୁ ଆଜି ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ ପକ୍ଷରୁ ସମ୍ବଦ୍ଧିତ କରାଯାଇଥିଲା।




■ ଇଣ୍ଡିଆନ୍ ୟୁନିସ୍ପୋର୍ଟ୍ସ ଫେଡେରେସନ୍

## ଅଚ୍ୟୁତ ସାମନ୍ତ ପ୍ରଥମ ସଭାପତି



ଭୁବନେଶ୍ୱର,୧୧।୧୦(ସମିସ): କିସ୍ ଓ କିଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆନ ୟୁନିସ୍ପୋର୍ଟ୍ସ ଫେଡେରେସନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ସର୍ବସମ୍ମତିକ୍ରମେ ସାମନ୍ତଙ୍କୁ ସଭାପତି ନିର୍ବାଚିତ କରାଯାଇଛି। ଏହି ସଂଘ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ପାଇଛି ଓ ୟୁନିଭର୍ସିଟି ସ୍ପୋର୍ଟ୍ସକୁ ଆଗକୁ ନେବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ ବୋଲି ସାମନ୍ତ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ୨୫,୦୦୦ ଟଙ୍କା ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ୭୫,୦୦୦ ଟଙ୍କା ଦେୟ ଦେଇ ଏହି ସଂଘରେ ସାମିଲ ହୋଇପାରିବେ।

## ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆଜିଠାରୁ

ଭୁବନେଶ୍ୱର,୧୧।୧୦ (ସମିସ): କ୍ରିକେଟ ଆସୋସିଏସନ ଅଫ୍ ଭିଜୁଆଲ ଇମ୍ପେୟାର୍ଡ (ସିଏଭିଆଇ) ଆନୁକୂଲ୍ୟରେ ଏକାଦଶ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ଅକ୍ଟୋବର ୧୬ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୮ଟି ଜିଲ୍ଲାରୁ ଟିମ୍ ଅଂଶଗ୍ରହଣ କରୁଛନ୍ତି। ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଖେଳାଯିବାକୁ ଏହି ଟୁର୍ଣ୍ଣାମେଣ୍ଟରୁ ଜାତୀୟ କ୍ରିକେଟ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯିବ ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକବାଲ ପ୍ରକାଶ କରିଛନ୍ତି।

ଓଡ଼ିଶା-ଗୁଜରାଟ ରଣଜୀ ମୁକାବିଲାର ପ୍ରଥମ ଦିନ

# ଗୌରବଙ୍କ ଶତକ, ସନ୍ଦୀପଙ୍କ ଅର୍ଦ୍ଧଶତକ

ଭୁବନେଶ୍ୱର,୧୧।୧୦(ସମିସ)

ଓପନର ଗୌରବ ଚୌଧୁରୀଙ୍କ ପ୍ରଥମଶତକ ଓ ସନ୍ଦୀପ ପଟ୍ଟନାୟକଙ୍କ ଅର୍ଦ୍ଧଶତକ ବଳରେ ଅହମଦାବାଦ୍‌ରେ ଗୁଜରାଟ ସହ ଆରମ୍ଭ ହୋଇଥିଲା ରଣଜୀ ଏଲିଟ-ସି' ଗ୍ରୁପ୍ ମୁକାବିଲାର ପ୍ରଥମ ଦିନ ଓଡ଼ିଶା ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୭୨ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଗୌରବ ୧୨୧ ଓ ସନ୍ଦୀପ ୬୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଶେଷଯାଏ ଆଉଟ ନ ହୋଇ ଚତୁର୍ଥ ୱିକେଟରୁ ୧୨୪ ରନ୍ ଉଠାଇବା ଫଳରେ ଓଡ଼ିଶା ଏକ ସମ୍ମାନଜନକ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଓଡ଼ିଶାର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅନ୍ୟତମ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଓମ୍‌ଟି ମୁଣ୍ଡେ ୩୭, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୯ ଓ ଓପନର ସ୍ୱସ୍ତିକ ସାମଲ ୯ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ଅଧିନାୟକ ଚିନ୍ତନ ଗଜ, ଆର୍ଜନ ନାଗସୱାଲା ଓ ଭେଟେରାନ ହର୍ଷଲ ପଟେଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଏହି ମ୍ୟାଚ୍‌ରେ ୩ଜଣ ଖେଳାଳି ରଣଜୀ ଡେବ୍ୟୁ କରିଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ଓମ୍‌ଟି ମୁଣ୍ଡେ ଓ ସମ୍ବିତ ବେଜା ଥିଲାବେଳେ ଗୁଜରାଟର ଜଣେ ଖେଳାଳି ସିଦ୍ଧାନ୍ତ ତ୍ରିବେଦୀ ଅଛନ୍ତି।





ଅହମଦାବାଦ୍‌ର ନରେନ୍ଦ୍ର ମୋଦୀ 'ବି' ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦଳ ଦ୍ୱିତୀୟ ଓଭରରେ ଓପନର ସ୍ୱସ୍ତିକ ସାମଲଙ୍କୁ ହରାଇଥିଲା। ସ୍ୱସ୍ତିକ ୯ ରନ୍ କରି ଆଉଟ ହେବା ପରେ ଗୌରବ ଚୌଧୁରୀ ବ୍ୟାଟିଂ ଭାର ନିଜ କାନ୍ଧରେ ବହନ କରି ଓଡ଼ିଶାର ସ୍କୋରକୁ ଆଗକୁ ବଢ଼ାଇଥିଲେ। ପ୍ରଥମେ ସେ ଦ୍ୱିତୀୟ ୱିକେଟରେ ଡେବ୍ୟୁଟାଣ୍ଟ ଓମ୍‌ଟି ମୁଣ୍ଡେଙ୍କ ସହ ୮୬, ତୃତୀୟ ୱିକେଟରେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ୫୩ ରନ୍ ଉଠାଇଥିଲେ। ୮୪ ବଲ୍ ଖେଳି ମୁଣ୍ଡେ ୬ ଚୌକା ସହ ୩୭ ଓ ଅଭିଜ୍ଞ ଶୁଭ୍ରାଂଶୁ ୪୬ବଲ୍‌ରୁ ୪ ଚୌକା ସହ ୨୯ ରନ୍ କରି ଆଉଟ ହୋଇଥିଲେ। ୧୪୮ ରନ୍‌ରେ ତୃତୀୟ ୱିକେଟ ପଡ଼ିବା ପରେ ଗୌରବ ଓ ସନ୍ଦୀପ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ। ଜୀବନର ୫ମ ରଣଜୀ ମ୍ୟାଚ୍‌ରେ ପ୍ରଥମ ଶତକ ହାସଲ କରିଥିବା ଗୌରବ ଚୌଧୁରୀ ଓ ସନ୍ଦୀପ ପଟ୍ଟନାୟକ ୨୫୨ ବଲ୍‌ର ସାମ୍ନା କରି ୧୨୪ ରନ୍ ଉଠାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଗୌରବ ୨୬୩ ବଲ୍ ଖେଳି ୧୦ ଚୌକା ଓ ୨ଛକା ସହ ୧୨୧ ଏବଂ ସନ୍ଦୀପ ପଟ୍ଟନାୟକ ୧୩୯ ବଲ୍‌ର ସାମନା କରି ୧୨ ଚୌକା ସହ ୬୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏଠାରେ ଗୁଜରାଟ ବୋଲରମାନେ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଆସନ୍ତାକାଲି ଦ୍ୱିତୀୟ ଦିନ ପୂରା ବ୍ୟାଟିଂ କରିବାକୁ ଯୋଜନା କରିଥିବା ଓଡ଼ିଶା ଏହି ମ୍ୟାଚ୍‌ରେ ଦୁଇଜଣ ଯାକ ପେସାଦାର ଖେଳାଳି ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ସୁଯୋଗ ଦେଇଥିଲାବେଳେ ୨ଜଣ ଖେଳାଳି ଓମ୍‌ଟି ମୁଣ୍ଡେ ଓ ସମ୍ବିତ ବେଜାଙ୍କୁ ଡେବ୍ୟୁ କରାଇଛି।

ଓଡ଼ିଶା ଏକାଦଶ: ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଓମ୍‌ଟି ମୁଣ୍ଡେ, ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ (ୱିକେଟରକ୍ଷକ), ନିନାଦ ରାଠୱା, ସମ୍ବିତ ବେଜା, ରାଜେଶ ମହାନ୍ତି, ଲଳିତ ଯାଦବ ଓ ବାଦଲ ବିଶ୍ୱାଳ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY